୬ ଏସୀୟକ୍ରୀଡ଼ା : ସୁଟିଂରେ ରୌପ୍ୟ ଜିତିଲେ ଈଶା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୪୦ ● ୨୯ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-240 ● 29th September 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


### ଚାରି ଦିନ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ମୁଲତବୀ

**ଭୁବନେଶ୍ୱର, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ତଥା ଚଳିତ ମୌସୁମୀ ଅଧିବେଶନ ନିର୍ଦ୍ଧାରିତ ଅବଧିର ୪ଦିନ ପୂର୍ବରୁ ସୋମବାର ଶେଷ ହୋଇଛି। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସନ୍ଧ୍ୟା ୬ଟା ୫୪ ମିନିଟ୍‌ରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ଆରମ୍ଭରୁ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଯଥାକ୍ରମେ ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ଏମ୍‌ଏମ୍‌ଡିଆର ସଂଶୋଧିତ ଆଇନ୍ ପ୍ରତ୍ୟାହାର ଦାବିରେ ହୋହଲ୍ଲା ନାରାବାଜି ଜାରି ରଖିବାରୁ ଲଗାତାର ୫ମ ଦିନ ପାଇଁ ଗୃହ କାର୍ଯ୍ୟ ଅଚଳ ହୋଇପଡିଥିଲା। ସୋମବାର ପ୍ରଥମାର୍ଦ୍ଧ ବୈଠକ ଆରମ୍ଭ ମଧ୍ୟ ବିରୋଧୀ ଦଳର ବିଧାୟକମାନେ ଗୃହ ମଝିକୁ ଆସି ସରକାର ବିରୋଧୀ ନାରାବାଜି ସହ ପୋଡିୟମ ବାଡେଇବା ଯୋଗୁ ହଟ୍ଟଗୋଳ ତୀବ୍ର ହୋଇଥିଲା। ପରବର୍ତ୍ତୀ ସମୟରେ ବିରୋଧୀ ଦଳର ବିଧାୟକମାନେ ପ୍ରତିବାଦରେ କକ୍ଷତ୍ୟାଗ ମଧ୍ୟ କରିଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକରେ କଂଗ୍ରେସ ବିଧାୟକ ସର୍ବଶ୍ରୀ ତାରାପ୍ରସାଦ ବାହିନୀପତି, ମଙ୍ଗୁ



ଖିଲ ଓ ପବିତ୍ର ସାଉଁଟା ଗୃହ ମଝିରେ ସେମାନଙ୍କ ଦାବିରେ ଘଣ୍ଟ ବାଡେଇ ଥିବା ବେଳେ ଦଳର ଅନ୍ୟ ବିଧାୟକମାନେ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ମଧ୍ୟ ବିଜେଡ଼ି ବିଧାୟକମାନେ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ। ଏହା ପରେ ବାଚସ୍ପତି ୧୦ ମିନିଟ୍ ପାଇଁ (୪ଟା ୨୧ରୁ ୪ଟା ୩୧ ପର୍ଯ୍ୟନ୍ତ) ଗୃହକୁ ମୁଲତବୀ କରିଥିଲେ। ପୁନର୍ବାର ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ବିଧାନସଭା କାର୍ଯ୍ୟସୂଚୀ ମୁତାବକ ରିପୋର୍ଟ ଓ ବିଲ୍ ଉପସ୍ଥାପନ ପାଇଁ ବାଚସ୍ପତି ସୁଯୋଗ ଦେଇଥିଲେ। ତଦନୁସାରେ ସଂପୃକ୍ତ ବିଭାଗୀୟ ମନ୍ତ୍ରୀମାନେ ରିପୋର୍ଟ ଉପସ୍ଥାପନ କରିଥିଲେ ଏହା ପରେ ୪ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ଯଥା-ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଏବଂ ନିଯୋଜ କର (ନିରସନ) ବିଲ୍ ୨୦୨୬, ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍ ୨୦୨୬, ଓଡ଼ିଶା ଜନବିଶ୍ୱାସ ବିଲ୍ ୨୦୨୬, ଓଡ଼ିଶା ଜିଏସ୍‌ଟି ସଂଶୋଧନ ବିଲ୍ ବିରୋଧୀ ଦଳର ଅନୁପସ୍ଥିତିରେ ବିଚାର ଆଲୋଚନା ପରେ ପାରିତ ହୋଇଥିଲା। ଏ ସବୁ ବିଲ୍ ପାରିତ ହେବା ପରେ ବାଚସ୍ପତିଙ୍କ ଅନୁମତି କ୍ରମେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ରାଜ୍ୟରେ ସାଂପ୍ରତିକ ଭୟାବହ ବନ୍ୟା ପରିସ୍ଥିତି ଦୃଷ୍ଟିରୁ ଜନସାଧାରଣଙ୍କ ସୁରକ୍ଷା ଓ ସହାୟତା ରାଜ୍ୟ ସରକାର ଓ ପ୍ରଶାସନର ସର୍ବୋଚ୍ଚ ପ୍ରାଥମିକତାର ସହ ଦାୟିତ୍ୱ ଓ କର୍ତ୍ତବ୍ୟ ହୋଇଥିବା ଦର୍ଶାଇ ଚଳିତ ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବା ନେଇ ବିଧିବଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ଉପରେ ବାଚସ୍ପତି ଗୃହର ମତ ଲୋଡିଥିଲେ। ବିଧାୟିକା ଉପାସନା ମହାପାତ୍ର, ବିଧାୟକ ଲକ୍ଷ୍ମଣ ବାଗ, ଏହି ପ୍ରସ୍ତାବକୁ ସମର୍ଥନ ଦେଇଥିଲେ। ଏହା ପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ବିରୋଧୀ ଦଳ ନେତା ଓ ବିଧାୟକମାନଙ୍କୁ ଫେରାଇ ଆଣିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓ ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ସେମାନେ ବିରୋଧୀ ଦଳକୁ ମନେଇବା ପାଇଁ ଯାଇଥିଲେ। ମନ୍ତ୍ରୀ ଶ୍ରୀ ନାୟକ ଗୃହକୁ ଫେରି ଜଣାଇଥିଲେ ଯେ, ସେମାନେ ବିରୋଧୀ ଦଳ ନେତା ଓ କଂଗ୍ରେସ ବିଧାୟକ ଦଳ ନେତାଙ୍କ ଚାମ୍ବରକୁ ଯାଇଥିଲେ ଏବଂ ଗୃହକୁ ଫେରିବା ପାଇଁ ଅନୁରୋଧ ମଧ୍ୟ ଜଣାଇଥିଲେ। ମାତ୍ର ସେମାନେ ଗୃହକୁ ଫେରିବେ ନାହିଁ ବୋଲି ନିର୍ଣ୍ଣୟ କରିଥିବା ବିଷୟ ଜଣାଇଛନ୍ତି ବୋଲି ଶ୍ରୀ ନାୟକ କହିଥିଲେ। ମନ୍ତ୍ରୀ କଥା ଶୁଣିବା ପରେ ବାଚସ୍ପତି *(ପୃଷ୍ଠା ୭ରେ)*

### ବିଧାନସଭାରେ ଉପସ୍ଥାପିତ ହେଲା ସିଏଜି ରିପୋର୍ଟ

# ଡିଏମଏଫ୍‌ରୁ ପାନୀୟ ଜଳ ସବୁଥିରେ ଅନିୟମିତତା

**ଭୁବନେଶ୍ୱର, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ଭାରତୀୟ ମହାଲେଖ ନିୟନ୍ତ୍ରକ (ସିଏଜି)ଙ୍କ ସାମାଜିକ, ଆର୍ଥିକ, ଖଣିଜ, ରାଜସ୍ୱ ଆଦି ୬ଟି ପ୍ରମୁଖ କ୍ଷେତ୍ର ସମ୍ପର୍କିତ ଅଡିଟ୍ ରିପୋର୍ଟ ଉପସ୍ଥାପନ କରିଛନ୍ତି।

ବିଧାନସଭାରେ ଏହି ରିପୋର୍ଟ ଉପସ୍ଥାପନ ପରେ ଓଡ଼ିଶାର ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ୍ (ଏଜି)ଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ୬ଟି ପ୍ରମୁଖ ଅଡିଟ୍ ରିପୋର୍ଟ ସାର୍ବଜନୀନ କରାଯାଇଛି, ଯେଉଁଥିରେ ପୂର୍ବ ସରକାରଙ୍କ




ସମୟରେ ହୋଇଥିବା ବ୍ୟାପକ ଆର୍ଥିକ ଅନୀୟମିତତା, ନୀତିଗତ ବିଫଳତା ଓ ଅସମ୍ଭବ ଅପବ୍ୟୟ ସଂକ୍ରାନ୍ତରେ ଉଲ୍ଲେଖ କରାଯାଇଛି।

ଓଡ଼ିଶା ସରକାରଙ୍କ ୨୦୨୩ ମାର୍ଚ୍ଚରେ ଶେଷ ହୋଇଥିବା ଅବଧିର ରେଭେନ୍ୟୁ ପରଫର୍ମାନ୍ସ ଓ କମ୍ପ୍ଲାଏନ୍ସ ଅଡିଟ୍ ରିପୋର୍ଟ ନମ୍ବର-୧ରେ ଜିଏସ୍‌ଟି ଏବଂ ଇ-ୱେ ବିଲ୍ ବ୍ୟବସ୍ଥାକୁ ନେଇ ଅନେକ ସାଙ୍ଘାତିକ ତ୍ରୁଟି ଦର୍ଶାଯାଇଛି। ୨୦୧୮ରୁ ୨୦୨୨ ମସିହା ମଧ୍ୟରେ କରାଯାଇଥିବା ଏହି ଅଡିଟରୁ ସ୍ପଷ୍ଟ ହୋଇଛି ଯେ, ଟିକସ ଆଦାୟ ବ୍ୟବସ୍ଥାରେ ଥିବା ଶିଥିଳତା ଯୋଗୁଁ ବଡ଼ ଧରଣର ଅନିୟମିତତା ଘଟିଛି।

ସେହିପରି ୨୦୧୯ରୁ ୨୦୨୪ ମଧ୍ୟରେ ରାଜ୍ୟରେ ୨୦୭ଟି ବୃହତ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିଲା ବେଳେ ସେଥିମଧ୍ୟରୁ ୧୩୩ଟି ‘ଜଳ ଜୀବନ ମିଶନ’ ଅଧୀନରେ ଥିଲା। ତେବେ ଜୁନ୍ ୨୦୨୪ ସୁଦ୍ଧା ଏଥିମଧ୍ୟରୁ ମାତ୍ର ୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଥିଲା। *(ପୃଷ୍ଠା ୭ରେ)*

# ୟୁପିଆଇ ପେମେଣ୍ଟ : କେନ୍ଦ୍ର ଏବଂ ଆରବିଆଇ ଠାରୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୮।୯**

ୟୁପିଆଇକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଛନ୍ତି। ଲକ୍ଷ ଲକ୍ଷ ଡିଜିଟାଲ୍ ବ୍ୟବହାରକାରୀ ଏବଂ ବ୍ୟବସାୟୀଙ୍କ ସହିତ ଜଡିତ ଏକ ପ୍ରମୁଖ ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମତାମତ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ୨,୦୦୦ ରୁ ଅଧିକ ମୂଲ୍ୟର ୟୁପିଆଇ ବାଣିଜ୍ୟ ପେମେଣ୍ଟ ଉପରେ ୦.୪% ବାଣିଜ୍ୟ ରିହାତି ହାର (ଏମଡିଆର) ଲାଗୁ କରିବାର ନିଷ୍ପତ୍ତି ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ସ୍ପଷ୍ଟ ଭାବରେ ମନା କରି ଦେଇଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଭାରତୀୟ ଜାତୀୟ ପେମେଣ୍ଟ କର୍ପୋରେସନ (ଏନପିସିଆଇ)କୁ ନୋଟିସ ଜାରି କରି ଏହି ଶୁଳ୍କର ଆଇନଗତ ଆଧାର କ'ଣ ଏବଂ ଏଥିରୁ ପ୍ରକୃତରେ କିଏ ରୋଜଗାର କରୁଛି ବୋଲି ପଚାରିଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ୨,୦୦୦ ରୁ ଅଧିକ ମୂଲ୍ୟର କିଛି ୟୁପିଆଇ କାରବାର ଉପରେ ଏମଡିଆର ଲାଗୁ କରିବାର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏକ ଆବେଦନ ସମୟରେ ଏହି ସମସ୍ୟା ଉପୁଜିଥିଲା। ଆବେଦନକାରୀ ନୂତନ ଶୁଳ୍କ ଗଠନ ଉପରେ ତୁରନ୍ତ ସ୍ଥଗିତ ରଖିବାକୁ ଆବେଦନ କରିଥିଲେ। କୋର୍ଟ ସ୍ଥଗିତ ରଖିବାକୁ ମନା କରିଦେଇ ସରକାର ଏବଂ ନିୟାମକ ସଂସ୍ଥାଗୁଡ଼ିକଠାରୁ ସମ୍ପୂର୍ଣ୍ଣ ବିବରଣୀ ତଲବ କରିଥିଲେ। ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମରେ ଏହି ଶୁଳ୍କ ପ୍ରଚଳନ କରିବା ପଛରେ କ'ଣ ନିୟମ ଅଛି ଏବଂ ଏହାର ଆର୍ଥିକ ଲାଭ କିଏ ପାଇବ ତାହା କୋର୍ଟ ପଚାରିଥିଲେ।

ନୂତନ ନିୟମ ଅନୁଯାୟୀ, ଅକ୍ଟୋବର ୧୫ ରୁ ୨,୦୦୦ ରୁ ଅଧିକ ମୂଲ୍ୟର ବ୍ୟକ୍ତି-ବ୍ୟବସାୟୀ (ପିଟୁଏମ ) *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଶିବରାଜଙ୍କ ରବି ଅଭିଯାନ ୨୦୨୬ ର ଶୁଭାରମ୍ଭ, କେନ୍ଦ୍ର, ରାଜ୍ୟମାନେ ଜଳବାୟୁ ଅନୁକୂଳ କୃଷି ରୋଡମ୍ୟାପ୍ ଆଣିବେ।
- କୁପ୍ୱାଡାରେ ସଡ଼କ ଦୁର୍ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ, ଛଅ ଜଣ ଆହତ।
- ଜମ୍ମୁ-କଶ୍ମୀର ବିଧାନସଭାରେ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଫେରାଇ ଆଣିବା ଲାଗି ପ୍ରସ୍ତାବ ପାରିତ।

# ୟୁଏନଜିଏରେ ପାକିସ୍ତାନକୁ ନିନ୍ଦାକଲେ ଜୟଶଙ୍କର

**ଜାତିସଂଘ, ୨୮।୯**

ଜାତିସଂଘ ସାଧାରଣ ସଭା (ୟୁଏନଜିଏ)ରେ ଭାରତ ପାକିସ୍ତାନକୁ କଡ଼ା ସମାଲୋଚନା କରିଛି। ଆତଙ୍କବାଦକୁ ସ୍ୱାଭାବିକ ରୂପ ଦେବା ଏବଂ ଏହାର ପ୍ରଭାବରୁ ରକ୍ଷା ପାଇବା ପାଇଁ କ୍ରମାଗତ ଭାବେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିବା ବ୍ୟକ୍ତି ବା ଦେଶର ଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ ବୋଲି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନରେ ଉଦ୍‌ବୋଧନ ଦେଇ କହିଛନ୍ତି। ପାକିସ୍ତାନ କିମ୍ବା ଏହାର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ନାଁ ନ ନେଇ ଜୟଶଙ୍କର କହିଥିଲେ, ଏଠାରେ ଆତଙ୍କବାଦକୁ ଗ୍ରହଣୀୟ ବୋଲି ଦର୍ଶାଇବା ଏବଂ ଏହାର କୁପରିଣାମରୁ ବର୍ତ୍ତିବା ପାଇଁ ଯୁକ୍ତି ଉପସ୍ଥାପନ କରାଯାଉଥିଲା। ବନ୍ଧୁତା ଓ ସଦିଚ୍ଛା ଆତଙ୍କବାଦ ସହ ଏକାଠି ରହିପାରିବ ନାହିଁ ବୋଲି ଜୟଶଙ୍କର କହିଛନ୍ତି।

ଜୟଶଙ୍କର ବିଶ୍ୱ ନେତାମାନଙ୍କୁ କହିଛନ୍ତି, ଆତଙ୍କବାଦର ବିଭୀଷିକା ଶାନ୍ତି *(ପୃଷ୍ଠା ୭ରେ)*




*ସୌଜନ୍ୟ : ସୋସିଆଲ ମିଡିଆ*

# ବ୍ୟାଙ୍କ ଧର୍ମଘଟ ସ୍ଥଗିତ

**ନୂଆଦିଲ୍ଲୀ, ୨୮।୯**

ପ୍ରସ୍ତାବିତ ୩ ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ ହୋଇଯାଇଛି। ସୋମବାରଠାରୁ ହେବାକୁ ଥିବା ପ୍ରସ୍ତାବିତ ୩ ଦିନିଆ ସାରା ଭାରତୀୟ ବ୍ୟାଙ୍କ ଧର୍ମଘଟକୁ ସ୍ଥଗିତ ରଖାଯାଇଛି। ବ୍ୟାଙ୍କ କର୍ମଚାରୀ ସଂଗଠନଗୁଡ଼ିକର ମିଳିତ ମଞ୍ଚ ‘ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ’ ପକ୍ଷରୁ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଫଳରେ ସାଧାରଣ ଗ୍ରାହକ ଓ ବ୍ୟବସାୟୀଙ୍କୁ ବଡ଼ ଧରଣର ଆଶ୍ୱସ୍ତି ମିଳିଛି।

ରବିବାର ଭାରତୀୟ ବ୍ୟାଙ୍କ ସଂଘ ଏବଂ ୟୁଏଫବିୟୁର ପ୍ରତିନିଧିମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ୟାଙ୍କ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାରତୀୟ ବ୍ୟାଙ୍କ ସଂଘ ପ୍ରତିନିଧିମାନେ ଦାବିଗୁଡ଼ିକର ସକାରାତ୍ମକ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ୟୁନିୟନ୍ ପକ୍ଷରୁ ଧର୍ମଘଟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା।

ୟୁଏଫବିୟୁ ପକ୍ଷରୁ ଦୀର୍ଘଦିନରୁ କେତେକ ମୌଳିକ ଦାବିକୁ ନେଇ ସରକାର ଓ ବ୍ୟାଙ୍କ ପ୍ରବନ୍ଧକଙ୍କ ଉପରେ ଚାପ ସୃଷ୍ଟି କରାଯାଇ ଆସୁଥିଲା। ସେଥିମଧ୍ୟରୁ ପ୍ରମୁଖ ଦାବିଗୁଡ଼ିକ *(ପୃଷ୍ଠା ୭ରେ)*

# ସାଢ଼େ ୪ କୋଟି ଓଡ଼ିଆଙ୍କ ହକ୍ ପାଇଁ ଲଢ଼େଇ ଜାରି ରହିବ



**ଭୁବନେଶ୍ୱର, ୨୮।୯ : ନ୍ୟୁଜ୍ ବ୍ୟୁରୋ**

ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ସଂଶୋଧନ ଆଇନ (ଏମ୍‌ଏମ୍‌ଡିଆର ଆକ୍ଟ)କୁ ବିରୋଧ କରି ସୋମବାର ବିଜୁ ଜନତା ଦଳ ପକ୍ଷରୁ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଲୋଏର ପିଏମଜିରେ ବିରାଟ ବିକ୍ଷୋଭ ଓ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମିଲ ହୋଇ ଏମଏମଡିଆର ସଂଶୋଧନ ଆଇନ ବିରୋଧରେ ଦଳ ମତ ନିର୍ବିଶେଷରେ ସମସ୍ତେ ଏକାଠି ଲଢିବାକୁ ଆହ୍ୱାନ ଜଣାଇଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି, ‘ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ଓଡ଼ିଶାର ଅଧିକାର ଛଡେଇ ନେଇଛି। ଆମ ଜେନ ଜି (ଯୁବ ପିଢି)ଙ୍କ ଭବିଷ୍ୟତକୁ ବିପଦରେ ପକାଇଛି। ତେଣୁ ଓଡ଼ିଶାର ସ୍ୱାର୍ଥ, ଯୁବକମାନଙ୍କ ସ୍ୱାର୍ଥ ପାଇଁ *(ପୃଷ୍ଠା ୭ରେ)*




## ପାହାଡ଼ରେ ଆଡ଼ି ବାନ୍ଧିଲେ ବନବାସୀ

# ପାଦଦେଶରେ ପହଞ୍ଚିବ ଝରଣା ପାଣି : ଉପକୃତ ହେବେ ୫ ଗାଁ ଲୋକ

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

ପାହାଡ଼ ଉପରେ ଘର। ପଥର ସହ ସଂଘର୍ଷ କରି ଜିଉଁଛନ୍ତି ଜୀବନ। ପାଦଦେଶରେ ଥିବା ଚାଷଜମିରେ ଝରଣା ପାଣି ପହଞ୍ଚାଇବା ଲାଗି ପ୍ରଶାସନକୁ ଅନେକଥର ନେହୁରା ହୋଇଛନ୍ତି। ଜନପ୍ରତିନିଧିଙ୍କ ଶରଣ ପଶିଛନ୍ତି। ଦୀର୍ଘ ଦଶନ୍ଧି ପରେ ବି କେହିହେଲେ ଶୁଣିନାହାନ୍ତି ସେମାନଙ୍କ ଦୁଃଖ। ଶେଷରେ ପ୍ରାୟ ୫ ଖଣ୍ଡ ଗାଁର ଆଦିବାସୀମାନେ ଅଣ୍ଟା ଭିଡ଼ିଛନ୍ତି। ପ୍ରାୟ ୫ଶହ ଏକର ଜମିକୁ ଜଳସେଚିତ କରିବା ଲାଗି ପାହାଡ଼ ଉପରେ ବାନ୍ଧୁଛନ୍ତି ପଥରରେ ଆଡ଼ିବନ୍ଧ। ନିଜେ ଶ୍ରମଦାନ କରି କେନାଲ ନିର୍ମାଣ କାମ ଜାରି ରଖିଛନ୍ତି। ଏ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ୍ ଟିଟିମିରି ପଞ୍ଚାୟତର କାରିବା ଗାଁରେ।



କାରିବା ଗାଁ ନିକଟ ପାହାଡ଼ରେ ରହିଛି ଜାଡୁର ଝରଣା। ପ୍ରାୟ ୭ ମାସ ଧରି ଏହି ଝରଣା ପାଣି ପ୍ରବାହିତ ହେଉଛି। ପାହାଡ଼ ଉପରୁ ଏହାକୁ ଜମିରେ ପହଞ୍ଚାଇବା ଲାଗି ଆଖପାଖ ୫ ଖଣ୍ଡ ଗାଁର ଲୋକ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ଗୁହାରି କରିଥିଲେ। ପଲ୍ଲୀ ଓ ଗ୍ରାମସଭାରେ ବହୁବାର ପ୍ରସ୍ତାବ ରଖିଥିଲେ। କେହିହେଲେ ଦୃଷ୍ଟି ଦେଲେନି। ଶେଷରେ ପ୍ରଶାସନକୁ ଆଉ ଅପେକ୍ଷା ନ କରି ଗ୍ରାମବାସୀ ନିଜ କାମ ନିଜ ହାତକୁ ନେଇଛନ୍ତି। ନିଜସ୍ୱ ଅର୍ଥରେ ବାଲି, ସିମେଣ୍ଟ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଯୋଗାଡ଼ କରିଛନ୍ତି। ଗତ ୪ ତାରିଖରୁ ଆରମ୍ଭ କରିଛନ୍ତି ପାହାଡ଼ ଉପରେ ପଥରବନ୍ଧ ବାନ୍ଧିବା। କେନାଲ୍ ଆକୃତି ଦେଇ ଝରଣା ପାଣିକୁ ଜମିରେ ପହଞ୍ଚାଇବା ଲାଗି ନିଜର ସମସ୍ତ ବୁଦ୍ଧି ଓ ଜ୍ଞାନକୌଶଳ ଲଗାଇ ଦେଇଛନ୍ତି। ଏ ଭିତରେ ସେମାନେ ପ୍ରାୟ ୩୦ ଫୁଟ୍ ଲମ୍ବର ବନ୍ଧ ବାନ୍ଧି ସାରିଛନ୍ତି। ଚାଷୀମାନେ କିଏ ୧୦୦୦ ତ ଆଉ କିଏ ୧୫୦୦, ପୁଣି କିଏ ୨୦୦୦ ଟଙ୍କା ଦେଇ କାମରେ ଲାଗିଛନ୍ତି। ଯେତିକି ଅର୍ଥ ଆଦାୟ ହେଉଛି ସେଥିରେ କାମ କରି ଚାଲିଛନ୍ତି। ଅନେକ କାମ ବାକି ରହିଛି। ତଥାପି ପାହାଡ଼ ତଳକୁ ଏହି ଆଡ଼ିବନ୍ଧ ନିର୍ମାଣ କରିବା ଲାଗି ପଣ କରିଛନ୍ତି। ଆଉ ଦିନ କେଇଟା ପରେ ଜମି ପର୍ଯ୍ୟନ୍ତ ଏହାକୁ ନିର୍ମାଣ କରିଦେବେ ବୋଲି ଚାଷୀମାନେ ଆଶା ରଖିଛନ୍ତି।

ଚାଷୀମାନେ କହିଛନ୍ତି, କେବଳ କାରିବା ନୁହେଁ ପାଖରେ ଥିବା ଲକ୍ଷ୍ମୀପୁର, ବନ୍ଧୁଗୁଡ଼ା, ତମାଳସାହି ଓ ବିଲାରି ଗାଁର ଚାଷଜମିକୁ ବି ଏହାଦ୍ୱାରା ପାଣି ମାଡ଼ିପାରିବ। ଆଗଭଳି ଆଉ ସେମାନେ ମରୁଡ଼ିର ଶିକାର ହେବେନି। ପ୍ରାୟ ୫ ଶହ ଏକର ଜମିକୁ ଶସ୍ୟଶ୍ୟାମଳା କରିପାରିବ ଝରଣା ପାଣି। ଏମିତିକି ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଆଉ ବର୍ଷା ଉପରେ ସେତେଟା ନିର୍ଭର କରିବାକୁ ପଡ଼ିବନି। ଏବେ ଏହି ପାହାଡ଼ିଆ ଅଞ୍ଚଳରେ ବର୍ଷାର ଅଭାବ ଯୋଗୁ ଚାଷଜମି ସ୍ଥିତି ଚିନ୍ତାଜନକ ରହିଛି। ଅନେକ ଜମି ଫାଟି ଯାଇଥିବା ବେଳେ ଫସଲର ରଙ୍ଗ ବଦଳିଯାଇଛି। କିଛିଦିନ ମଧ୍ୟରେ ପାଣି ନ ମିଳିଲେ ଚାଷ ଉଜୁଡ଼ିଯିବା ଆଶଙ୍କା ରହିଛି।

# ଧାନ ଫସଲରେ ବ୍ୟାପୁଛି ନଳିପୋକ, ଚକଡ଼ା ରୋଗ : ଚିନ୍ତାରେ ଚାଷୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବର୍ଷା କମିଛି। ଗୁଳୁଗୁଳି ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ଚାଷୀଙ୍କ ଧାନ ଫସଲରେ ନଳିପୋକ (ପତ୍ରପୋଡ଼ା), ଚକଡ଼ା (ମାଟିଆଗୁଣ୍ଡି) ଆଦି ରୋଗପୋକ ଉପଦ୍ରବ ବଢ଼ିଯାଇଛି। ଏହି ରୋଗପୋକ ବ୍ୟାପିବାରେ ଲାଗିଛି। ଫସଲ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ଚାଷୀମାନେ ନାନା କୀଟନାଶକ ପ୍ରୟୋଗ କରୁଛନ୍ତି। ହେଲେ କୀଟନାଶକ କେଉଁଠି କାମକୁ ଆସୁଛି ତ ଆଉ କେଉଁଠାରେ କାମ ଦେଉ ନାହିଁ। ହେଲେ କୀଟନାଶକରେ ପୂର୍ବଭଳି ଆଉ ରିହାତି ନାହିଁ। ଫଳରେ ଗୋଟିଏ ପଟେ ଧାନ ଫସଲ ନଷ୍ଟ ହେବାକୁ ବସିଥିବାବେଳେ ଅନ୍ୟପଟେ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅଳ୍ପଦିନ ପରେ ଧାନ ଫସଲ ଗର୍ଭ ଅବସ୍ଥାକୁ ଆସିଯିବ। କିନ୍ତୁ ଏବେଠାରୁ ଫସଲରେ ରୋଗପୋକ ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି।

ଜିଲାରେ ରବି ଋତୁ ତୁଳନାରେ ଖରିଫ୍‌ରେ ଯଥେଷ୍ଟ ଅଧିକ ଧାନଚାଷ ହୋଇଥାଏ। ରବିରେ ପ୍ରାୟ ୧ଲକ୍ଷ ୨୦ହଜାର ହେକ୍ଟର ଜମିରେ ଚାଷୀମାନେ ଧାନଚାଷ କରିଥାନ୍ତି। କିନ୍ତୁ ଖରିଫ୍‌ରେ ବର୍ଷା ହେଉଥିବା ଯୋଗୁ ଜିଲ୍ଲାର ଉଭୟ ହୀରାକୁଦ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଧାନଚାଷ ହୋଇଥାଏ। ଏଥର ଚଳିତ ଖରିଫ୍‌ରେ ୨ଲକ୍ଷ ୫୩ହଜାର ହେକ୍ଟରରେ ଧାନ ଚାଷ ହୋଇଛି। ଚାଷ ଆରମ୍ଭରୁ ବର୍ଷା ସାଙ୍ଗକୁ ଅନୁକୂଳ ପାଗ ଯୋଗୁ ଫସଲ ମଧ୍ୟ ଠିକ୍‌ଭାବେ ବଢ଼ି ଚାଲିଥିଲା। ଚାଷୀମାନେ ଭଲ ଅମଳ କରିବେ ବୋଲି ଆଶା ରଖିଥିଲେ। ମାତ୍ର ଫସଲରେ ଏବେଠାରୁ ଯେଭଳି ରୋଗପୋକ ଉପଦ୍ରବ ହେଲାଣି, ଚାଷୀଙ୍କ ସେହି ଆଶା ମଉଳିବାରେ ଲାଗିଛି।



ଧାନ ଫସଲରେ ନଳିପୋକ ଉପଦ୍ରବ ଯୋଗୁ ପତ୍ରଗୁଡ଼ିକ ଶୁଖିଯାଉଛି। ସବୁଜ ବର୍ଣ୍ଣରୁ ତାହା ଧଳାବର୍ଣ୍ଣର ହୋଇ ନଷ୍ଟ ହୋଇ ବସିଛି। ଅନୁରୂପଭାବେ ଚକଡ଼ା ଯୋଗୁ ଫସଲର ବିଭିନ୍ନ ସ୍ଥାନ ପର୍ଯ୍ୟାପ୍ତଭାବେ ନଷ୍ଟ ହୋଇ ପାଳ(ପୁଆଳ) ଭଳି ହେବାରେ ଲାଗିଛି। ଏଭଳି ରୋଗପୋକ ଉପଦ୍ରବ ଚାଷୀଙ୍କ ମନରେ ଫସଲହାନି ଭୟ ସୃଷ୍ଟି କରିଛି। ତେବେ ଏହି ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ ବିଭିନ୍ନ କୀଟନାଶକ ଫସଲରେ ପ୍ରୟୋଗ କରୁଛନ୍ତି। ଫସଲ ରକ୍ଷା ପାଇଁ ଉଦ୍ୟମ ଜାରି ରଖିଛନ୍ତି। କିନ୍ତୁ ସେଥିରେ ଯେଭଳି ଖର୍ଚ୍ଚାନ୍ତ ହେବାକୁ ପଡୁଛି। କୀଟନାଶକ ପ୍ରୟୋଗ ସତ୍ତ୍ୱେ ଠିକ୍‌ଭାବେ ତାହା ନିୟନ୍ତ୍ରଣ ହେଉ ନ ଥିବା ଅଭିଯୋଗ ହେଉଛି। ଏହା ଚାଷୀଙ୍କ ମାନସିକ ସ୍ଥିତିକୁ ଆହୁରି ଦୋହଲାଇ ଦେଇଛି।

ବରଗଡ଼ ବ୍ଲକ କଳାପାଣି ଗ୍ରାମର ଜଣେ ଚାଷୀ ସୁରେଶ ନିକାଣ୍ଟି କହିଛନ୍ତି, ଧାନ ଫସଲ ଆରମ୍ଭରୁ ଏଥର ବହୁତ ଭଲ ହୋଇଥିଲା। କିନ୍ତୁ ବର୍ଷା କମିଯିବା ପରେ ତାଙ୍କ ଫସଲରେ ନଳିପୋକ ଏବଂ ଚକଡ଼ା ରୋଗପୋକ ବ୍ୟାପିବା ଆରମ୍ଭ ହୋଇଛି। ଏଥିପାଇଁ ଫସଲରେ ଏବେ କୀଟନାଶକ ପ୍ରୟୋଗ କରିବାକୁ ପଡୁଛି। ଆଗଭଳି କୀଟନାଶକରେ ସରକାର ଆଉ ରିହାତି ଦେଉ ନାହାନ୍ତି। ଫଳରେ କୀଟନାଶକ ପ୍ରୟୋଗରେ ଚାଷୀଙ୍କ ଉପରେ ବର୍ତ୍ତମାନ ସ୍ଥିତିରେ ଏକର ପ୍ରତି ଅତିକମ୍‌ରେ ୨ହଜାର ଟଙ୍କାର ଅତିରିକ୍ତ ବୋଝ ଲଦି ହୋଇ ଯାଉଥିବା ସେ କହିଛନ୍ତି।

ସେହିପରି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ସରକାର ସବୁବେଳେ ଉତ୍ପାଦନ ଖର୍ଚ୍ଚ କମ୍ କରିବାକୁ କହୁଛନ୍ତି। ହେଲେ ଫସଲରେ ଯେଉଁଳି ରୋଗପୋକ ବ୍ୟାପୁଛି, ଉତ୍ପାଦନ ଖର୍ଚ୍ଚ କିଭଳି କମ୍ ହେବ। ସରକାର ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। କୀଟନାଶକରେ ଆଗରୁ ମିଳୁଥିବା ରିହାତିକୁ ବନ୍ଦ କରି ଦେଇଛନ୍ତି। ସେହିପରି ଆଗଭଳି ଆଉ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ କୀଟନାଶକ ବିତରଣ କରାଯାଉନାହିଁ। ବିଭିନ୍ନ କୀଟନାଶକ ଦୋକାନୀଙ୍କ ପାଖକୁ ଯାଇ ଚାଷୀମାନଙ୍କୁ କୀଟନାଶକ କିଣିବାକୁ ପଡୁଛି। ଦୋକାନୀ ଯେଉଁ ଦର କହିଲେ, ଚାଷୀମାନେ ନିଜ ଫସଲ ରକ୍ଷା ପାଇଁ ସେହି ଦରରେ କୀଟନାଶକ କିଣିବାକୁ ବାଧ୍ୟ ହେବା ସହିତ ଖର୍ଚ୍ଚାନ୍ତ ହେଉଛନ୍ତି ଏବଂ ଉତ୍ପାଦନ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଚାଷୀଙ୍କୁ ରିହାତି ମୂଲ୍ୟରେ ଏବଂ ଆବଶ୍ୟକତା ସ୍ଥଳେ ମାଗଣାରେ ମଧ୍ୟ କୀଟନାଶକ ଯୋଗାଇ ଦେବା ଦରକାର ବୋଲି ମହାପାତ୍ର ମତପ୍ରକାଶ କରୁଛନ୍ତି।

# ୩୦ ବର୍ଷ ଧରି ମରାମତି ହୋଇନଥିବା ରାସ୍ତାର ଶୋଚନୀୟ ଅବସ୍ଥା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଖୁଆ ଓଡ଼ଙ୍ଗ ହାଟଠାରୁ ପୋଦନା-ନରସିଂହପୁର ସ୍କୁଲ ପର୍ଯ୍ୟନ୍ତ ଯାଇଥିବା ଢଳାଇ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ବଢ଼ିଛି। ଦୀର୍ଘ ୩୦ ବର୍ଷ ଧରି ଏହି ରାସ୍ତାର ମରାମତି ନହୋଇଥିବାରୁ ଅନେକ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଫଳରେ ରାସ୍ତାରେ ପଡ଼ି ଲୋକଙ୍କ ହାତଗୋଡ଼ ଭାଙ୍ଗୁଥିବା ଅଭିଯୋଗ ଉଠିଛି। ଏହି ରାସ୍ତାଦେଇ ସ୍କୁଲ, କଲେଜ, ମେଡ଼ିକାଲ ସମେତ ବିଭିନ୍ନ ସ୍ଥାନକୁ ପ୍ରତିଦିନ ଯାତାୟାତ କରୁଛନ୍ତି ଅଞ୍ଚଳବାସୀ। ରାସ୍ତାର ଦୁରବସ୍ଥା ଯୋଗୁଁ ଛାତ୍ରଛାତ୍ରୀ, ବାଇକ୍ ଓ ସାଇକେଲ ଚାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଲଖମାରେ ପଡ଼ି ହାତଗୋଡ଼ ଭାଙ୍ଗିବା ସହିତ କଲେଜ ଛାତ୍ରଛାତ୍ରୀଙ୍କ ସାଇକେଲ ଲିକ୍ ହେବା ଓ ଟାୟାର ଭାଙ୍ଗିଯିବା ଭଳି ଘଟଣା ମଧ୍ୟ ଘଟୁଛି ବୋଲି ଅଭିଯୋଗ ହୋଇଛି। ତିନୋଟି ନିର୍ବାଚନମଣ୍ଡଳୀର ଲୋକଙ୍କ ଯାତାୟାତ ପାଇଁ ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଦୀର୍ଘବର୍ଷ ଧରି ଏହା ଦୁରବସ୍ଥାରେ ପଡ଼ିରହିଛି। ଅଞ୍ଚଳବାସୀ ଏହି ରାସ୍ତାର ତୁରନ୍ତ ପୁନରୁଦ୍ଧାର କରି ଯାତାୟାତ ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ରାସ୍ତାର ଏହି ଅବସ୍ଥା ଯୋଗୁଁ ପ୍ରତିଦିନ ହୀନସ୍ତା ଭୋଗୁଛନ୍ତି ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ। ତେଣୁ ପ୍ରଶାସନ ଓ ସମ୍ବନ୍ଧିତ ବିଭାଗ ତରଫରୁ ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି।

# ସ୍କୁଲକୁ ଭଲ ରାସ୍ତାଟିଏ ନାହିଁ : କାଦୁଅ ରାସ୍ତାରେ ସ୍କୁଲ ଯିବାକୁ ବାଧ୍ୟ ହେଉଛନ୍ତି ଛାତ୍ରଛାତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସମଗ୍ର ଶିକ୍ଷାର ନାରା ସଭିଏଁ ପଢ଼ିବେ, ସଭିଏଁ ବଢ଼ିବେ। ହେଲେ ଯେଉଁ ସ୍କୁଲକୁ ଭଲ ରାସ୍ତାଟିଏ ନାହିଁ। ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ସ୍କୁଲ ପିଲା ସମସ୍ତେ କାଦୁଅ ପଚ ପଚ ରାସ୍ତାରେ ଯିବାକୁ ବାଧ୍ୟ ହେଉଛନ୍ତି। ସେଠାରେ ପିଲାମାନେ କିପରି ପଢିବେ ଓ କିପରି ବଢିବେ ତାକୁ ନେଇ ଉଠିଛି ପ୍ରଶ୍ନ। ହାତରେ ଚପଲ ମୁଣ୍ଡରେ ବହି ଧରି ଧାଡ଼ି ହୋଇ ଚାଲିଛନ୍ତି ପିଲା ମାନେ। ସାଙ୍ଗର ସ୍କୁଲ ଶିକ୍ଷକଙ୍କ ସହ ଗ୍ରାମବାସୀ। ସମସ୍ତଙ୍କର ସମାନ ଅବସ୍ଥା। ଏପରି ସ୍ଥିତି ଦେଖିବାକୁ ମିଳିଛି କେନ୍ଦୁଝର ସଦର ବ୍ଲକ୍ ରତନପୁର ଗାଁରେ। ପ୍ରତ୍ୟେକ ଦିନ ଏମାନେ ଏ ପରି ଅବସ୍ଥାରେ ସ୍କୁଲକୁ ଯାଆନ୍ତି। ବର୍ଷା ଅଧିକା ହେଲେ ସ୍କୁଲ ବନ୍ଦ। କାରଣ ସ୍କୁଲ ପହଞ୍ଚିବା ଭିତରେ ବହୁପିଲା ରାସ୍ତାରେ ପଡ଼ି କାଦୁଅ ସରସର ହୋଇ ସ୍କୁଲରେ ପହଞ୍ଚନ୍ତି। ଦିନେ ଦିନେ ଏପରି ବି ହୁଏ ସ୍କୁଲ ମଧ୍ୟାହ୍ନ ଭୋଜନ ବୋଲି ନେଇ ଆସିବା ବେଳେ ସେହି ରାସ୍ତାରେ ପାଚିକା ଓ ସହାୟକ ପଡ଼ି ଖାଇବା ଢାଳି ହୋଇଯାଏ। ଫଳରେ ପିଲାଙ୍କୁ ବିସ୍କୁଟ ଦିଆଯାଏ। ଏପରି ସ୍ଥିତିରେ ଦେଶର ଭବିଷ୍ୟତମାନେ କିପରି ପଢ଼ିବେ ଓ ବଢ଼ିବେ ତାକୁ ନେଇ ପ୍ରଶ୍ନ। ଗ୍ରାମବାସୀ ବାରମ୍ବାର ଗୁହାରି କଲେ ମଧ୍ୟ ତାଙ୍କ କଥା ସତେ ଯେପରି ଶୁଣିବାକୁ ହେଲ କେହିନାହିଁ। ଜିଲ୍ଲାରେ ବିଭିନ୍ନ ସମୟରେ ବିକାଶମୂଳକ କାମ ପାଇଁ ସଦର ବ୍ଲକ ପୁରସ୍କୃତ ହୋଇଥାଏ। ହେଲେ ଯଦି ଆଜିବି ରତନପୁର ଗାଁ ସ୍କୁଲକୁ ଯିବା ଭଳି ରାସ୍ତା ଅଛି, ସେଥିରୁ ସ୍ପଷ୍ଟ ଅନୁମେୟ ସଦର ବ୍ଲକରେ କିପରି କାମ ଚାଲୁଛି। ଏ ନେଇ ଆମେ ସଦର ବ୍ଲକ ବିଡିଓଙ୍କୁ ପଚାରିଥିଲୁ। ସେ ଖୁବ୍ ଶିଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ।

# ରୁଫ୍‌ଟପ୍ ସୋଲାର ପାଇଁ ସଚେତନତା ବଢ଼ାଇବ 'ସୋଲାର ରଥ'

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ପିଏମ୍ ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ରୁଫ୍‌ଟପ୍ ସୋଲାର ଗ୍ରହଣ ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାରେ 'ସୋଲାର ରଥ' ମାଧ୍ୟମରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ସବୁଜ ପତାକା ଦେଖାଇ 'ସୋଲାର ରଥ'ର ଶୁଭାରମ୍ଭ କରିଥିଲେ। ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ପ୍ରଥମେ ସମ୍ବଲପୁରରେ ଶୁଭାରମ୍ଭ ହୋଇଥିଲା। ସେଠାରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏହାର ଉଦ୍‌ଘାଟନ କରିଥିଲେ। ପରେ ଏହି ରଥ ବରଗଡ଼ ଜିଲ୍ଲାରେ ପହଞ୍ଚିବା ପରେ ଏବେ ଝାରସୁଗୁଡ଼ାରେ ପ୍ରବେଶ କରିଛି। 'ସୋଲାର ରଥ' ମାଧ୍ୟମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପିଏମ୍ ସୂର୍ଯ୍ୟ ଘର ଯୋଜନା, ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା, ଏହାର ସୁବିଧା ଓ ଯୋଜନାରେ ଉପଲବ୍ଧ ସହାୟତା ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯିବ। ଏହାଦ୍ୱାରା ଅଧିକ ଲୋକ ରୁଫ୍‌ଟପ୍ ସୋଲାର ଗ୍ରହଣ କରିବାକୁ ଆଗ୍ରହୀ ହେବେ ବୋଲି ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

# ଗନ୍ଧମାର୍ଦ୍ଦନରୁ ଲୁପ୍ତପ୍ରାୟ ଔଷଧୀୟ ବୃକ୍ଷକୁ ସୁରକ୍ଷା ଦେଉଛନ୍ତି ଟିକେନ୍ଦ୍ର : ଦେଢ଼ ଏକର ଜମିରେ ଲଗାଇଛନ୍ତି ୭୦ରୁ ଊର୍ଦ୍ଧ୍ୱ ଗୁଳ୍ମ ଓ ଚେର

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ଜୈବ ବିବିଧତା ଐତିହ୍ୟସ୍ଥଳୀ ଗନ୍ଧମାର୍ଦ୍ଦନ ପର୍ବତରେ ବହୁ ଦୁର୍ଲଭ ୧୦୫୫ ପ୍ରକାରର ଔଷଧୀୟ ଗୁଳ୍ମ ରହିଛି। ହେଲେ ସେଠାରୁ ଅବାଧ ଓ ବିନା ସତର୍କତାରେ ଗୁଳ୍ମଲତା ସଂଗ୍ରହ କରାଯାଉଥିବାରୁ ବର୍ତ୍ତମାନ କେତେକ ବିରଳ ଔଷଧୀୟ ଗୁଳ୍ମ ବିଲୁପ୍ତର ଦ୍ୱାରଦେଶରେ। ଏଭଳି ସମୟରେ ସେଗୁଡ଼ିକର ସୁରକ୍ଷା ଏବଂ ବଂଶବିସ୍ତାର ପାଇଁ ପରିଣତ ବୟସରେ ଅଣ୍ଟା ଭିଡ଼ିଛନ୍ତି ଟେକେନ୍ଦ୍ର ବାବା। ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଲୁପ୍ତପ୍ରାୟ ଅବସ୍ଥାରେ ଥିବା ଭଅଁରମାରି, ଦେବନାଶନ, ବାଘମାର, ପାଷାଣଭେଦି, ନାଗେଶ୍ୱର, ବଛନାଗ, ମଛକୁଣ୍ଡ, ସୂର୍ଯ୍ୟକାନ୍ତି, ଖୋଲଖମାର, ରସାନା, ଗୋଦନ୍ତୀ, ଗୋକୁଲକଣ୍ଟା, ସାବଲି, ଖୋଲଖମାର, ଚିଥଲଛାଲି ଭଳି ପ୍ରାୟ ୭୦ ପ୍ରକାରରୁ ଊର୍ଦ୍ଧ୍ୱ ଘାସ ଓ ମୂଳ ଭଳି ଉଦ୍ଭିଦକୁ ସେ ସୁରକ୍ଷା ଦେଇଛନ୍ତି।

ଚାରିପିଢ଼ି ଧରି ଚାଲିଆସିଥିବା ପାରମ୍ପରିକ ବୈଦ୍ୟ ଚିକିତ୍ସା ପାଇଁ ଟିକେନ୍ଦ୍ର ନିଜର ପ୍ରାୟ ଦେଢ଼ ଏକର ଚାଷ ଜମିକୁ ଗନ୍ଧମାର୍ଦ୍ଦନ ଆୟୁର୍ବେର୍ଦିକ ବୈଦ୍ୟ ମହାସଂଘ (ହରିଶଙ୍କର)ଙ୍କ ଉଦ୍ଦେଶ୍ୟରେ ଟେକିଦେଇଛନ୍ତି। ସେଠାରେ ବିରଳ ଔଷଧୀୟ ବୃକ୍ଷଗୁଡ଼ିକର ସଂରକ୍ଷଣ କରାଯାଉଛି। ବିଭିନ୍ନ ସ୍ଥାନରୁ ବୈଦ୍ୟମାନେ ଆସି ଏଠାରୁ ଔଷଧୀୟ ବୃକ୍ଷର ଚେର, ମୂଳ, ପତ୍ର, ଡାଳ ଆଦି ସଂଗ୍ରହ କରିଥାନ୍ତି। ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଭଗବାନ ଗନ୍ଧମାର୍ଦ୍ଦନ ଦେଇଥିବା ବେଳେ ଏବେ ତାହା ବିପଦମୁହଁରେ ରହିଛି। ତେଣୁ ଦୁର୍ଲଭ ଗୁଳ୍ମଗୁଡ଼ିକ ହଜିଯିବା ଆଗରୁ ତାକୁ ନିଜେ ସାଇତି ନେବାର ଆବଶ୍ୟକତା ରହିଛି ବୋଲି ଟିକେନ୍ଦ୍ର ବାବା କହିଛନ୍ତି।

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ପୁଟକେଲଚୁଆ ଗ୍ରାମର ପରିବେଶକର୍ମୀ ତଥା ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ଜଣାଶୁଣା ନାଁଟିଏ ଟେକେନ୍ଦ୍ର ଜାଲ। ଶ୍ରୀ ଜାଲ ଗନ୍ଧମାର୍ଦ୍ଦନ ସଂଲଗ୍ନ ବଲାଙ୍ଗିର, ବରଗଡ଼ ଏବଂ ନୂଆପଡ଼ା ଜିଲ୍ଲାରେ ଟେକେନ୍ଦ୍ର ବାବା ନାଁରେ ବେଶ୍ ପରିଚିତ। ମାତ୍ର ଦଶମ ଶ୍ରେଣୀ ଯାଏଁ ପଢ଼ିଥିବା ଟେକେନ୍ଦ୍ରଙ୍କୁ ବୟସ ୫୯ ଛୁଇଁଲାଣି। ଶ୍ରୀ ଜାଲଙ୍କ ପଣଅଜା ସୁନିଆ ଜାଲ୍‌ଙ୍କ ସମୟରୁ ଚାରିପିଢ଼ି ଧରି ସେମାନେ ପାରମ୍ପରିକ ବୈଦ୍ୟ କାର୍ଯ୍ୟ କରିଆସୁଛନ୍ତି। ତେଣୁ ସେ ମଧ୍ୟ ବିଭିନ୍ନ ଔଷଧୀୟ ବୃକ୍ଷଲତାକୁ ଚିହ୍ନି ରୋଗ ଉପଶମ ପାଇଁ ପରାମର୍ଶ କରିପାରନ୍ତି।



ଟେକେନ୍ଦ୍ରଙ୍କ କହିବାନୁସାରେ, ଗନ୍ଧମାର୍ଦ୍ଦନରେ ହଜାର ହଜାର ସଂଖ୍ୟାରେ ଔଷଧୀୟ ଗଛ ରହିଛି। ହେଲେ ତାହାକୁ ଯୋଜନାବଦ୍ଧ ଭାବରେ ନିପାତ କରାଯାଉଛି। କୌଣସି ବଡ଼ବଡ଼ ଗାଡ଼ି କିମ୍ବା ମେସିନ ସାହାଯ୍ୟରେ ଔଷଧୀୟ ଗଛ ଚୋରି କରାଯାଉ ନାହିଁ। ବରଂ, ବ୍ୟବସାୟୀମାନେ ଦିନ ମଜୁରିଆଙ୍କୁ ଲଗାଇ ଅଳ୍ପଅଳ୍ପ ପରିମାଣରେ ସେଗୁଡ଼ିକୁ ସଂଗ୍ରହ କରୁଛନ୍ତି।

ଅପରପକ୍ଷେ ସଂଗ୍ରହକାରୀମାନେ ପ୍ରଶିକ୍ଷିତ ନଥିବାରୁ ଗଛ ଓପାଡ଼ି ନଷ୍ଟ କରିଦେଉଛନ୍ତି। ଯେଉଁଠି ଛାଲି ଆବଶ୍ୟକ ସେଠି ସମ୍ପୂର୍ଣ୍ଣ ଗଛକୁ କାଟିଦେଉଛନ୍ତି। ଯେଉଁ ପତ୍ର କିମ୍ବା ଫଳ ଆବଶ୍ୟକ ସେଠାରେ ଡାଳ କାଟି ନେଉଛନ୍ତି। ଏଭଳିସ୍ଥଳେ ଦୁର୍ଲଭ ଗଛ ସଂଖ୍ୟା କମିବାରେ ଲାଗିଛି। ତେଣୁ ସେଗୁଡ଼ିକୁ ବଞ୍ଚାଇବା ପାଇଁ ସେ ଗତ ୭ବର୍ଷ ତଳେ ଉଦ୍ୟମ ଆରମ୍ଭ କରିଥିଲେ ବାବା। ନିଜ ଜମିରେ ପ୍ରଥମେ କିଛି ଦୁର୍ଲଭ ଗୁଳ୍ମକୁ ନେଇ ରୋପଣ କଲେ। ପରେ ଆରସିଡ଼ିସି ସହଯୋଗରେ ଏକ ବଗିଚା କଲେ। ଯେଉଁଠି ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଲେ। ପରେ ପରେ ତାଙ୍କୁ ବିଭିନ୍ନ ସାମାଜିକ ସଂଗଠନ ଏବଂ ବୈଦ୍ୟମାନେ ସହଯୋଗ କଲେ। ଆଉ ଏବେ ତାଙ୍କର ବଗିଚାକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ବୈଦ୍ୟ ଆସି ବିଭିନ୍ନ ଚେରମୂଳି ସଂଗ୍ରହ କରୁଛନ୍ତି।

ପ୍ରକାଶ ଯେ, ଗତ ୨୦୨୩ ମସିହାରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗନ୍ଧମାର୍ଦ୍ଦନକୁ ଜୈବ ବିବିଧତାର ଐତିହ୍ୟସ୍ଥଳୀ ଭାବରେ ଘୋଷଣା କରାଯାଇଛି। ଏହା ରାଜ୍ୟର ତୃତୀୟ ଜୈବ ବିବିଧ ଐତିହ୍ୟସ୍ଥଳ। ଏହି ପାହାଡ଼ ବରଗଡ଼ ଏବଂ ବଲାଙ୍ଗିର ମଝିରେ ରହିଛି। ଏଥିରେ ପ୍ରାୟ ୧,୦୫୫ ଉଦ୍ଭିଦ ପ୍ରଜାତି ଅଛି। ଯେଉଁଠାରେ ୮୪୯ ଆଞ୍ଜିଓସ୍ପର୍ମ, ୫୬ ଟେରିଡ଼ୋଫାଇଟ୍, ୪୦ ବ୍ରାୟୋଫାଇଟ୍, ୪୫ ଲାଇକେନ୍ ଏବଂ ଦୁଇଟି ଜିମ୍ନୋସ୍ପର୍ମ ଏବଂ ୬୩ ପ୍ରଜାତିର ମାକ୍ରୋଫଙ୍ଗି ଅନ୍ତର୍ଭୁକ୍ତ। ସେହିପରି ଏଠାରେ ପ୍ରାୟ ୫୦୦ ପ୍ରଜାତିର ପ୍ରାଣୀ ଅଛନ୍ତି। ଯେଉଁଥିରେ ୪୩ ସ୍ତନ୍ୟପାୟୀ ପ୍ରଜାତି, ୧୬୧ ପକ୍ଷୀ, ୪୪ ସରୀସୃପ, ୧୬ ଉଭୟଚର ପ୍ରାଣୀ, ୧୧୮ ପ୍ରଜାପତି, ୨୭ ଡ୍ରାଗନଫ୍ଲାଇ ଏବଂ ୭ ଡ୍ୟାମସେଲଫ୍ଲାଇ ଏବଂ ୮୩ ପ୍ରଜାତିର ମାଇକନିଆ-ମାଇକ୍ରୋହା ଅନ୍ତର୍ଭୁକ୍ତ।

# ବେଆଇନ ମଦ କାରବାର ଉପରେ ଅବକାରୀ ବିଭାଗର ଚଢ଼ଉ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି। ଏହି ଚଢ଼ଉ ସମୟରେ ବିପୁଳ ପରିମାଣର ଦେଶୀ ଓ ସୁରା ଭିତ୍ତିକ ମଦ ଜବତ କରାଯିବା ସହ ବେଆଇନ ମଦ ତିଆରି ପାଇଁ ରଖାଯାଇଥିବା ଗୁଡ଼ ପୋଚକୁ ନଷ୍ଟ କରାଯାଇଛି। ସୂଚନା ଥାଉକି ସହିଦନଗର ଅଞ୍ଚଳର ମୁନା ଜେନାଙ୍କ ଠାରୁ ୯.୬ ଲିଟର ଦେଶୀ ମଦ ଜବତ କରାଯାଇଛି। ପାହାଡ଼ପୁର ଅଞ୍ଚଳର ଜୟନ୍ତୀ ପୃଷ୍ଟିଙ୍କ ନିକଟରୁ ୩.୮ ଲିଟର 'ଆସ୍କା ୪୦' ମଦ ଜବତ ହୋଇଛି। ଦକ୍ଷିଣ କୋରୁଆ ଅଞ୍ଚଳର ପାର୍ବତୀ ଜେନାଙ୍କଠାରୁ ୫.୪ ଲିଟର 'ଆସ୍କା ୪୦' ମଦ ଜବତ କରା ଯାଇଥିବା ବେଳେ ଏହାଛଡ଼ା କପାଳୀ ନଦୀ ନିକଟରେ ଚାଲିଥିବା ମଦ ଭାଟି ଉପରେ ଚଢ଼ଉ କରାଯାଇ ଗୁଡ଼ ପୋଚ ଏବଂ ୨୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ବେଆଇନ ମଦ ବ୍ୟବସାୟୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଅଞ୍ଚଳରେ ଅବୈଧ ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଏହିପରି ଚଢ଼ାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପୁରାତନ ବିଦ୍ୟାଳୟରେ ମୌଳିକ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ କର୍ମଚାରୀ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ ଭଳି ୧୦୩ ବର୍ଷର ପୁରାତନ ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ଆବଶ୍ୟକ ସୁଗମ୍ୟତା ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ଦିବ୍ୟାଙ୍ଗ ଅଧିକାର କର୍ମୀ ତଥା ସୁଗମ ଓଡ଼ିଶା ଅଭିଯାନ ରାଜ୍ୟ ମୁଖ୍ୟ ମଣ୍ଟୁ ଦାସ ଅନୁଷ୍ଠାନର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଅବଗତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ତୁରନ୍ତ ଆବଶ୍ୟକ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏଥି ସହିତ ଦିବ୍ୟାଙ୍ଗଙ୍କ ପାଇଁ ରାଜ୍ୟ ଆୟୋଗ (ଏସସିପିଡି)ଙ୍କ ନିକଟରେ ଶ୍ରୀ ଦାସ ଏହି ପ୍ରସଂଗକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀ ଦାସଙ୍କ ଅଭିଯୋଗ ଅନୁସାରେ, ଅନୁଷ୍ଠାନରେ ହ୍ୱିଲଚେୟାର ବ୍ୟବହାରକାରୀଙ୍କ ପାଇଁ ଉପଯୁକ୍ତ ରାମ୍ପ ଓ ହ୍ୟାଣ୍ଡରେଲ୍, ଲିଫ୍ଟ, ଦୃଷ୍ଟିବାଧିତଙ୍କ ପାଇଁ ଟ୍ୟାକ୍ଟାଇଲ୍ ପାଥ୍ ଓ ସୁଗମ୍ୟ ଶୌଚାଳୟ ଭଳି ମୌଳିକ ବ୍ୟବସ୍ଥା ନାହିଁ। ଫଳରେ ଅନ୍ୟମାନଙ୍କ ସହିତ ସମାନ ଭାବରେ ଶିକ୍ଷା ଗ୍ରହଣ ଓ ଅନୁଷ୍ଠାନର ବିଭିନ୍ନ ସୁବିଧା ବ୍ୟବହାର କରିବାର ଅଧିକାରରୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ଅନୁଷ୍ଠାନର ଜଣେ ହ୍ୱିଲଚେୟାର ବ୍ୟବହାର କାରୀ ଦିବ୍ୟାଙ୍ଗ କର୍ମଚାରୀ ମଧ୍ୟ ଦୀର୍ଘଦିନ ଧରି ଦିବ୍ୟାଙ୍ଗଅନୁକୂଳ ବ୍ୟବସ୍ଥା ଅଭାବରୁ ଅସୁବିଧା ଭୋଗୁଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ପ୍ରାୟ ଚାରିବର୍ଷ ଧରି ତାଙ୍କ ପାଇଁ ଅଫିସ୍ ରୁମ୍ ଭିତରେ ସହକର୍ମୀମାନଙ୍କ ସହ ସମାନ ଭାବରେ ବସିବାର ସୁଯୋଗ ମିଳୁନାହିଁ। ଦିବ୍ୟାଙ୍ଗ କର୍ମଚାରୀ ଜଣକଙ୍କ ପାଇଁ ବାରଣ୍ଡାରେ ଅଲଗା ଟେବୁଲ୍ ରଖାଯାଇଥିବା ଅଭିଯୋଗ କରିଛନ୍ତି ଶ୍ରୀ ଦାସ। ଭାରତୀୟ ସମ୍ବିଧାନର ସମାନତାର ଅଧିକାର ଓ ଦିବ୍ୟାଙ୍ଗ ଅଧିକାର ଆଇନ, ୨୦୧୬ରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସମାନ ସୁଯୋଗ, ଅଧିକାରର ସୁରକ୍ଷା ଓ ବିଷମତା ବିରୋଧୀ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଆଇନର ଧାରା ୩ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ବିରୋଧରେ ଭେଦଭାବକୁ ନିଷେଧ ଓ ସମାନତା ଧାରାକୁ ସୁରକ୍ଷା ଦେଇଥାଏ। ସେହିପରି ଧାରା ୨୦ ନିଯୁକ୍ତି କ୍ଷେତ୍ରରେ ଦିବ୍ୟାଙ୍ଗ କର୍ମଚାରୀଙ୍କ ବିରୋଧରେ ଭେଦଭାବ ନ କରିବା ଓ ସମାନ ସୁଯୋଗ ସୁନିଶ୍ଚିତ କରିବା ସମ୍ପର୍କରେ ବ୍ୟବସ୍ଥା କରିଛି। ତେଣୁ ତୁରନ୍ତ ଆଇନ ଅନୁସାରେ ଏହି ଅନୁଷ୍ଠାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉ ବୋଲି ଶ୍ରୀ ଦାସ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଓଡ଼ିଶାରେ ବଢୁଛି ଭୟଙ୍କର ସଙ୍କଟ : ପଛକୁ ପଛ ଆସୁଛି ପ୍ରାକୃତିକ ଦୁର୍ବିପାକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବ ଓଡ଼ିଶାରେ ଦେଖାଦେଇଛି। ପୂର୍ବ ଉପକୂଳରେ ଗ୍ରୀଷ୍ମ ଜନିତ ଚାପ ବଢ଼ିବା କାରଣରୁ ରାଜ୍ୟରେ ମରୁଡ଼ିର ତୀବ୍ରତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଏହା ଏବେ 'ମରୁଡ଼ି ହଟ୍‌ସ୍ପଟ୍' ପାଲଟିଛି। ଅର୍ଥାତ ମରୁଡ଼ିପ୍ରବଣ ରାଜ୍ୟ ବିବେଚିତ ହୋଇଛି ଓଡ଼ିଶା। 'ଇଣ୍ଟରନ୍ୟାସନାଲ ଜର୍ନାଲ ଅଫ୍ କ୍ଲାଇମେଟୋଲୋଜି'ର ସଦ୍ୟ ଅଧ୍ୟୟନରୁ ଏହା ଜାଣିବାକୁ ମିଳିଛି।

ରିପୋର୍ଟରୁ ଜଣାପଡ଼ିଛି ଯେ ସମଗ୍ର ଦେଶରେ ଅତ୍ୟଧିକ ମରୁଡ଼ି ପରିସ୍ଥିତି ଲାଗିରହିଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଏହାର ତୀବ୍ରତା ବୃଦ୍ଧି ପାଉଛି। ବିଶେଷକରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଭଳି ପୂର୍ବ ଉପକୂଳବର୍ତ୍ତୀ ରାଜ୍ୟ ମରୁଡ଼ି କବଳରେ ଅଧିକ ପଡୁଛନ୍ତି। ଦୀର୍ଘ ୫୨ ବର୍ଷ ଧରି ପାଣିପାଗ ବିଜ୍ଞାନୀମାନେ ଜଳବାୟୁ ପ୍ରଭାବକୁ ଅଧ୍ୟୟନ କରି ଏଭଳି ନିର୍ଯାସରେ ପହଞ୍ଚିଛନ୍ତି। ଭାରତୀୟ ପାଣିପାଗ ବିଭାଗ, ନ୍ୟାସନାଲ ସେଣ୍ଟର ଫର ମିଡିୟମ ରେଞ୍ଜ ୱେଦର ଫୋରକାଷ୍ଟିଂ ଏବଂ ଆଜିଆ



ୟୁନିଭର୍ସିଟି ବେଙ୍ଗାଲୁରୁର ବୈଜ୍ଞାନିକଙ୍କ ଦ୍ୱାରା ୧୯୭୧ରୁ ୨୦୨୨ ପର୍ଯ୍ୟନ୍ତ ଏହି ବିଶ୍ଳେଷଣ କରାଯାଇଥିଲା।

ସର୍ବୋଚ୍ଚ ଏବଂ ସର୍ବନିମ୍ନ ତାପମାତ୍ରା, ମରୁଡ଼ି ପରିସ୍ଥିତି, ପ୍ରବଳ ବର୍ଷା, ଗ୍ରୀଷ୍ମ ପ୍ରବାହ ଏବଂ ଗ୍ରୀଷ୍ମଜନିତ ଚାପ ଭଳି ୭ଟି ସୂଚକାଙ୍କକୁ ଏକତ୍ର କରି ଗବେଷକମାନେ ଏକ ନୂଆ 'ଇଣ୍ଡିଆ କ୍ଲାଇମେଟ୍ ଏକ୍ସଟ୍ରିମ୍ ଇଣ୍ଡେକ୍ସ' ପ୍ରସ୍ତୁତ କରିଛନ୍ତି। ସୂଚକାଙ୍କରୁ ଜଣାପଡ଼ିଛି ଯେ ଉଚ୍ଚ ତାପମାତ୍ରା, ଦୀର୍ଘାବଧି ଶୁଷ୍କ ପାଣିପାଗ ଏବଂ ବିଗୁଡୁଥିବା ମରୁଡ଼ି ପରିସ୍ଥିତି ଯୋଗୁ ଦେଶବ୍ୟାପୀ ଜଳବାୟୁର ଭୟାନକ ରୂପ ଘାତକ ହେବାରେ ଲାଗିଛି। ଏହି ଅଧ୍ୟୟନର ଭୌଗୋଳିକ ବିଶ୍ଳେଷଣରୁ ମଧ୍ୟ ଆହୁରି ଅନେକ ନକାରାତ୍ମକ ଚିତ୍ର ସାମ୍ନାକୁ ଆସିଛି। ଏହା ଅନୁସାରେ, ୧୯୮୧-୧୯୯୧ ତୁଳନାରେ ୨୦୧୧ରୁ ୨୦୨୧ ମଧ୍ୟରେ ପୂର୍ବ ଭାରତରେ ମରୁଡ଼ି ଜନିତ ଅତି ଖରାପ ସ୍ଥିତି ତୀବ୍ର ଗତିରେ ବୃଦ୍ଧି ପାଇଛି। ଦକ୍ଷିଣ, ମଧ୍ୟ ଏବଂ ଉତ୍ତର-ପୂର୍ବ ଭାରତର ଏକ ବଡ଼ ଅଂଶରେ ବାରମ୍ବାର ମରୁଡ଼ି ପରିସ୍ଥିତି ଅନୁଭୂତ ହୋଇଛି। କିନ୍ତୁ ପୂର୍ବ ଉପକୂଳରେ ସବୁଠାରୁ ଅଧିକ ସଙ୍କଟଜନକ ମରୁଡ଼ି ହଟ୍‌ସ୍ପଟ୍ ଅଞ୍ଚଳ ଦେଖିବାକୁ ମିଳିଛି।

ଅଧ୍ୟୟନରେ ବିଶେଷକରି ଓଡ଼ିଶା ଉପରେ ରେଖାଙ୍କିତ କରାଯାଇଛି। ମରୁଡ଼ି ପ୍ରଭାବିତ ଅଞ୍ଚଳରେ ସବୁଠାରୁ ତୀବ୍ର ବୃଦ୍ଧି ରେକର୍ଡ କରିଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରାଯାଇଛି। ଅଧ୍ୟୟନର ପ୍ରମୁଖ ପ୍ରସ୍ତୁତକାରୀ ବା ଲେଖକ ଥୋଟା ମୋହନଙ୍କ ଅନୁସାରେ, ସାରା ଦେଶରେ ମରୁଡ଼ିର ତୀବ୍ରତାକୁ ଆକଳନ କଲା ବେଳେ ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ ଅଧିକ ଦୃଷ୍ଟି ଆକର୍ଷଣ କରିଥିଲା। ବିଗତ ୩୦ ବର୍ଷ ମଧ୍ୟରେ ପ୍ରତ୍ୟେକ ଦଶନ୍ଧିରେ ଏହି ମରୁଡ଼ି ପ୍ରଭାବିତ ଅଞ୍ଚଳ ଏକପଞ୍ଚମାଂଶରୁ ଅଧିକ ବୃଦ୍ଧି ପାଇଛି।

ଓଡ଼ିଶାରେ ମଧ୍ୟ ଗ୍ରୀଷ୍ମ ଜନିତ ଚାପ ବୃଦ୍ଧି ପାଉଛି। ଉପକୂଳଠାରୁ ଆଭ୍ୟନ୍ତରୀଣ ଭାଗ ପର୍ଯ୍ୟନ୍ତ ସବୁଠାରେ ଏହାର ପ୍ରଭାବ ଅନୁଭୂତ ହେଉଛି। ଅଧ୍ୟୟନ ଅନୁସାରେ, ମାନବ ଶରୀର ଉପରେ ତାପମାତ୍ରା ଓ ଗୁଳୁଗୁଳିର ମିଳିତ ପ୍ରଭାବକୁ ଦର୍ଶାଉଥିବା ଅତ୍ୟଧିକ ଗ୍ରୀଷ୍ମ ସୂଚକାଙ୍କ ଘଟଣା ଉପକୂଳବର୍ତ୍ତୀ ଅଞ୍ଚଳରୁ ଆଭ୍ୟନ୍ତରୀଣ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ପୂର୍ବ ଭାରତ ଅଧିକରୁ ଅଧିକ ଗୁଳୁଗୁଳି-ଗ୍ରୀଷ୍ମ ଦ୍ୱାରା ପ୍ରଭାବିତ ହେଉଛି, ଯାହା ସ୍ୱାସ୍ଥ୍ୟ, କୃଷି ଏବଂ ଜଳ ସମ୍ପଦ ପ୍ରତି ଅତ୍ୟଧିକ ବିପଦ ସୃଷ୍ଟି କରୁଛି। ଓଡ଼ିଶା ଭଳି ରାଜ୍ୟ ପାଇଁ ଏହି ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ବାତ୍ୟା, ବନ୍ୟା ଏବଂ ଉପକୂଳବର୍ତ୍ତୀ ପ୍ରତିକୂଳ ପାଣିପାଗ ସ୍ଥିତି ସହ ଓଡ଼ିଶା ପାରମ୍ପରିକ ଭାବେ ଯୋଡ଼ିହୋଇଛି। ଖୁବ୍ କମ୍ ବ୍ୟବଧାନରେ ଏଠାରେ ବାତ୍ୟା ଓ ବନ୍ୟା ଆସିବାର ନଜିର ରହିଛି। ମରୁଡ଼ି ଏବେ ରାଜ୍ୟ ପାଇଁ ଏକ ସମାନ୍ତରାଳ ଜଳବାୟୁ ଜନିତ ବିପଦ ଭାବେ ଉଭା ହୋଇଥିବା ଅଧ୍ୟୟନର ସହ-ଲେଖକ ଏମ୍ ରାଜୀବନ୍ କହିଛନ୍ତି। ରାଜୀବନ୍‌ଙ୍କ ଅନୁସାରେ, ଓଡ଼ିଶା ଏହି ଅଧ୍ୟୟନକୁ ନଜରଅନ୍ଦାଜ କରିବା ଉଚିତ ନୁହେଁ।

ଏହାକୁ ନୀତିଗତ ଦୃଷ୍ଟିରୁ ଧ୍ୟାନ ଦିଆଯିବା ଆବଶ୍ୟକ। ପୂର୍ବ ଉପକୂଳ ଦୀର୍ଘ ଦିନ ଧରି ସାମୁଦ୍ରିକ ଝଡ଼ ଏବଂ ବନ୍ୟାର ସାମ୍ନା କରିଆସୁଛି। ମରୁଡ଼ି ଏହି ଅଞ୍ଚଳ ପାଇଁ ଏକ ମୁଖ୍ୟ ସଙ୍କଟ ପାଲଟୁଥିବା ଦୀର୍ଘମିଆଦୀ ରେକର୍ଡରୁ ଜଣାପଡ଼ିଛି। ଏହାର ପ୍ରତିକାର ଲାଗି ଗବେଷକମାନେ ମରୁଡ଼ି ସହନଶୀଳତା, ଜଳ ପରିଚାଳନା, ଜଳବାୟୁ ସହନଶୀଳ କୃଷି ଏବଂ ଗ୍ରୀଷ୍ମ ମୁକାବିଲା ଯୋଜନାକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସ୍ଥାନୀୟ ଜଳବାୟୁ ସଙ୍କଟକୁ ଚିହ୍ନଟ କରିବା ପାଇଁ ସେମାନେ ଜିଲ୍ଲାସ୍ତରୀୟ ଅନୁଧ୍ୟାନ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ କହିଛନ୍ତି।

32 YEARS
ସମ୍ବାଦ କଳିକା

# ଅକ୍ଟୋବରରୁ ମହଙ୍ଗା ହେବ ଏସି, ଟିଭି, ଫ୍ରିଜ୍

ପାର୍ବଣ ଋତୁ ପୂର୍ବରୁ ଗ୍ରାହକଙ୍କୁ ଲାଗିପାରେ ମହଙ୍ଗା ଝଟକା। ଏସି, ଟିଭି, ୱାଶିଂ ମେସିନ୍ ଓ ଫ୍ରିଜ୍ ସମେତ ଅନେକ କନଜ୍ୟୁମର ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଦାମ ବଢ଼ିବାକୁ ଯାଉଛି। ଶିଳ୍ପ ସୂତ୍ର ଅନୁଯାୟୀ, ଅକ୍ଟୋବର ୧ରୁ ବିଭିନ୍ନ ବ୍ରାଣ୍ଡ ନିଜ ଉତ୍ପାଦର ଦାମରେ ପ୍ରାୟ ୫ରୁ ୮ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି। ୨୦୨୬ରେ ଏହା ଶିଳ୍ପର ତୃତୀୟ ଦାମ ବୃଦ୍ଧି ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଏସି ଦାମରେ ପ୍ରାୟ ୫ରୁ ୮ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଅନ୍ୟପଟେ କେତେକ କମ୍ପାନୀ ୱାଶିଂ ମେସିନ୍, ରେଫ୍ରିଜରେଟର ଓ ଏଲଇଡି ଟିଭିର ଦାମରେ ପ୍ରାୟ ୩ରୁ ୪ ପ୍ରତିଶତ ବୃଦ୍ଧି କରିବାକୁ ଯାଉଛନ୍ତି। ତେବେ ସମସ୍ତ ବ୍ରାଣ୍ଡ ସମାନ ହାରରେ ଦାମ ବଢ଼ାଇବେ ନାହିଁ। କିଛି କମ୍ପାନୀ ଏବେ ମଧ୍ୟ ବଜାର ସ୍ଥିତି ଓ ଚାହିଦା ଉପରେ ନଜର ରଖିଛନ୍ତି। ବ୍ଲୁ ଷ୍ଟାର, ଗୋଦ୍ରେଜ୍ ଆପ୍ଲାଏନସେସ୍, ହାଏର, ଡାଇକିନ୍ ଓ ସୁପର ପ୍ଲାଷ୍ଟ୍ରୋନିକ୍ସ ସମେତ କିଛି କମ୍ପାନୀ ବିଭିନ୍ନ ଶ୍ରେଣୀରେ ଦାମ ବୃଦ୍ଧି ଘୋଷଣା କିମ୍ବା ନିଶ୍ଚିତ କରିଛନ୍ତି। ଏଲଜି ଓ ବୋସ୍ ହୋମ୍ କମ୍ଫର୍ଟ ମଧ୍ୟ ଏସି ଦାମ ପ୍ରାୟ ୫ ପ୍ରତିଶତ ବଢ଼ାଇଥିବା ରିପୋର୍ଟ ହୋଇଛି। ପାନାସୋନିକ୍ ଏବେ ମଧ୍ୟ ବଜାର ସ୍ଥିତିର ଆକଳନ କରୁଛି। କମ୍ପାନୀଗୁଡ଼ିକର କହିବା ଅନୁଯାୟୀ, ଉତ୍ପାଦନ ଖର୍ଚ୍ଚ ବଢ଼ିବା ହିଁ ଦାମ ବୃଦ୍ଧିର ପ୍ରମୁଖ କାରଣ। ବିଶେଷକରି ତମ୍ବା, ଆଲୁମିନିୟମ୍, ଷ୍ଟିଲ୍, ପ୍ଲାଷ୍ଟିକ୍ ଓ ଅଶୋଧିତ ତୈଳ ସହ ଜଡ଼ିତ କଞ୍ଚାମାଲର ଦାମ ବଢ଼ିଛି। ଏହା ସହିତ ମାଲ ପରିବହନ ଖର୍ଚ୍ଚ ଓ ମୁଦ୍ରା ବିନିମୟ ହାରରେ ପରିବର୍ତ୍ତନ ମଧ୍ୟ କମ୍ପାନୀଗୁଡ଼ିକର ଖର୍ଚ୍ଚ ବଢ଼ାଇଛି। ବ୍ଲୁ ଷ୍ଟାରର ଏମ୍‌ଡି ବି. ତ୍ୟାଗରାଜନଙ୍କ ଅନୁଯାୟୀ, ଏସି ଓ ଡିପ୍ ଫ୍ରିଜର ଦାମ ପୂର୍ବରୁ ୫ରୁ ୮ ପ୍ରତିଶତ ବଢ଼ିସାରିଛି। ତାଙ୍କ କହିବା ଅନୁଯାୟୀ, ତମ୍ବା, ଷ୍ଟିଲ୍ ଓ ପ୍ଲାଷ୍ଟିକ୍ ଭଳି କଞ୍ଚାମାଲ ମହଙ୍ଗା ହେବା ଯୋଗୁଁ ଚଳିତ ବର୍ଷ କମ୍ପାନୀ ତୃତୀୟ ଥର ପାଇଁ ଦାମ ବଢ଼ାଇଛି। ଏସି ଉତ୍ପାଦନରେ ତମ୍ବାର ବ୍ୟବହାର ଅଧିକ ହେଉଥିବାରୁ ଏହାର ଦାମ ବୃଦ୍ଧିର ସିଧା ପ୍ରଭାବ ଉତ୍ପାଦନ ଖର୍ଚ୍ଚ ଉପରେ ପଡୁଛି। ହାୟର୍ ଇଣ୍ଡିଆର ଅଧ୍ୟକ୍ଷ ଏନ୍.ଏସ୍. ସତୀଶଙ୍କ ଅନୁଯାୟୀ, ଅକ୍ଟୋବର ୧ରୁ କମ୍ପାନୀ ଏସିର ଦାମରେ ପ୍ରାୟ ୫ ପ୍ରତିଶତ ବୃଦ୍ଧି କରିବ। ଏଲଇଡି ଟିଭି ଓ ୱାଶିଂ ମେସିନ୍ ଭଳି ଅନ୍ୟ ଉତ୍ପାଦର ଦାମ ମଧ୍ୟ ୨ରୁ ୩ ପ୍ରତିଶତ ବଢ଼ିପାରେ। ରିପୋର୍ଟ ଅନୁଯାୟୀ, ଗତ ବର୍ଷ ତମ୍ବାର ଦାମ ପ୍ରତି ଟନ୍ ପ୍ରାୟ ୮,୦୦୦ରୁ ୯,୦୦୦ ଡଲାର ଥିବାବେଳେ ଏବେ ଏହା ପ୍ରାୟ ୧୪,୫୦୦ ଡଲାରରେ ପହଞ୍ଚିଛି। ଗୋଟିଏ ଏସିରେ ସାଧାରଣତଃ ପ୍ରାୟ ୩ରୁ ୪ କିଲୋଗ୍ରାମ୍ ତମ୍ବା ବ୍ୟବହାର ହୁଏ ବୋଲି ହାୟର୍ ପକ୍ଷରୁ କୁହାଯାଇଛି। ଡାଇକିନ୍ ଏୟାରକଣ୍ଡିସନିଂ ଇଣ୍ଡିଆର ଚେୟାରମ୍ୟାନ୍ ଓ ଏମ୍‌ଡି କନୱଲଜିତ୍ ଜାୱାଙ୍କ ଅନୁଯାୟୀ, କମ୍ପାନୀ ସେପ୍ଟେମ୍ବର ୧୬ରୁ ଦାମରେ ୮ରୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଛି। ତମ୍ବାର ଦାମ ବୃଦ୍ଧି ଏବଂ ଡଲାର ମଜବୁତ ହେବା ଯୋଗୁଁ ଉତ୍ପାଦନ ଖର୍ଚ୍ଚ ଉପରେ ଚାପ ବଢ଼ିଥିବା ସେ କହିଛନ୍ତି। ଟିଭି ଉତ୍ପାଦନକାରୀ କମ୍ପାନୀ ସୁପର ପ୍ଲାଷ୍ଟ୍ରୋନିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଝଚଚଖ) ଅକ୍ଟୋବର ପରେ ଟିଭି ଦାମରେ ପ୍ରାୟ ୭ ପ୍ରତିଶତ ବୃଦ୍ଧି କରିବା ଯୋଜନାରେ ଥିବା ରିପୋର୍ଟ ହୋଇଛି। କମ୍ପାନୀର ମତରେ, ଉତ୍ପାଦନ ଓ ଯୋଗାଣ ଖର୍ଚ୍ଚ ବଢ଼ିବା ଯୋଗୁଁ ଏହି ନିଷ୍ପତ୍ତି ନିଆଯାଉଛି। ଦଶହରା ଓ ଦୀପାବଳି ସମୟରେ ଘରୋଇ ଉପକରଣ ଓ କନଜ୍ୟୁମର ଇଲେକ୍ଟ୍ରୋନିକ୍ସର ବିକ୍ରି ସାଧାରଣତଃ ବଢ଼ିଥାଏ। ଏହି ସମୟରେ କମ୍ପାନୀଗୁଡ଼ିକ ମଧ୍ୟ ବିଭିନ୍ନ ଡିସ୍କାଉଣ୍ଟ ଓ ଅଫର୍ ଦେଇଥାନ୍ତି। କିନ୍ତୁ ଦାମ ବଢ଼ିଲେ ଗ୍ରାହକଙ୍କ କିଣାକିଣି ନିଷ୍ପତ୍ତି ଉପରେ ଏହାର ପ୍ରଭାବ ପଡ଼ିପାରେ ବୋଲି ଶିଳ୍ପର କିଛି ଅଂଶ ଆଶଙ୍କା କରୁଛି। ତେବେ ଗ୍ରାହକଙ୍କ ପାଇଁ ଏକ ଆଶ୍ୱସ୍ତିର କଥା ହେଉଛି, ଡିଲର ଓ ଡିଷ୍ଟ୍ରିବ୍ୟୁଟରଙ୍କ ପାଖରେ ପୁରୁଣା ଦାମରେ କିଣାଯାଇଥିବା କିଛି ଷ୍ଟକ୍ ରହିଛି। ତେଣୁ ଫେଷ୍ଟିଭ୍ ସିଜନର ଆରମ୍ଭରେ କେତେକ ଉତ୍ପାଦ ପୁରୁଣା ଦାମରେ ମିଳିବାର ସମ୍ଭାବନା ରହିଛି। ଏହି ପୁରୁଣା ଷ୍ଟକ୍ ଶେଷ ହେବା ପରେ ନୂଆ ଦାମର ପ୍ରଭାବ ଅଧିକ ସ୍ପଷ୍ଟ ହୋଇପାରେ।

# ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ପଣ୍ଡିତ



ହେମନ୍ତ କୁମାର ଗନ୍ତାୟତ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ, ଅଧ୍ୟାପକ
କବିସୂର୍ଯ୍ୟ ନଗର
ମୋ-୯୮୬୧୩୩୪୮୬୮

ଏହି ଅନନ୍ତ ସୃଷ୍ଟିରେ ଈଶ୍ୱରଙ୍କର ସବୁଠାରୁ ଶ୍ରେଷ୍ଠ ଏବଂ ସୁନ୍ଦର କୃତି ହେଉଛି 'ମାନବ ଶରୀର'। ସନାତନ ଧର୍ମର ଶାସ୍ତ୍ର ଅନୁଯାୟୀ, ଜୀବଟିଏ ଚଉରାଶି ଲକ୍ଷ ଯୋନି ବା ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ରୂପରେ ଜନ୍ମଗ୍ରହଣ କଲାପରେ, ଅଶେଷ ପୁଣ୍ୟ ବଳରେ ସେ ଥରେ ମାତ୍ର ମନୁଷ୍ୟ ଜନ୍ମ ପାଇଥାଏ। ତେଣୁ ଭଗବଦ୍ପାଦ ଶ୍ରୀଶଙ୍କରାଚାର୍ଯ୍ୟ ବିବେକ ଚୂଡ଼ାମଣି ଗ୍ରନ୍ଥରେ ଲେଖିଛନ୍ତି-'ଜନ୍ତୁନାମ୍ ନରଜନ୍ମ ଦୁର୍ଲ୍ଲଭମ୍' । ଅନ୍ୟ ସମସ୍ତ ପ୍ରାଣୀଙ୍କ ତୁଳନାରେ ମନୁଷ୍ୟକୁ ଭଗବାନ ଦୁଇଟି ଅମୂଲ୍ୟ ନିଧି ଦେଇଛନ୍ତି, ଯଥା: ଜ୍ଞାନ ଓ ଭକ୍ତି ।

ଆମେ ଜାଣିଛେ, ପଶୁପକ୍ଷୀମାନେ କେବଳ ଆହାର, ନିଦ୍ରା, ଭୟ ଓ ମୈଥୁନ ମଧ୍ୟରେ ସୀମିତ ରହୁଥିବା ବେଳେ, ମନୁଷ୍ୟ ନିଜର ଜ୍ଞାନଚକ୍ଷୁ ଏବଂ ଭକ୍ତି ବା ପ୍ରେମ ଚକ୍ଷୁ ବଳରେ ଭଲ-ମନ୍ଦର ବିଚାର କରିବା ସହ ଭଗବଦ୍ ସାକ୍ଷାତ୍କାର କରିପାରେ। ସାଧାରଣତଃ ମଣିଷର ପଞ୍ଚ ଜ୍ଞାନେନ୍ଦ୍ରୀୟ ମଧ୍ୟରୁ ଚକ୍ଷୁରିନ୍ଦ୍ରୀୟ ଅନ୍ୟତମ। ଯାହାକୁ ସାମାନ୍ୟ ଭାବେ ଚର୍ମଚକ୍ଷୁ କୁହାଯାଏ। କିନ୍ତୁ ଅଦୃଶ୍ୟରେ ଉପରୋକ୍ତ ଅନ୍ୟ ଦୁଇଟି ଚକ୍ଷୁ ରହିଛି ଯଥା:- ଜ୍ଞାନ ଚକ୍ଷୁ ଓ ଭକ୍ତି ଚକ୍ଷୁ।

ସନାତନ ଦର୍ଶନ ଏବଂ ଆଧାତ୍ମିକ ଚିନ୍ତାଧାରାରେ ମଣିଷ ଦେଖିବାର କ୍ଷମତାକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା: ଚର୍ମ ଚକ୍ଷୁ, ଜ୍ଞାନ ଚକ୍ଷୁ ଏବଂ ଭକ୍ତି ଚକ୍ଷୁ। ଏହି ତିନୋଟି ଚକ୍ଷୁ ଭିତରୁ ଚର୍ମ ଚକ୍ଷୁ ଦ୍ୱାରା ଆମେ ବାହ୍ୟ ଜଗତକୁ ଦେଖିପାରୁ। ଏହା ପ୍ରକୃତି ଦ୍ୱାରା ଆମକୁ ମିଳିଥିବା ଏକ ସୁନ୍ଦର ଉପହାର। ଏଥି ଯୋଗୁଁ ଆମେ ରୂପ, ରଙ୍ଗ, ଆଲୋକ, ଅନ୍ଧାର, ବୃକ୍ଷଲତା ଓ ସଂସାରର ସମସ୍ତ ଭୌତିକ ବସ୍ତୁକୁ ଦେଖିପାରୁ। କିନ୍ତୁ ଏ ଚର୍ମ ଚକ୍ଷୁ ଏକ ସୀମା ମଧ୍ୟରେ ବନ୍ଧା। ଏହା କେବଳ ସେତିକି ଦେଖିପାରେ ଯାହା ତା'ର ପରିଧି ଭିତରେ ଥାଏ। ପରନ୍ତୁ ଦୃଷ୍ଟି ଆଢୁଆଳରେ ଥିବା ବସ୍ତୁ ଗୁଡିକୁ ଦେଖିପାରେ ନାହିଁ କିମ୍ବା ମଣିଷର ଆଭ୍ୟନ୍ତର କଥାକୁ ଜାଣିପାରେ ନାହିଁ। ବେଳେବେଳେ ଏହି ଆଖି ଯାହା ପ୍ରତ୍ୟକ୍ଷରେ ଦେଖେ ତାହା ସେୟା ହୋଇନଥାଏ। ଉଦାହରଣ ସ୍ୱରୂପ, ମରୁଭୂମିରେ ମରୀଚିକା ଦେଖି ଜଳ ବୋଲି ଭାବିବା କିମ୍ବା ଅନ୍ଧାରରେ ଦଉଡ଼ିକୁ ଦେଖି ସାପ ବୋଲିଭାବି ଭୟ କରିବା। ଯାହାକୁ ଅଦ୍ୱୈତ ବେଦାନ୍ତ ମତରେ 'ରଜ୍ଜୌ ସର୍ପାଧ୍ୟାସଃ' ବୋଲି କୁହାଯାଏ। ନିଜର ଅଜ୍ଞାନତା ଯୋଗୁଁ ବା ଚର୍ମ ଚକ୍ଷୁର ଭ୍ରମ ଯୋଗୁଁ ଏଭେଳିକି ଘଟିଥାଏ। ଯେତେ ପର୍ଯ୍ୟନ୍ତ ଐଶ୍ୱରୀୟ ଶକ୍ତି କିମ୍ବା ଭଗବତ୍ କୃପା ଏ ମଣିଷକୁ ପ୍ରାପ୍ତ ହୁଏ ନାହିଁ, ସେତେ ପର୍ଯ୍ୟନ୍ତ ପ୍ରକୃତ ସତ୍ୟକୁ ଅନୁଭବ କରିବା ଅସମ୍ଭବ। ତେଣୁ ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, 'ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା'। ଅର୍ଥାତ୍ ହେ ଅର୍ଜୁନ! ତୁମେ ତୁମର ଏହି ଚର୍ମ ଚକ୍ଷୁରେ ମୋର ପ୍ରକୃତ ରୂପ (ବିଶ୍ୱରୂପ)କୁ ଦେଖିପାରିବ ନାହିଁ।

ଜ୍ଞାନ ଚକ୍ଷୁ ଏକ ସାଧାରଣ ଚକ୍ଷୁ ନୁହେଁ । ଯେତେବେଳେ ମଣିଷ ସତ୍ ଶାସ୍ତ୍ର ଏବଂ ସଦଗୁରୁଙ୍କର ସାନିଧ୍ୟରେ ରହି, ବୁଦ୍ଧି, ବିବେକ ଏବଂ ଶିକ୍ଷା ସାହାଯ୍ୟରେ ସତ୍ୟକୁ ବୁଝିବାକୁ ଚେଷ୍ଟା କରେ, ସେତେବେଳେ ଏହି ଜ୍ଞାନ ଚକ୍ଷୁ ଜାଗ୍ରତ ହୋଇଥାଏ। ଯାହାଫଳରେ ସେ ବସ୍ତୁ ବା ଘଟଣା ପଛରେ ଥିବା ପ୍ରକୃତ କାରଣକୁ ଜାଣିପାରେ। ଦୃଷ୍ଟାନ୍ତ ସ୍ୱରୂପ ଜଣେ ବୈଜ୍ଞାନିକ, ଜଣେ ଡାକ୍ତର ବା ଜଣେ ଦାର୍ଶନିକ ନିଜ ଜ୍ଞାନ ଚକ୍ଷୁ ବଳରେ ସେହି ସେହି ବିଷୟଗୁଡ଼ିକୁ ଦେଖିପାରନ୍ତି। କିନ୍ତୁ ତାହା ସାଧାରଣ ଲୋକଙ୍କ ଖାଲି ଆଖିକୁ ଦେଖାଯାଏ ନାହିଁ। ତେଣୁ ଓଡ଼ିଆ ଭାଗବତରେ ଜଗନ୍ନାଥ ଦାସ ଲେଖିଛନ୍ତି:- ମୁଁ ଯେବେ ହୁଅଇ ସଦୟ, ତା ହୃଦେ ହୁଏ ଜ୍ଞାନୋଦୟା । ଏହି ତାତ୍ତ୍ୱିକ ବାଣୀ ମାଧ୍ୟମରେ ଭଗବାନ ଶ୍ରୀକୃଷ୍ଣ ତାଙ୍କର ପରମ ଭକ୍ତ ତଥା ସଖା ଉଦ୍ଧବଙ୍କୁ ତତ୍ତ୍ୱ ଜ୍ଞାନର ଉପଦେଶ ଛଳରେ କହିଛନ୍ତି ଯେ, ଏ ସଂସାରର ମାୟା ଜାଲରୁ ମୁକ୍ତି ପାଇବା ଏବଂ ପରମ ଜ୍ଞାନ ଲାଭ କରିବା କେବଳ ଭଗବତ୍ କୃପା ବା ସଦୟ ହେବା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଅତଃ ଶାସ୍ତ୍ରରେ କୁହାଯାଇଛି 'ନାସ୍ତି ଜ୍ଞାନତ୍ ପରଂ ଚକ୍ଷୁଃ'। ଉପରୋକ୍ତ ତିନୋଟି ଚକ୍ଷୁ ଭିତରୁ ସର୍ବଶ୍ରେଷ୍ଠ ହେଉଛି ପ୍ରେମ ବା ଭକ୍ତିର ଚକ୍ଷୁ। ଏହା ବୁଦ୍ଧି ବା ତର୍କର ଆଖି ନୁହେଁ, ବରଂ ଏହା ହେଉଛି ଏକ କୋମଳ ହୃଦୟର ପାବନ ଆଖି। ଯେତେବେଳେ ମଣିଷ ମନରେ ଭଗବାନଙ୍କ ପ୍ରତି ଅଗାଧ ପ୍ରେମ ଏବଂ ସମର୍ପଣ ଭାବ ଆସିଯାଏ, ସେତେବେଳେ ହୃଦୟ କନ୍ଦରରେ ଏହି ଭକ୍ତି ଚକ୍ଷୁର ଉନ୍ମେଷ ହୁଏ। ଜ୍ଞାନ ଚକ୍ଷୁ ଯେଉଁଠି ଅଟକିଯାଏ, ଭକ୍ତି ଚକ୍ଷୁ ସେଠାରୁ ହିଁ ଆଗକୁ ଗତି କରେ। ଏହି ଆଖିରେ ସନ୍ଦେହ ନଥାଏ, ଥାଏ କେବଳ ବିଶ୍ୱାସ ହିଁ ବିଶ୍ୱାସ। ଯାହା ସାହାଯ୍ୟରେ ଜଣେ ଭକ୍ତ ପଥର ମୂର୍ତ୍ତି ମଧ୍ୟରେ ବି ସାକ୍ଷାତ ଭଗବାନଙ୍କୁ ଦେଖିପାରେ। ଯେପରି ରାମକୃଷ୍ଣ ପରମହଂସ ମାଆଙ୍କ ବିଗ୍ରହରେ ସୌମ୍ୟ ଜୀବନ୍ତ ରୂପକୁ ଦେଖି ପାରୁଥିଲେ, ଶୁଣି ପାରୁଥିଲେ ଏବଂ କଥା ମଧ୍ୟ ହେଉଥିଲେ। ଏପରି ଅନେକ ଦୃଷ୍ଟାନ୍ତ ରହିଛି:- ଭକ୍ତ ପ୍ରହ୍ଲାଦ ସ୍ତମ୍ଭ ଭିତରେ ନୃସିଂହ ଭଗବାନଙ୍କୁ ଦେଖିବା କିମ୍ବା ଭକ୍ତ ସାଲବେଗ, ଦାସିଆ ବାଉରୀ, ବନ୍ଧୁ ମହାନ୍ତି ଓ ଭକ୍ତ ବଳରାମ ଦାସ ଭଗବାନ ଜଗନ୍ନାଥଙ୍କୁ ନିଜ ଭକ୍ତି ଚକ୍ଷୁ ଦ୍ୱାରା ଦେଖି ଅନୁଭବ କରି ପାରୁଥିଲେ। ତେଣୁ ବ୍ରହ୍ମସଂହିତାରେ କୁହାଯାଇଛି:-

ପ୍ରେମାଞ୍ଜନଚ୍ଛୁରିତଭକ୍ତିବିଲୋଚନେନ
ସନ୍ତଃ ସଦୈବ ହୃଦୟେଷୁ ବିଲୋକୟନ୍ତି।
ଯଂ ଶ୍ୟାମସୁନ୍ଦରମଚିନ୍ତ୍ୟଗୁଣସ୍ୱରୂପଂ
ଗୋବିନ୍ଦମାଦିପୁରୁଷଂ ତମହଂ ଭଜାମି?

ଅର୍ଥାତ୍ : ଯେଉଁ ଭକ୍ତମାନଙ୍କ ଆଖିରେ ପ୍ରେମ ରୂପକ ଅଞ୍ଜନ (କଳା) ଲାଗିଥାଏ, ସେମାନେ ନିଜର ସେହି ଭକ୍ତି ଚକ୍ଷୁ ଦ୍ୱାରା ସଦାସର୍ବଦା ନିଜ ହୃଦୟ ଭିତରେ ସେହି ଅଚିନ୍ତ୍ୟ ଗୁଣସମ୍ପନ୍ନ ଶ୍ୟାମସୁନ୍ଦର ଭଗବାନଙ୍କୁ ଦେଖିପାରନ୍ତି।

ସଂକ୍ଷେପରେ କହିବାକୁ ଗଲେ, ମାନବ ଜୀବନର ସାର୍ଥକତା ପାଇଁ ତିନୋଟି ଯାକ ଆଖିର ଆବଶ୍ୟକତା ରହିଛି। ଏହି ନୟନ ଗୁଡିକ ଏକ ଏକ ସୋପାନ ପରି ଅଟନ୍ତି। ମଣିଷକୁ ସଂସାରରେ ବଞ୍ଚି ରହିବା ଏବଂ କର୍ମ କରିବା ପାଇଁ ଚର୍ମ ଚକ୍ଷୁ ନିତ୍ୟାନ୍ତ ଆବଶ୍ୟକ। ସେଭଳି ଜଗତରେ ଭଲ-ମନ୍ଦ ଜାଣିବା ଏବଂ ମୋହମାୟାରୁ ଦୂରେଇ ରହିବା ପାଇଁ ଜ୍ଞାନ ଚକ୍ଷୁ ପଥ ଦେଖାଇ ଥାଏ ଏବଂ ଶେଷରେ ଜୀବନର ପରମ ଲକ୍ଷ୍ୟ ଅର୍ଥାତ୍ ମୋକ୍ଷ ବା ଭଗବାନଙ୍କୁ ପାଇବା ପାଇଁ ଭକ୍ତି ଚକ୍ଷୁ ଅପରିହାର୍ଯ୍ୟ। ଯାହାର ଦୃଷ୍ଟାନ୍ତ ଅଦ୍ୱୈତ ବେଦାନ୍ତର ମୂର୍ତ୍ତିମନ୍ତ ପ୍ରତୀକ ଶ୍ରୀଶଙ୍କରାଚାର୍ଯ୍ୟ ବିବେକ ଚୂଡ଼ାମଣିରେ ଲେଖିଛନ୍ତି 'ଭକ୍ତିରେବ ଗରିଅଶୀ' ଏବଂ ନିଜକୁ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରି କହିଛନ୍ତି : 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ'।

# ଜୀବନର ମୌଳିକ ନୀତି



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ- ୮୨୪୯୫୦୨୭୭୬

ଏକ ସୁନ୍ଦର, ସଫଳ ଏବଂ ସମ୍ମାନଜନକ ଜୀବନ ପାଇଁ ଶୃଙ୍ଖଳା ଏବଂ ଶିଷ୍ଟାଚାର ଅତ୍ୟାବଶ୍ୟକ। ଏହି ଦୁଇଟି ଗୁଣ ବ୍ୟକ୍ତିର ଜୀବନର ମୂଳଦୁଆକୁ ମଜବୁତ କରେ ଏବଂ ସଫଳତାର ପଥ ପ୍ରଶସ୍ତ କରେ। ଯେଉଁଠାରେ ଶୃଙ୍ଖଳା ଥାଏ, ସେଠାରେ ନିୟମିତତା, ସମୟାନୁବର୍ତ୍ତିତା ଏବଂ ଦାୟିତ୍ୱ ଥାଏ। ଯେଉଁଠାରେ ନୀତି ଥାଏ, ସେଠାରେ ଶିଷ୍ଟାଚାର, ସମ୍ମାନ ଏବଂ ଭଲ ସମ୍ପର୍କ ଥାଏ। ତେଣୁ, ଏହି ଦୁଇଟି ଗୁଣକୁ ଜୀବନର ମୂଳଦୁଆ କୁହାଯାଏ। ଶୃଙ୍ଖଳା ଅର୍ଥ ହେଉଛି ନିୟମ ପାଳନ କରିବା, ସମୟକୁ ସମ୍ମାନ କରିବା ଏବଂ ନିଜର ଦାୟିତ୍ୱ ପୂରଣ କରିବା। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଶୃଙ୍ଖଳା ଅତ୍ୟାବଶ୍ୟକ, ଯଥା ଅଧ୍ୟୟନ, କାର୍ଯ୍ୟ, ପାରିବାରିକ ଜୀବନ ଏବଂ ସାମାଜିକ ଜୀବନ। ଶୃଙ୍ଖଳା ବିନା, ଜଣେ ବ୍ୟକ୍ତିଙ୍କ ଜୀବନ ଅସ୍ଥିର ଏବଂ ବିଶୃଙ୍ଖଳିତ ହୋଇଯାଏ। ଯଦି ଜଣେ ଛାତ୍ର ନିୟମିତ ଭାବରେ ପାଠ ପଢ଼େ, ସମୟ ଅନୁଯାୟୀ ସ୍କୁଲକୁ ଯାଏ ଏବଂ ତାଙ୍କ ଶିକ୍ଷକଙ୍କ ନିର୍ଦ୍ଦେଶ ପାଳନ କରେ, ତେବେ ସେ ନିଶ୍ଚିତ ଭାବରେ ଜୀବନରେ ସଫଳତା ପାଇପାରିବ। ଏହା ପ୍ରମାଣ କରେ ଯେ ଶୃଙ୍ଖଳା ହେଉଛି ସଫଳତାର ଚାବିକାଠି।

ଶିଷ୍ଟାଚାର ଅର୍ଥ ହେଉଛି ଭଲ ଆଚରଣ, ସଭ୍ୟ ଆଚରଣ ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନ। ଶିଷ୍ଟାଚାର ବ୍ୟକ୍ତିକୁ ସମାଜରେ ଗ୍ରହଣୀୟ କରିଥାଏ ଏବଂ ତାଙ୍କର ବ୍ୟକ୍ତିତ୍ୱକୁ ବୃଦ୍ଧି କରିଥାଏ। ଜଣେ ଭଦ୍ର ବ୍ୟକ୍ତି ସର୍ବଦା ଭଦ୍ର ଭାବରେ କଥାବାର୍ତ୍ତା କରନ୍ତି, ବଡ଼ମାନଙ୍କୁ ସମ୍ମାନ କରନ୍ତି ଏବଂ ସାନମାନଙ୍କୁ ପ୍ରେମ ଦେଖାନ୍ତି। ଏହି ଗୁଣଗୁଡ଼ିକ ସମାଜରେ ସହଯୋଗ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରନ୍ତି। ଆଚରଣ ବିନା, ଜଣେ ବ୍ୟକ୍ତିଙ୍କ ଜୀବନ ନୀରସ ଏବଂ ଅଶାନ୍ତ ହୋଇଯାଏ। ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ମନୁଷ୍ୟ ଜୀବନରେ ଗଭୀର ଭାବରେ ଜଡିତ। ସଂସ୍କାର ଓ ଶୃଙ୍ଖଳା ଜଣେ ବ୍ୟକ୍ତିଙ୍କୁ ତାଙ୍କ କାମରେ ନିୟମିତ କରିଥାଏ, ଯେତେବେଳେ ଶିଷ୍ଟାଚାର ତାଙ୍କ ଆଚରଣକୁ ବୃଦ୍ଧି କରିଥାଏ।

ସଂସ୍କାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କ ଜୀବନରେ ଶିକ୍ଷା, ଅଭିଜ୍ଞତା ଏବଂ ନୈତିକ ମୂଲ୍ୟବୋଧର ମିଶ୍ରଣ। ଏହା ଏକ ଗୁଣ ଯାହା ଜଣେ ବ୍ୟକ୍ତିଙ୍କୁ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାରେ ସାହାଯ୍ୟ କରେ ଏବଂ ତାଙ୍କୁ ସଠିକ୍ ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ। ସଂସ୍କାର କେବଳ ଶିକ୍ଷା ମାଧ୍ୟମରେ ନୁହେଁ ବରଂ ପରିବାର, ସମାଜ ଏବଂ ପରିବେଶର ପ୍ରଭାବ ଦ୍ୱାରା ମଧ୍ୟ ବିକଶିତ ହୁଏ। ପରିବାର ହେଉଛି ସଂସ୍କାର ପ୍ରାଥମିକ ଉତ୍ସ। ଜଣେ ପିଲା ତାଙ୍କ ପିତାମାତାଙ୍କ ଆଚରଣ ଏବଂ ଶିକ୍ଷାକୁ ଦେଖି ସଂସ୍କାର ଶିଖେ। ଯଦି ପରିବାର ସତ୍ୟ, ସହନଶୀଳତା ଏବଂ ସମ୍ମାନକୁ ମୂଲ୍ୟ ଦିଏ, ତେବେ ଏହି ଗୁଣଗୁଡ଼ିକ ପିଲାଙ୍କ ମଧ୍ୟରେ ମଧ୍ୟ ବିକଶିତ ହୁଏ। ଏପରି ସଂସ୍କାର ଜଣେ ବ୍ୟକ୍ତିଙ୍କୁ ଜଣେ ଭଲ ନାଗରିକ କରିଥାଏ। ସଂସ୍କାର ପ୍ରାପ୍ତି କରିବାରେ ଶିକ୍ଷାନୁଷ୍ଠାନ ଏବଂ ସମାଜ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ଜ୍ଞାନ ଏବଂ ଆଚରଣ ମାଧ୍ୟମରେ ସଂସ୍କାର ମୂଲ୍ୟବୋଧ ଶିକ୍ଷା ଦିଅନ୍ତି। ସମାଜର ନିୟମ, ପରମ୍ପରା ଏବଂ ସଂସ୍କୃତି ମଧ୍ୟ ଚରିତ୍ର ବିକାଶକୁ ପ୍ରେରଣା ଦିଅନ୍ତି। ସଂସ୍କାର ଥିବା ବ୍ୟକ୍ତି ସର୍ବଦା ଭଦ୍ର, ସତ୍ୟବାଦୀ ଏବଂ ଦୟାଳୁ। ସେମାନେ ଅନ୍ୟମାନଙ୍କୁ ସମ୍ମାନ କରନ୍ତି ଏବଂ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରନ୍ତି। ଏପରି ବ୍ୟକ୍ତି ଜୀବନରେ ସଫଳତା ହାସଲ କରନ୍ତି ଏବଂ ସମାଜରେ ସମ୍ମାନିତ ହୁଅନ୍ତି।

ପରିବାର ହେଉଛି ଶୃଙ୍ଖଳା ଏବଂ ଆଚରଣ ଶିଖିବାର ପ୍ରଥମ ସ୍ଥାନ। ପିଲାମାନେ ସେମାନଙ୍କ ପିତାମାତାଙ୍କଠାରୁ ଏହି ଗୁଣଗୁଡ଼ିକ ଶିଖନ୍ତି। ଯଦି ପରିବାରରେ ନିୟମ ଏବଂ ଭଲ ଆଚରଣ ଥାଏ, ତେବେ ପିଲାମାନେ ମଧ୍ୟ ଏହି ଗୁଣଗୁଡ଼ିକୁ ପାଳନ କରନ୍ତି। ଏହି ଗୁଣଗୁଡ଼ିକୁ ବିକାଶ କରିବାରେ ବିଦ୍ୟାଳୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ନିୟମିତ ଜୀବନ ଏବଂ ଭଲ ଆଚରଣ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଅନ୍ତି। ଏହା ସେମାନଙ୍କ ଭବିଷ୍ୟତ ଜୀବନକୁ ଗଢ଼ି ତୋଳିଥାଏ। ଶୃଙ୍ଖଳା ଏବଂ ଆଚରଣ ହେଉଛି ସମାଜରେ ସ୍ଥିରତା ଏବଂ ଶାନ୍ତିର ମୌଳିକ ମୂଳଦୁଆ। ଯଦି ସମାଜରେ ସମସ୍ତେ ନିୟମ ପାଳନ କରନ୍ତି ଏବଂ ଅନ୍ୟମାନଙ୍କୁ ସମ୍ମାନ କରନ୍ତି, ତେବେ କେବେ ବି ଅଶାନ୍ତି ହେବ ନାହିଁ। ଉଦାହରଣ ସ୍ୱରୂପ, ଟ୍ରାଫିକ୍ ନିୟମ ପାଳନ କରିବା ଶୃଙ୍ଖଳାର ଏକ ଲକ୍ଷଣ। ଏହା ଦୁର୍ଘଟଣା ହ୍ରାସ କରେ ଏବଂ ଜୀବନକୁ ସୁରକ୍ଷିତ ରଖେ। ସେହିପରି, ଲୋକଙ୍କ ସହିତ ଭଲ ବ୍ୟବହାର କରିବା ହେଉଛି ଶିଷ୍ଟାଚାରର ଏକ ଲକ୍ଷଣ। ବ୍ୟକ୍ତିଗତ ଜୀବନରେ ଏହି ଶୃଙ୍ଖଳା, ସଂସ୍କାର ଓ ଶିଷ୍ଟାଚାର ଅନେକ କିଛି ଲାଭ ଦେଇଥାଏ। ଏହା ନିୟମିତ ଜୀବନରେ ସଫଳତା ସୁନିଶ୍ଚିତ କରେ। ଶୃଙ୍ଖଳା ଜଣେ ବ୍ୟକ୍ତିଙ୍କୁ ଦୃଢ଼ ଏବଂ ଆତ୍ମନିୟନ୍ତ୍ରିତ କରିଥାଏ। ଶିଷ୍ଟାଚାର ମାନବ ସମ୍ପର୍କକୁ ମଧୁର କରିଥାଏ। ଭଲ ଶିଷ୍ଟାଚାର ବ୍ୟକ୍ତିକୁ ସମାଜରେ ସମ୍ମାନ ପ୍ରଦାନ କରେ। ଯେଉଁଠାରେ ଶୃଙ୍ଖଳା ନାହିଁ, ସେଠାରେ ସବୁ କିଛି ମୂଲ୍ୟହୀନ। ଶୃଙ୍ଖଳା ବିନା ଜୀବନ ବ୍ୟକ୍ତିକୁ ଭୁଲ ଆଡ଼କୁ ନେଇଯାଏ। ସେହିପରି, ଆଚରଣ ବା ଶିଷ୍ଟାଚାର ବିନା, ଲୋକମାନେ ଅଶାନ୍ତ ହୋଇଯାଆନ୍ତି, ସମ୍ପର୍କ ଭାଙ୍ଗିଯାଏ ଏବଂ ସମାଜରେ ଅଶାନ୍ତି ବୃଦ୍ଧି ପାଏ। ସଂସ୍କାର ଗୋଟେ ମଣିଷକୁ ଦେବତୁଲ୍ୟ ସମ୍ମାନ ଦେଇଥାଏ।

ତେଣୁ, ଆମେ କିପରି ଆମ ଜୀବନରେ ଏହି ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ବିକଶିତ କରିପାରିବା ? ପ୍ରତିଦିନ ନିୟମିତ ସମୟରେ ଉଠି କାମ କରିବା । ବଡ଼ମାନଙ୍କୁ ସମ୍ମାନ କରିବା ଏବଂ ସାନମାନଙ୍କୁ ଭଲ ପାଇବା। ସଦା ସର୍ବଦା ସତ୍ୟ କହିବା ଏବଂ ନିଜର କର୍ତ୍ତବ୍ୟ ପାଳନ କରିବା । ସାମାଜିକ ନିୟମକୁ ଅନୁସରଣ କରି ପାଳନ କରିବା । ସଂଯମ ଏବଂ ସହନଶୀଳତା ଅଭ୍ୟାସ କରିବା। ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାର ବିନା ଜୀବନ ଅପୂର୍ଣ୍ଣ। ଏହା ଜଣେ ବ୍ୟକ୍ତିକୁ ସଠିକ୍ ପଥ ଦେଖାଏ ଏବଂ ତାଙ୍କ ଜୀବନକୁ ସୁନ୍ଦର ଏବଂ ସଫଳ କରିଥାଏ। ଯଦି ଆମେ ଆମର ଦୈନନ୍ଦିନ ଜୀବନରେ ଏହି ତିନୋଟି ଗୁଣକୁ ଗ୍ରହଣ କରୁ, ତେବେ ଆମେ କେବଳ ଆମର ଜୀବନକୁ ନୁହେଁ ବରଂ ସମାଜକୁ ମଧ୍ୟ ସୁନ୍ଦର କରିପାରିବା। ତେଣୁ, ସଂସ୍କାର, ଶୃଙ୍ଖଳା ଏବଂ ଶିଷ୍ଟାଚାରକୁ ଆମ ଜୀବନର ଏକ ମୁଖ୍ୟ ଅଂଶ କରି ଆମ ଜୀବନର କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ଉଚିତ୍ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଗୁପ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଛୋଟ କଥା କିନ୍ତୁ ବଡ ପରଦା । ଏହାର ଅର୍ଥ ହେଉଛି ଗୁପ୍ତକୁ ଯେ ପରିପ୍ରକାଶ କରେ ସେ କିଏ ? ଗୁଣକୁ ଯେ ଧାରଣ କରି ଗୁଣବନ୍ତ କରାଏ ସେ କିଏ ? ଗୋଟିଏ ଛୋଟ କଥା କହୁଛି ଶୁଣ- କଥାରେ ଅଛି ନାରୀକୁ ବା ସ୍ତ୍ରୀକୁ ଗୁମର କଥା କହିବ ନାହିଁ କି ପେଟର କଥା କହିବ ନାହିଁ । ଏହାର ଅର୍ଥ ସମସ୍ତେ ଜାଣନ୍ତି ଏବଂ କୁହନ୍ତି । ଆରେ ମା ମାଇପ ଏ ହେଲେ ମାଟି ମାଟିରେ ଯେଉଁ ମଞ୍ଜି ବୁଣିବ ସେ ଗଛ ଉଠିବ ହିଁ ଉଠିବ । ସେ ହିଁ ତାର ପରିପ୍ରକାଶ କରିବ ହିଁ କରିବ । ତାର ଗୁଣକୁ ସେ ଗୁଣବନ୍ତ କରିବ ହିଁ କରିବ । କାରଣ ସେ ତାର ଧର୍ମକୁ ପାଳନ କରେ । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି । କିନ୍ତୁ ସମସ୍ତେ କୁହନ୍ତି ସ୍ତ୍ରୀ ଲୋକଗୁଡାକ ଖରାପ । ତାଙ୍କର ସଂଯମତା ନାହିଁ । ଆରେ ପ୍ରଥମ ମୂଳ କଥା ହେଲା ତୁମର ତ ସଂଯମତା ନାହିଁ । ତୁମେ ତୁମର ବାକ୍ୟର ମଞ୍ଜିକୁ ତାଙ୍କଠାରେ ବୁଣିଲେ ସେ ତ ତାର ଧର୍ମ ପାଳନ କଲା, ସେ ମଞ୍ଜିରୁ ଗଛତ ଉଠିବ ହିଁ ଉଠିବ କାରଣ ସେ ତ ମାଟି । ସେ କେଭେ କାହାର ଧାରୁଆ ହେବ ନାହିଁ । ତୁମେ ତୁଳସୀ ମଞ୍ଜି ବୁଣ କି ବିଛୁଆତି ମଞ୍ଜି ବୁଣ ସେ ତାର ପ୍ରକାଶ କରିବା କଥା କରିବ ତାର ଗୁଣକୁ ଜଗତରେ ଗୁଣବନ୍ତ କରି ଲୋକଲୋଚନକୁ ଆଣିବ ହିଁ ଆଣିବ । ଏଥିରେ ତାର ଦୋଷ କେଉଁଠି ରହିଲା । ତେଣୁ ତୁମେ ଦୋଷ କରି ମା ମୁଣ୍ଡରେ ଲଦି ଦେଉଛ କାହିଁକି ? ମାକୁ ଘୃଣା କରୁଛ କାହିଁକି ? ଏହା କଣ ମାନବ ଜାତିର ସଭ୍ୟତା । ତେଣୁ ହେ ମାନବ ଦୋଷକୁ ସ୍ୱୀକାର କର । ମୁକ୍ତି ପାଇଯିବ । ନଚେତ୍ ତୁମକୁ ହିଁ ସେହି ଫଳ ଭୋଗିବାକୁ ପଡିବ ସାବଧାନ । ହରି ଓଁ ।

### ଆରକ୍ଷଣ -୨

# ସାମାଜିକ, ଆର୍ଥିକ ଓ ରାଜନୈତିକ ପରିସ୍ଥିତି

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ୍-ସାମାଜିକ ଜନମଞ୍ଚ (ଭାରତ)
ଛତ୍ରପୁର, ଗଞ୍ଜାମ- ୭୬୧୦୨୦
ଦୂରଭାଷ:୯୪୩୭୩୨୪୯୧୭

**ପୂର୍ବାଭାସ:** ଲେଖକଙ୍କ ପରିଚୟ ଓ ବିଚାରଧାରାର ପୂର୍ବ ସୂଚନା ପ୍ରଦାନ କରି ଆରମ୍ଭ କରିବା ପ୍ରକୃତ ସତ୍ୟର ଉନ୍ମୋଚନ । ପ୍ରିୟ ଆମ ଭାରତୀୟ ପରିବାର ଗଣ; କେବଳ ଲେଖକ ନୁହଁ ବରଂ ସମାଜ ସେବାରେ ସଦା ନିରତ ତାଙ୍କ ପରିବାର; ଶିକ୍ଷା ଓ ଆର୍ଥିକ ଅନଗ୍ରସର ଶହଶହ ପଛୁଆ ବର୍ଗ, ଦଳିତ ଓ ଆଦିବାସୀ ପରିବାରର ଉତ୍ଥାନ ପାଇଁ ୧୯୯୫ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ । ସେମାନଙ୍କ ଘରେ ଉପସ୍ଥିତ ହେବା ତଥା ସେମାନେ ଆମ ଘରକୁ ଆସି ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ସଂପୂର୍ଣ୍ଣ ସହଯୋଗ ହାସଲ କରିବା ସହିତ ଦେୟମୁକ୍ତ ସେବା କରିବାରେ ଆମ ପରିବାର ଆଦୌ କୁଣ୍ଠିତ ହୋଇନାହାନ୍ତି ଏପର୍ଯ୍ୟନ୍ତ । ଲେଖକ ଜଣେ ସବର୍ଣ୍ଣ ଅଜ୍ଞେୟବାଦୀ- ଜାତି ପ୍ରଥା ଜନିତ ଛୁଆଁ, ଅଛୁଆଁ / ଉଚ୍ଚ, ନୀଚ ଭେଦଭାବ କିମ୍ବା ବଡ଼, ସାନ ବିଚାରରେ ଆଦୌ ବିଶ୍ୱାସ କିମ୍ବା ମାନ୍ୟତା ରଖିନାହାନ୍ତି । ସମାଜର ସବୁ ସ୍ତରର ମଣିଷଙ୍କୁ ଏକକ ମାନବୀୟ ଢଙ୍ଗରେ ଦେଖିବା ଏବଂ ସମାନ ବ୍ୟବହାର କରିବା ଲେଖକଙ୍କ ଜନ୍ମଗତ ଆଚରଣ । କେବଳ ଆମ ଦେଶ କାହିଁକି ବରଂ ପୃଥିବୀର ସମଗ୍ର ମାନବ ସମାଜ ଆମ ପରିବାର ବୋଲି ରହିଛି ଆମ ମାନ୍ୟତା । ଦୀର୍ଘ ୪୦ ବର୍ଷ ଧରି ସାମାଜିକ, ମନସ୍ତାତ୍ତ୍ୱିକ ଓ ଦାର୍ଶନିକ ବିଚାରଧାରା ଉପରେ ଅବିରତ ଗବେଷଣାରତ ଅନୁଭୂତିରୁ ନିଜର ବ୍ୟକ୍ତିଗତ ଅନୁଭୂତି ପ୍ରକାଶ ପୂର୍ବକ ପାଠକଙ୍କ ଗ୍ରହଣୀୟତା କିମ୍ବା ଅମାନ୍ୟତାକୁ ସ୍ୱୀକାର କରିବାରେ କୌଣସି ଦ୍ୱିଧା ନାହିଁ । କୌଣସି ଭୁଲ ରହିଥିଲେ ଆପଣଙ୍କ ସଠିକ ମନ୍ତବ୍ୟ ପ୍ରଦାନ କରି ଆମକୁ ସୁଧାରିବେ ବୋଲି ବିଚାର ରଖି ଆରମ୍ଭ କରିବା ତାତ୍ତ୍ୱିକ ଉପସ୍ଥାପନା ।

ଆମ ଦେଶରେ ପ୍ରଚଳିତ ହୋଇ ଆସୁଥିବା ଆରକ୍ଷଣ ବ୍ୟବସ୍ଥା ଉପରେ ପୂର୍ବରୁ ପ୍ରଥମ ଅଧ୍ୟାୟରେ କିଛି ପ୍ରାରମ୍ଭିକ ସୂଚନା ଦିଆଯାଇଥିଲା । ବର୍ତ୍ତମାନ ଏହି ବ୍ୟବସ୍ଥା ହେତୁ ତା'ର ଉପଭୋକ୍ତା ଏବଂ ଆମ ଦେଶର ସାମଗ୍ରିକ ବିକାଶ ସ୍ଥିତି ଉପରେ ଗଭୀର ପ୍ରୟୋଗାତ୍ମକ ଅନୁଶୀଳନ କରି ଦେଖିବା ତାର ଉପକାରିତା ଓ ଫଳାଫଳ ।

ଉପସ୍ଥିତ ସମୟର ଆରକ୍ଷଣ ବ୍ୟବସ୍ଥାକୁ ବିଶ୍ଳେଷଣ କରି ଦେଖିଲେ ଜଣାଯାଏ ଯେ; ଏହା କେବଳ ଦୁଇଟି କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଅଛି ଯାହାର ଉଦ୍ଦେଶ୍ୟ ରହିଛି- ପଛୁଆ ବର୍ଗର ସାମାଜିକ ଉତ୍ଥାନ । ଏହା ଦ୍ୱାରା ଜାତିଗତ ସାମାଜିକ ଭେଦଭାବ ଦୂର କରାଯିବା ଲକ୍ଷ୍ୟ ସାଧିତ ହେବାର କୌଣସି ସୂଚନା ନାହିଁ କିମ୍ବା ହେବା ସମ୍ଭାବନା ମଧ୍ୟ ନାହିଁ । ଶିକ୍ଷାରୁ ବଞ୍ଚିତ ହେବା ଓ ଆର୍ଥିକ ଅନଗ୍ରସରତା-- ଏବଂ ଜାତିଗତ ସାମାଜିକ ଭେଦଭାବ / ବୈଷମ୍ୟତା ଦୁଇଟି ଯଥେଷ୍ଟ ଭିନ୍ନ ବିଷୟ; କେମିତି ଦେଖିବା...

ପ୍ରଥମେ ଶିକ୍ଷା ଓ ଆର୍ଥିକ ସ୍ଥିତି ଉପରେ ଆଲୋକପାତ କରିବା । ତାପରେ ସାମାଜିକ ଭେଦଭାବ / ବୈଷମ୍ୟତାର ଆଧାର ଏବଂ ଏହାର ଶିକ୍ଷା ଓ ଆର୍ଥିକ ସ୍ଥିତି ସହିତ ସମ୍ବନ୍ଧ ବିଷୟ ଆଲୋଚନା କରିବା । ତାହେଲେ ହିଁ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥାର ଲକ୍ଷ୍ୟ ଏବଂ ଆଜି ସମୟର ସାମାଜିକ ଆବଶ୍ୟକତା ବିଷୟରେ ଜାଣିହେବ । ଆରକ୍ଷଣ ଉଦ୍ଦେଶ୍ୟରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ଶୈଳୀ ବର୍ତ୍ତମାନ ସମୟର ଆବଶ୍ୟକତାକୁ ସଂପୂର୍ଣ୍ଣ କରିବାରେ ସମର୍ଥ ରହିଛି ନା କୌଣସି ପରିବର୍ତ୍ତନର ଆଶା କରାଯାଇ ପାରେ ଦେଖିବା ।

**ଶିକ୍ଷା ଓ ଆର୍ଥିକ ସ୍ଥିତି :** ଜଣେ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଯୁକ୍ତି ପାଇବା ପରେ ତାର ରୋଜଗାର ସୀମିତ ରହିଥାଏ । କିନ୍ତୁ ଜଣେ ଶିକ୍ଷାର 'ଶ' ଅକ୍ଷର ନଜାଣି ମଧ୍ୟ ଅସୀମ ସଂସାଧନ ସଂଗ୍ରହ କରିବାରେ କୌଣସି ବାଧକତା ନଥିବା କୌଣସି କାଳ୍ପନିକ ମନ୍ତବ୍ୟ ନୁହେଁ ବରଂ ଆମ ଆଖିଦେଖା ଅନୁଭୂତି ରହିଛି ସମସ୍ତଙ୍କର । ତେଣୁ ଆର୍ଥିକ ବିକାଶ ପାଇଁ ଯେ ଶିକ୍ଷା ଅନିବାର୍ଯ୍ୟ ବୋଲି ଭାବିବା ବ୍ୟର୍ଥ । ଏଠାରେ ଶିକ୍ଷା ଏବଂ ଆର୍ଥିକ ରୋଜଗାରର କୌଣସି ସଂପର୍କ ନଥିବା ଆମେ ସମସ୍ତେ ଜାଣୁ । ହେଲେ ଶିକ୍ଷା ମାଧ୍ୟମରେ ରୋଜଗାର କରିବା ସୀମିତ ହୋଇଥିବା ବେଳେ ଶିକ୍ଷା ବିନା ଆର୍ଥିକ ରୋଜଗାର ଅସୀମ ହୋଇପାରୁଥିବା ପଛର ରହସ୍ୟ ଜାଣିବା ।

ଶିକ୍ଷା ଆଉ ଜ୍ଞାନ ଦୁଇଟି ଭିନ୍ନ ବିଷୟ । ଶିକ୍ଷା- ସାମାଜିକ ଶୈକ୍ଷିକତା ବିଷୟ ଆଧାରିତ; ଯେଉଁଠି ଜ୍ଞାନ ଜନ୍ମଗତ- ପ୍ରକୃତି ପ୍ରଦତ୍ତ । ଶିକ୍ଷାରେ ବୁଦ୍ଧିମତା ସୀମିତ, ଯେଉଁଠି ଜ୍ଞାନର ବୁଦ୍ଧିମତା ପ୍ରାକୃତିକ, ଅସୀମ । ଆର୍ଥିକ ରୋଜଗାର ପାଇଁ ବୁଦ୍ଧିମତାର ଆବଶ୍ୟକତା ରହିଥାଏ; ଯେଉଁଠି ଶିକ୍ଷାକୁ କେବଳ ଏକ ସାମାନ୍ୟ ସାମାଜିକ ମାନ୍ୟତା ଆଧାରରେ ଗ୍ରହଣ କରାଯାଇଥାଏ । ତେଣୁ ଶିକ୍ଷାଗତ ନିଯୁକ୍ତି ଉପରେ ଏକ ସୀମିତ ପାରିଶ୍ରମିକ ଦିଆଯାଇଥାଏ କେବଳ ବଂଚି ରହି କିଛି ସାମାଜିକ କାର୍ଯ୍ୟରେ ସହଯୋଗ କରିବା ପାଇଁ । ଏହା ଦ୍ୱାରା ରାଷ୍ଟ୍ରୀୟ ଶାସନ ପ୍ରଶାସନରେ କର୍ତ୍ତବ୍ୟ ସାଧନ କରିବା ସମ୍ଭବ ହୋଇପାରେ ଏବଂ ସାମାନ୍ୟ ବ୍ୟକ୍ତିଗତ ପାରିବାରିକ ଆର୍ଥିକ ସନ୍ତୁଳନ ରକ୍ଷା କରାଯାଇ ପାରେ । ବୁଦ୍ଧିମତା-ଏକ ପ୍ରକୃତି ପ୍ରଦତ୍ତ ବଂଶଗତ ଗୁଣ ଯାହା ଆଧାରରେ ଅନିୟନ୍ତ୍ରିତ ଆର୍ଥିକ ଅଭିବୃଦ୍ଧି କରିବା ସମ୍ଭାବନା ରହିଥାଏ ।

**ସାମାଜିକ ଭେଦଭାବ / ବୈଷମ୍ୟତାର ଆଧାର:** ଜଣେ ଶିକ୍ଷିତ କେବଳ ଶିକ୍ଷିତଙ୍କ ସହିତ ସଂପର୍କ ସ୍ଥାପନ କରିବାରେ ଆଗ୍ରହ ପ୍ରକାଶ କରୁଥିବା ବେଳେ-- ଅଶିକ୍ଷିତଙ୍କ ପ୍ରତି ମୁହଁରେ ନହେଲେ ମଧ୍ୟ ମନରେ ଘୃଣାଭାବ / ଅଗ୍ରହଣୀୟତା ଭାବ ରଖିଥାନ୍ତି । ଠିକ ସେହିଭଳି ବ୍ୟବସାୟୀ/ କଳାକାର / ଶିଳ୍ପପତି/ରାଜନେତା ଭଳି ପ୍ରତ୍ୟେକ ଗୋଷ୍ଠୀର ମଣିଷ ସମୂହ କେବଳ ନିଜଭଳି ଲୋକଙ୍କ ସହିତ ସଂପର୍କ ସ୍ଥାପନ କରିବାରେ ମନୋନିବେଶ କରିବା ବ୍ୟତୀତ ଅନ୍ୟାନ୍ୟ ବର୍ଗର ଲୋକଙ୍କ ସହିତ ସେହିଭଳି ମନଖୋଲା ଆଚରଣ କରିନଥାନ୍ତି । ପୂର୍ବ ସମୟ ଭଳି ଆଜି ସମୟରେ, ମୁଖରେ ପ୍ରଚଣ୍ଡ ପ୍ରତ୍ୟାଖ୍ୟାନ ନକଲେ ମଧ୍ୟ ବ୍ୟବହାରରେ ହତାଦର କଲାଭଳି ଅନୁଭବ ହେଉଛି ନିଶ୍ଚୟ- ଯେତେବେଳେ ଜଣେ ଭିନ୍ନ ଗୋଷ୍ଠୀର ମଣିଷଙ୍କ ସହିତ ସଂପର୍କରେ ଆସିଥାଏ ଅନ୍ୟ ଏକ ଗୋଷ୍ଠୀର ମଣିଷ । ଏହା ଏକ ବୈଚାରିକ ମନ୍ତବ୍ୟ ନୁହେଁ ବରଂ ସମସ୍ତଙ୍କ ସାକ୍ଷ୍ୟ ପ୍ରୟୋଗାତ୍ମକ ଅନୁଭବ ରହିଥିବ ନିଶ୍ଚୟ । ଏଥିରୁ ଶିକ୍ଷା ମିଳେ ଯେ ପ୍ରତ୍ୟେକ ମଣିଷ ମନରେ ଏକ ଗୋଷ୍ଠୀଗତ ବିଚାରଧାରା ଜନିତ ଗ୍ରହଣୀୟତା / ମାନ୍ୟତା; ପ୍ରାକୃତିକ ଭାବେ ସୃଷ୍ଟି ହୋଇଥାଏ ଯାହା ଦୂର କରିବା ହୁଏତ ସମ୍ଭବ ନୁହେଁ ! ଏହା କେବଳ ଆମ ଦେଶର ସମସ୍ୟା ନା ସମଗ୍ର ବିଶ୍ୱବାସୀଙ୍କ ମାନସିକତାରେ ରହିଥାଏ ଅନୁସନ୍ଧାନ ସାପେକ୍ଷ ।

ଅନ୍ତତଃ ଆମ ଦେଶର ଲୋକଙ୍କ ଆଚରଣକୁ ଲକ୍ଷ୍ୟ କରି ଜାଣି ହେଉଛି ଯେ ସାମାଜିକ ଭେଦଭାବ କେବଳ ଜାତିଗତ ନୁହେଁ ବରଂ ଏହା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଗତ ବିଚାରଧାରା । ସେହି କ୍ରମରେ ଯେଉଁ ଗୋଷ୍ଠୀର ମଣିଷ ସମୂହ ଅନ୍ୟ ଏକ ଗୋଷ୍ଠୀ ସହିତ ସମାନ୍ତରାଳ ବିଚାରଧାରା ରକ୍ଷା କରିନଥାନ୍ତି- ସେହି କ୍ଷେତ୍ରରେ ବୈଚାରିକ ବୈଷମ୍ୟତା ସୃଷ୍ଟି ହେଉଛି, ହେବ ମଧ୍ୟ ! ଏହା ଉପସ୍ଥିତ ସମୟରେ ନିୟନ୍ତ୍ରଣ ବହିର୍ଭୁତ; ଯେତେବେଳ ପର୍ଯ୍ୟନ୍ତ ସମଗ୍ର ମଣିଷ ସମାଜରେ ମାନବିକ ଚେତନାର ଜାଗ୍ରତ କରାଯାଇ ନାହିଁ ।

ଏହି ଧାରାରେ ଆମର ମୂଳ ଆଲୋଚ୍ୟ ବିଷୟ ହେଉଛି ଭାରତରେ ସବର୍ଣ୍ଣ ଓ ପଛୁଆ ବର୍ଗଙ୍କ ମଧ୍ୟରେ ଭେଦଭାବ- ଯାହା ପୂର୍ବରୁ ଥିଲା ବର୍ତ୍ତମାନ ରହିଛି ଏବଂ ଆଗକୁ ରହିବ ମଧ୍ୟ- ଏଇଥିରେ କୌଣସି ସନ୍ଦେହ ନାହିଁ । ଭେଦଭାବ ସେତେବେଳେ ଦୂର ହେବାର ସମ୍ଭାବନା ରହିବ ଯେତେବେଳେ ପଛୁଆ ବର୍ଗର ମଣିଷ ସମୂହ ସବର୍ଣ୍ଣଙ୍କ ସମତୁଲ୍ୟ ବିଚାରଧାରା ସୃଷ୍ଟି କରିବାରେ ସମର୍ଥ ହୋଇପାରିବେ । ଅନ୍ୟଥା କେବଳ ଶିକ୍ଷା ଓ ଆର୍ଥିକ ଆଧାରରେ ଅଗ୍ରଗତି ଦ୍ୱାରା ସାମାଜିକ ସମାନତା ସୃଷ୍ଟି କରାଯାଇ ପାରେ କିନ୍ତୁ ବୈଚାରିକ ସମାନତା ସ୍ଥାପନ କରିବା ଆଦୌ ସମ୍ଭବ ନୁହେଁ- ଯାହା ଆଜି ଆମ ସମାଜ ଆବଶ୍ୟକ ରଖିଥିବା ମନ୍ତବ୍ୟ ଦିଅନ୍ତି ଅନେକେ ।

ସବର୍ଣ୍ଣଙ୍କ ଏକମାତ୍ର ସ୍ୱାଭିମାନ ହେଉଛି ସେମାନଙ୍କ ବଂଶଗତ ସଂସ୍କାର । ସାମାଜିକ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟ କାରଣରୁ ଅଧିକାଂଶ ସବର୍ଣ୍ଣ କୌଣସି ଅସାମାଜିକ / ଅମାନବୀୟ / ନୀଚ କର୍ମରୁ ନିଜକୁ ନିବୃତ୍ତ ରଖିବା ପ୍ରୟାସ କରିଥାନ୍ତି -ଯାହା କେବଳ ସେମାନଙ୍କ ପାରିବାରିକ ସଂସ୍କାର ଶିକ୍ଷାରୁ ଆସିଥାଏ । ଏହି ଆଚରଣ / ଚରିତ୍ର ଅନେକାଂଶରେ ପ୍ରକୃତି ପ୍ରଦତ୍ତ ବଂଶଜ ଗୁଣଧର୍ମ ହୋଇଥିବା ବେଳେ ଦୀର୍ଘ ସମୟର ସଂସ୍କାର ଜନିତ ସୁଧାର ଉଦ୍ଦେଶ୍ୟରେ କରାଯାଇଥିବା ପ୍ରଚେଷ୍ଟାର ଫଳାଫଳ ମଧ୍ୟ- ଯାହା ସେମାନଙ୍କୁ ପିଢ଼ିକୁ ପିଢ଼ି ଶିକ୍ଷା ଦିଆଯାଇ ଥାଏ !

ପୂର୍ବକାଳରେ ସବର୍ଣ୍ଣ ସମୂହ ନିଜ ନିଜ ଗୋଷ୍ଠିଗତ ବିଚାରଧାରା (ଯେମିତି ଆଜି ମଧ୍ୟ ଗୋଷ୍ଠିଗତ ବିଚାର ରହିଛି) ମଧ୍ୟରେ ରହି ସାମାନ୍ୟ ନିର୍ବୋଧ ପଛୁଆ ବର୍ଗର ମଣିଷ ମାନଙ୍କୁ ସେହି ସଂସ୍କାର ଶିକ୍ଷା ଦେବାରେ କୁଣ୍ଠାବୋଧ କରୁଥିଲେ । ମାନସିକ ବିକାଶରେ ସାମାନ୍ୟ ପ୍ରାକୃତିକ ଅଭାବନିୟତା ରହିଥିବା ବେଳେ ସାମାଜିକ ସଂସ୍କାର ଶିକ୍ଷାରୁ ଦୂରତ୍ୱ କାରଣରୁ ପଛୁଆ ବର୍ଗଙ୍କ ସାମାଜିକ ସ୍ଥିତି ଦୁର୍ବଳ ହେବାକୁ ଲାଗିଲା । ତାହାର ପ୍ରତିଫଳନ ସ୍ୱରୂପ ସମାଜରେ ବୈଷମ୍ୟତା ସୃଷ୍ଟି ହେବା ସହିତ ସେମାନଙ୍କ ଶୈକ୍ଷିକ ଓ ଆର୍ଥିକ ବିକାଶ ମଧ୍ୟ ନିମ୍ନଗାମୀ ହେବାରେ ଲାଗିଲା । କାଳକ୍ରମେ ସେମାନେ ଅତି ନିମ୍ନଗାମୀ ହୋଇ ମାନସିକ ଯନ୍ତ୍ରଣା ସହିତ ସାମାଜିକ ଘୃଣାର ଶିକାର ମଧ୍ୟ ହେଉଥିଲେ କେତେକ ସ୍ଥାନ/ ପରିବେଶରେ ।

ପୃଥିବୀ ପୃଷ୍ଠରେ ଜନ୍ମ ହୋଇଥବା ପ୍ରତ୍ୟେକ ମଣିଷର ପ୍ରାକୃତିକ ଅଧିକାର ସମାନ ରହିବା ନିୟତିର ନିୟମ । କାହାକୁ ତଳକୁ ଠେଲିଦେଇ ନିଜକୁ ଉଚ୍ଚା କରିବା ମଣିଷର ବୈଚାରିକ ଉଦ୍ଦେଶ୍ୟ ନହେବା ଆବଶ୍ୟକ । ସାମୁହିକ ସମାଜ ଗଠନ କରି ବ୍ୟକ୍ତିଗତ ଅସମାନତା କାରଣରୁ ସାମାଜିକ ଘୃଣା, ଅସ୍ପୃଶ୍ୟତା ତଥା ନୀଚ ବିଚାରଭାବ ରଖିବା ମାନବୀୟ କର୍ତ୍ତବ୍ୟବୋଧତା ନୁହେଁ। ତେଣୁ ସେମାନଙ୍କୁ ମଧ୍ୟ ନିଜ ପରିବାରର ସଦସ୍ୟ ଭଳି ସଭାବ ରଖି ଆଚରଣ କରାଯିବା ବିଧେୟ ।

ଏଥିରୁ ଦେଖାଗଲା ଯେ ପଛୁଆ ସ୍ତରରେ ରହିଥିବା ମଣିଷଙ୍କୁ ଶିକ୍ଷାଗତ ଓ ଆର୍ଥିକ ପରିସ୍ଥିତି କାରଣରୁ ସାମାଜିକ ଅସମାନତା / ବୈଷମ୍ୟତା ସୃଷ୍ଟି ହୋଇ ନାହିଁ! ମାନସିକ ସ୍ତରରେ ବୈଚାରିକ ସଂସ୍କାରର ଯଥେଷ୍ଟ ଆବଶ୍ୟକତା ରହିଛି ନିଜକୁ ସବର୍ଣ୍ଣ ଗୋଷ୍ଠୀ ସହିତ ସମକକ୍ଷ କରି ସମାନତା ସୃଷ୍ଟି କରିବା ପାଇଁ । ଶୈକ୍ଷିକ ଓ ଆର୍ଥିକ ସମାନତା ମଧ୍ୟ କେତେକ କ୍ଷେତ୍ରରେ ଆବଶ୍ୟକ ରହିଥାଇ ପାରେ ଯାହା ଏକ ନିର୍ଦ୍ଦିଷ୍ଟ ନୀତି ମାଧ୍ୟମରେ ସେମାନଙ୍କୁ ଯୋଗାଇ ଦିଆଯିବା ଆବଶ୍ୟକ- ଏକଥାରେ କୌଣସି ଦ୍ୱିମତ ନାହିଁ । କିନ୍ତୁ ସେମାନଙ୍କୁ ପୂର୍ବରୁ ଦିଆଯାଇନଥିବା ସବର୍ଣ୍ଣଙ୍କ ସଂସ୍କାର ଶିକ୍ଷା ଦିଆଯିବା ମଧ୍ୟ ଅତ୍ୟନ୍ତ ଜରୁରୀ ଯାହା ଶାସନ ବ୍ୟବସ୍ଥିତ କରାଯାଇ ଆରମ୍ଭ କରାଗଲେ ହୁଏତ କେତେ ସମୟ ପରେ ସମାନତା ଆସିପାରେ ବୋଲି ଆମର ଅନୁମାନ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ମରଣଯନ୍ତା ପାଲଟିଛି କଲେଜ ରାସ୍ତା:ପ୍ରଶାସନର ଦୃଷ୍ଟି ପଡୁ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରରେ ଲଗାଣ ବର୍ଷା ଯୋଗୁ ସୋନପୁର କଲେଜ ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ପଡ଼େ ସୋନପୁର କଲେଜ, ଏସ୍‌ପି ଅଫିସ, ଜନସ୍ୱାସ୍ଥ୍ୟ ବିଭାଗ, ତେଲ ଜଳସମ୍ପଦ ବିଭାଗ, ଆରଡ଼ି ଡିଭିଜନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରିବା ସହ ପ୍ରତ୍ୟେକ ଦିନ କଲେଜକୁ ଶହ ଶହ ଛାତ୍ରଛାତ୍ରୀ ଯିବାଆସିବା କରନ୍ତି। ବିଭିନ୍ନ ସରକାରୀ କାମ ଆସୁଥିବା ଜିଲ୍ଲାର ଜନସାଧାରଣ ଏହି ଖାଲଖମା ରାସ୍ତାରେ ଯାଆନ୍ତି। ସୌମ୍ୟା ହୋଟେଲ ସମ୍ମୁଖରେ ବର୍ଷା ଯୋଗୁ ବଡ଼ ଖାଲ ହୋଇ ପାଣି ଜମି ରହୁଛି । ଲୋକମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପଟେ ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା, ବୀରମହାରାଜପୁର ବ୍ଲକ୍‌କୁ ସଂଯୋଗ କରୁଛି ପଡୋଶୀ ଜିଲ୍ଲା ବରଗଡ଼, ସମ୍ବଲପୁର ଜିଲ୍ଲାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଦିନକୁ ଶହ ଶହ ଯାନବାହାନ ସାଙ୍ଗକୁ ଜନସାଧାରଣ ଯିବାଆସିବା କରୁଛନ୍ତି। ଦୁର୍ଘଟଣାକୁ ଏଡାଯାଇନପାରେ ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବେ। ଏହି ରାସ୍ତାଟି ପୂର୍ତ୍ତ ବିଭାଗରେ ଥିବାରୁ ଶୀଘ୍ର ମରାମତି କରିବା ପାଇଁ ସାଧାରଣ ଦାବି ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗର ଦୃଷ୍ଟି ପଡୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ଜଳେଶ୍ୱର ମନ୍ଦିର ରାସ୍ତା ଅବସ୍ଥା ଶୋଚନୀୟ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଖଲିଆପାଲି ପଞ୍ଚାୟତ ଅନ୍ତର୍ଗତ କୁମରକାନି ଗ୍ରାମର ପ୍ରସିଦ୍ଧ ଜଳେଶ୍ୱର ମନ୍ଦିରକୁ ଯାଉଥିବା ରାସ୍ତାର ଦୁରବସ୍ଥା ବିକାଶର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ମନ୍ଦିରକୁ ଯାତାୟାତ ପାଇଁ ଥିବା ରାସ୍ତାଟି ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବର୍ଷା ଯୋଗୁ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ କାଦୁଅରେ ଭରିଯାଇଛି। ଫଳରେ ଏହି ରାସ୍ତାରେ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ବିଶେଷକରି ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଯାତାୟାତ ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୁଇଚକିଆ ଯାନ ଚଳାଚଳ ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ମନ୍ଦିରଟି ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିଲେ ମଧ୍ୟ ଏହାର ଯୋଗାଯୋଗ ରାସ୍ତା ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଉନାହିଁ। ରାସ୍ତାର ତୁରନ୍ତ ମରାମତି ସହ ସ୍ଥାୟୀ ଭାବେ ଉନ୍ନତିକରଣ କରିବାକୁ ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

# ଶିଶୁ ଭବନର ଐତିହାସିକ କୋଠା ହେବ ସଂଗ୍ରହାଳୟ



**କଟକ, ନ୍ୟୁଜ୍ ବ୍ୟୁରୋ**

ଭଙ୍ଗାଯିବନି ଶିଶୁ ଭବନ ପରିସରରେ ଥିବା ଐତିହାସିକ କୋଠା। ଏହାକୁ ସଂରକ୍ଷଣ କରାଯାଇ ସଂଗ୍ରହାଳୟରେ ପରିଣତ କରିବା ନେଇ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟର ଇତିହାସ ସହ ଗଭୀର ଭାବେ ଜଡ଼ିତ ଏହି ପ୍ରାସାଦ ସଦୃଶ କୋଠାଟି ଦିନେ ଓଡ଼ିଶାର ରାଜଭବନ ଭାବେ ବ୍ୟବହୃତ ହୋଇଥିଲା। ଏହି ଐତିହାସିକ କୋଠାର ସମ୍ପର୍କ ମୋଗଲ, ମରାଠା ଓ ବ୍ରିଟିଶ ଶାସନ କାଳ ସହ ରହିଛି। ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସମେତ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଜଡ଼ିତ ବିଭିନ୍ନ ବୈଠକର ମଧ୍ୟ ଏହି କୋଠା ସାକ୍ଷୀ ରହିଛି। ସ୍ୱାଧୀନତା ପରେ ମଧ୍ୟ ୧୯୪୮ ମସିହା ପର୍ଯ୍ୟନ୍ତ ଏହା ଓଡ଼ିଶାର ରାଜଭବନ ଭାବେ ବ୍ୟବହୃତ ହୋଇଥିଲା। ପରବର୍ତ୍ତୀ ସମୟରେ ରାଜଭବନ ଭୁବନେଶ୍ୱରକୁ ସ୍ଥାନାନ୍ତର ହେବା ପରେ ଏହି କୋଠାକୁ ଶିଶୁ ଭବନରେ ପରିଣତ କରାଯାଇଥିଲା। ଦୀର୍ଘ ବର୍ଷ ଧରି ଏଠାରେ ଶିଶୁମାନଙ୍କ ଚିକିତ୍ସା ପାଇଁ ଶିଶୁ ୱାର୍ଡ ଚାଲୁଥିଲା। ପରେ ଶିଶୁ ୱାର୍ଡ ଅନ୍ୟତ୍ର ସ୍ଥାନାନ୍ତର ହେବା ପରେ ଏହି ପୁରୁଣା କୋଠାରେ ଚିକିତ୍ସା ସେବା ବନ୍ଦ ହୋଇଥିଲା। ବର୍ତ୍ତମାନ କୋଠାଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କେତେକ ସ୍ଥାନରେ କାନ୍ଥରେ ଶିଉଳି ଜମିଥିବା ବେଳେ ଚାରିପାଖରେ ଅନାବନା ଗଛଲତା ମାଡ଼ିଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ବିପଦସଙ୍କୁଳ ବୋଲି ବିଚାର କରାଯାଇ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଉଥିଲା। ଏହାକୁ ନେଇ ଐତିହାସିକ କୋଠାର ସଂରକ୍ଷଣ ନେଇ ଆଲୋଚନା ଆରମ୍ଭ ହୋଇଥିଲା। ତେବେ ଶିଶୁ ଭବନ କର୍ତ୍ତୃପକ୍ଷ ଏହି ଜରାଜୀର୍ଣ୍ଣ କୋଠାକୁ ସଂରକ୍ଷଣ କରି ସଂଗ୍ରହାଳୟରେ ପରିଣତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ବୁଦ୍ଧିଜୀବୀମାନେ ମଧ୍ୟ ଐତିହାସିକ କୋଠାର ତୁରନ୍ତ ମରାମତି ଓ ସଂରକ୍ଷଣ ଦାବି କରିଛନ୍ତି। ଏଠାରେ ଐତିହାସିକ ତଥ୍ୟ, ପୁରୁଣା ଦସ୍ତାବିଜ୍ ଓ ଅନ୍ୟାନ୍ୟ ଐତିହ୍ୟ ସମ୍ପର୍କିତ ସାମଗ୍ରୀ ପ୍ରଦର୍ଶନ ସହ ମନୋରଞ୍ଜନର ବ୍ୟବସ୍ଥା କରାଯିବାକୁ ମଧ୍ୟ ମତ ପ୍ରକାଶ ପାଇଛି। କଟକ ମେୟର ସୁବାସ ସିଂହ କହିଛନ୍ତି, ଏହି ଐତିହାସିକ କୋଠାକୁ ଭଙ୍ଗିବାକୁ ଦିଆଯିବନାହିଁ। ସହରର ଅନ୍ୟାନ୍ୟ ଐତିହ୍ୟସ୍ଥଳୀ ସହ ଏହାକୁ ମିଶାଇ ଏକ 'କଲୋନିଆଲ୍ ମ୍ୟୁଜିୟମ୍' ବା ଔପନିବେଶିକ ସଂଗ୍ରହାଳୟ ଭାବେ ବିକଶିତ କରିବା ନେଇ ଉଦ୍ୟମ କରାଯିବ। ଶିଶୁ ଭବନର ଅଧୀକ୍ଷକ ଡା. ସୁନୀଲ ଅଗ୍ରୱାଲ କହିଛନ୍ତି, "ଶିଶୁ ଭବନ ପରିସରରେ ଯଦି ଜି+୬ କୋଠାରେ ୮୪୬ଟି ଶଯ୍ୟାର ବ୍ୟବସ୍ଥା କରାଯାଇପାରୁଛି, ତେବେ ଏହି ଐତିହାସିକ କୋଠାକୁ ସଂରକ୍ଷଣ କରି ଓଡ଼ିଶାର ଐତିହ୍ୟକୁ ମଧ୍ୟ ସୁରକ୍ଷିତ ରଖାଯାଇପାରିବ। ଏହାକୁ ସଂଗ୍ରହାଳୟର ରୂପ ଦିଆଗଲେ ଏଠାରେ ରହୁଥିବା ଶିଶୁମାନଙ୍କ ଅଭିଭାବକମାନେ ଖାଲି ସମୟରେ କିମ୍ବା ସନ୍ଧ୍ୟା ସମୟରେ ଏହା ପରିଦର୍ଶନ କରିପାରିବେ। ଏହା ଆମ ଐତିହ୍ୟ ସଂରକ୍ଷଣରେ ସହାୟକ ହେବ।"

# ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ଅଧିବେଶନ
## ୨୦୨୫-୨୬ ଆର୍ଥିକ ବର୍ଷର ଲାଭାଂଶ ବଣ୍ଟନ ଅନୁମୋଦିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡର ୭୪ତମ ବାର୍ଷିକ ସାଧାରଣ ଅଧିବେଶନ ବାରିପଦା ସ୍ଥିତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ବଡ଼ଜେନା ୭୩ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପାଠ ପରେ ନାବାର୍ଡ ତାଲିକାଭୁକ୍ତ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି, ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ରିପୋର୍ଟ ଏବଂ ଅତିରିକ୍ତ ବଜେଟ୍, ବ୍ୟାଙ୍କ ଓ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ବାର୍ଷିକ ବଜେଟ୍, ଆର୍‌ବିଆଇ ଅନୁମୋଦିତ ସରକାରୀ ସିକ୍ୟୁରିଟିରେ ଏସ୍‌ଏଲ୍‌ଆର୍ ପାଣ୍ଠି ନିବେଶ, ବ୍ୟାଙ୍କର ଉପବିଧି ସଂଶୋଧନ ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ଲାଭାଂଶ ବଣ୍ଟନ ନେଇ ମଧ୍ୟ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା। ଏହି ଅବସରରେ ଉପନିବନ୍ଧକ, ସମବାୟ ସମିତିସମୂହ ଅଶୋକ କୁମାର ପାଣି, ଉପସଭାପତି ପଙ୍କଜିନୀ ନାୟକ, ଉପମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ବାରିକ ଯୋଗଦେଇ ସମବାୟ ବ୍ୟବସ୍ଥାର ବିକାଶରେ ସମବାୟ ବ୍ୟାଙ୍କର ଭୂମିକା ସମ୍ପର୍କରେ ମତ ରଖିଥିଲେ । ସଭାପତି ସୁବ୍ରମଣ୍ୟମ ମହାନ୍ତି ବ୍ୟାଙ୍କର ସାମଗ୍ରିକ ବିକାଶ ଓ ଆର୍ଥିକ ସୁଦୃଢ଼ତା ସହ ଗ୍ରାହକ ସେବାର ଉନ୍ନତି ପାଇଁ ଅଂଶୀଦାର ସମବାୟ ସମିତି, ନିର୍ଦ୍ଦେଶକ, ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି କହିଥିଲେ । ସଭାରେ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ, ଚାଟାର୍ଡ ଆକାଉଣ୍ଟାଣ୍ଟ ଅଭିଜିତ କୁମାର ରାମଙ୍କ ସମେତ ଅଂଶୀଦାର ଓ ଅନୁବନ୍ଧିତ ସମବାୟ ସମିତିର ପ୍ରତିନିଧି, ପ୍ରଶାସକ ଏବଂ ଅଧିକାରୀମାନେ ଯୋଗଦେଇଥିବା ବେଳେ ଉପମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତିଆ ରାସ୍ତାର ସ୍ଥିତି ଅନୁଧ୍ୟାନ କଲେ ସାଂସଦ



**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ୧୦ନଂ ୱାର୍ଡ ଶାନ୍ତିଆ । ଏହି ୱାର୍ଡରେ ବିଭିନ୍ନ ସମସ୍ୟା ତଥା ଅଞ୍ଚଳବାସୀଙ୍କ ଦୀର୍ଘଦିନର ରାସ୍ତା ସମସ୍ୟାର ସମାଧାନ ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ସରଙ୍ଗୀ ଶାନ୍ତିଆ ଅଞ୍ଚଳକୁ ପରିଦର୍ଶନ କରିଛନ୍ତି। ଅଞ୍ଚଳବାସୀଙ୍କ ପ୍ରୟାସରେ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଶାନ୍ତିଆ ଗ୍ରାମ ଠାରୁ ଜାତୀୟ ରାଜପଥ (ଏନ୍‌ଏଚ୍-୬୦) ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଦ୍ୱାରା ଅଞ୍ଚଳବାସୀ ଜିକେ ଉଚ୍ଚ ହସ୍ପିଟାଲ, ଜଳେଶ୍ୱର ତହସିଲ ଓ ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ ସମେତ ନିଜ ଚାଷ ଜମିକୁ ମଧ୍ୟ ଯାତାୟାତ କରିଥାନ୍ତି। ଦୀର୍ଘଦିନ ଧରି ରାସ୍ତାର ମରାମତି ଓ ଉନ୍ନତିକରଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଉକ୍ତ ଦାବିକୁ ଗୁରୁତ୍ୱ ଦେଇ ସାଂସଦ ଶ୍ରୀ ଷଡ଼ଙ୍ଗୀ ନିଜେ ଶାନ୍ତିଆରେ ପହଞ୍ଚି ରାସ୍ତାର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ପରିଦର୍ଶନ ପରେ ଏହାର ତୁରନ୍ତ ମରାମତି କରିବା ସହ ରାସ୍ତାର ସ୍ଥାୟୀ ଉନ୍ନତିକରଣ ପାଇଁ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇ ଖୁବ୍‌ଶୀଘ୍ର କଂକ୍ରିଟ ରାସ୍ତା ନିର୍ମାଣ କରାଯିବ ଏବଂ ତୁରନ୍ତ ଅସ୍ଥାୟୀ ଭାବେ ରାସ୍ତା ମରାମତି ନିମନ୍ତେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଜଳେଶ୍ୱରର ବିଜେପି ନେତା ବ୍ରଜମୋହନ ପ୍ରଧାନ, ବିଜେପି ଜଳେଶ୍ୱର ନଗର ସଭାପତି ଶିବନାରାୟଣ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ଯୁବନେତା ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ପୂର୍ବତନ କାଉନସିଲର ସୀତାଂଶୁ ସେନାପତି, ଅଞ୍ଜନ ଦାସ, ଦେବଜାନୀ ଅଣ୍ଡିଆ, ଅମୂଲ୍ୟ ଅଣ୍ଡିଆ, ସୁମତି ରଣା, ବେଣୁ ବ୍ରହ୍ମଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା, ସ୍ଥାନୀୟ ଜନପ୍ରତିନିଧି ଓ ଅଞ୍ଚଳବାସୀ ଉପସ୍ଥିତ ରହି ସାଂସଦଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

# ଯୁବ ସ୍ୱାଭିମାନ ଟ୍ରଷ୍ଟର ରକ୍ତ ସଂଗ୍ରହ ଅଭିଯାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଯୁବ ସ୍ୱାଭିମାନ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଗାମୀ ଅକ୍ଟୋବର ଦୁଇ ତାରିଖ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟ ସଭାପତି ଇଂ ସ୍ମିତିରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତଥର ପ୍ରତିଷ୍ଠା ଦିବସରେ ତୁଣ୍ଡୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇ ଅନ୍ୟୁନ ୩୦୦ ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କଟକ ଏସ୍‌ସିବି ବ୍ଲଡ଼ ବ୍ୟାଙ୍କ ଓ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ ବ୍ୟାଙ୍କର ମିଳିତ ସହଯୋଗରେ ଶିବିର ପରିଚାଳିତ ହେବ ବୋଲି ସୂଚନା ଦିଆଯାଇଛି। ଏଥିସହିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଓ ଗାନ୍ଧିଜୀ ତଥା ଶାସ୍ତ୍ରୀଜୀଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯିବ ବୋଲି ସଭାପତି ଶ୍ରୀ ଜେନା କହିଛନ୍ତି। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାକୁ କମିଟି ଗଠନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି। ସମ୍ପାଦକ ମନୋଜ ଓଝା ସାଂଗଠନିକ ବିବରଣୀ ଉପସ୍ଥାପନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ନିଆଯାଇଥିବା ବହୁବିଧ ସମାଜ କଲ୍ୟାଣମୂଳକ କାର୍ଯ୍ୟକ୍ରମ ତଥା ଦୁଃସ୍ଥ ଓ ଅସହାୟ ଲୋକଙ୍କୁ ସହାୟତା ସମ୍ପର୍କରେ ଉପଦେଷ୍ଟା ଇଂ ଅକ୍ଷୟ କୁମାର ପାଣି ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରରେ ସଂଗଠନକୁ ଅଧିକ କ୍ରିୟାଶୀଳ କରିବାର ବିଭିନ୍ନ ଦିଗ ଉପରେ ଉପଦେଷ୍ଟା ପ୍ରତାପ କୁମାର ନାୟକ, ରମଣୀ ରଞ୍ଜନ ରାଉତରାୟ, ସନ୍ତୋଷ ବରାଳଙ୍କ ସମେତ ସୁରେନ୍ଦ୍ର ଜେନା, ମାନସ ପ୍ରଧାନ, ସୁରେଶ ପୃଷ୍ଟି, ସନ୍ଦୀପ ବେହେରା, ଅମରେନ୍ଦ୍ର ଦାସ, ଜୟପ୍ରକାଶ ସ୍ୱାଇଁ, ବାପୁନି ବେହେରା, ଗୀତିରଞ୍ଜନ ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟର ବିଭିନ୍ନ ଜୋନ୍‌ରୁ ବହୁ ସଂଖ୍ୟାରେ ସଦସ୍ୟମାନେ ଯୋଗଦେଇ ରକ୍ତଦାନ ଶିବିରକୁ ସଫଳ କରିବା ଦିଗରେ ପଦକ୍ଷେପ ନେବାକୁ ସଂକଳ୍ପ ନେଇଥିଲେ।



# ଜିଲ୍ଲାପାଳଙ୍କ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ 'ଅଙ୍ଗନ କା ଉତ୍ସବ–୨୦୨୬' ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଅଯୋଧ୍ୟାନଗର, ବଡ଼ହାଟ ଓ ବଟାପୁର ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଅଭିଭାବକ, ଅଦ୍ଧିକା ବାଳିକା, ସୁଭଦ୍ରା ହିତାଧିକାରୀ, ପ୍ରାକ୍-ବିଦ୍ୟାଳୟ ଶିଶୁ, ସ୍ଥାନୀୟ ଜନପ୍ରତିନିଧି ଓ ସମୁଦାୟର ବିଭିନ୍ନ ସଦସ୍ୟମାନେ ଉପସ୍ଥିତ ରହି ଉତ୍ସବରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଉତ୍ସବର ଅଂଶ ଭାବେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପିତାମାନଙ୍କ ପାଇଁ ରେସିପି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପିତାମାନେ ଉତ୍ସାହର ସହ ଅଂଶଗ୍ରହଣ କରି ବିଭିନ୍ନ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ଅଙ୍ଗନୱାଡ଼ି କେନ୍ଦ୍ରର ବିଭିନ୍ନ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ଅଧୀନରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ମିଳୁଥିବା ବିଭିନ୍ନ ସେବା ଓ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଓ ଅନୁଭୂତି ଜାଣିଥିଲେ। ଏଥିସହିତ ଶିଶୁମାନଙ୍କ ପୋଷଣ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା, ମାତୃ ଓ ଶିଶୁ ଯତ୍ନ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଶିଶୁଙ୍କ ପୋଷଣ, ପ୍ରାରମ୍ଭିକ ଶିକ୍ଷା ଓ ମାତୃ-ଶିଶୁ ଯତ୍ନର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଆହୁରି ସୁଦୃଢ଼ କରିବା ସହ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା 'ଅଙ୍ଗନ କା ଉତ୍ସବ'ର ମୁଖ୍ୟ ଉଦ୍ଦେଶ୍ୟ। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସଂଜୟ ପାତ୍ର ସହଯୋଗ କରିଥିଲେ।

# କୋରେଇରେ ସେବା ସଂକଳ୍ପ ଅଭିଯାନ:୧୫୬୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ମାଗଣା ଚିକିତ୍ସା ଓ ଔଷଧ ବଣ୍ଟନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସେବା ଏବଂ ସମର୍ପଣର ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ କୋରେଇ ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ତରଫରୁ ଏବଂ ପାଣିକୋଇଲି ସବିତା ହେଲଥ୍ କେୟାର୍ ଡ. ଦେବାଶିଷ ମହାନ୍ତିଙ୍କ ସହଯୋଗରେ ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ରବିବାର ପାଣିକୋଇଲି ସ୍ଥିତ ପି.ଏମ୍.ଶ୍ରୀ ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ୧୫୬୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସିତ କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏହି ନିଃଶୁଳ୍କ ସେବା ଶିବିରରେ ସମ୍ପୂର୍ଣ୍ଣ ମାଗଣା ପରାମର୍ଶ, ଚିକିତ୍ସା ଓ ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ମେଡିସିନ୍ ବିଭାଗ, ମଧୁମେହ ରୋଗ ବିଭାଗ, ସ୍ନାୟୁରୋଗ ବିଭାଗ, ଇ.ଏନ୍.ଟି. (କାନ, ନାକ ଓ ଗଳା ବିଭାଗ), ଚର୍ମ ରୋଗ ବିଭାଗ, ଦନ୍ତ ରୋଗ ବିଭାଗ, ଚକ୍ଷୁ ରୋଗ ବିଭାଗ, ଅସ୍ଥି ଓ ହାଡ ଜନିତ ରୋଗ ବିଭାଗ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ ଓ ଶିଶୁ ରୋଗ ବିଭାଗରେ ଅଭିଜ୍ଞ ଓ ସୁନାମଧନ୍ୟ ପ୍ରଫେସର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ନ୍ୟୁରୋଲୋଜି ବିଭାଗର ଡ. ଦେବେନ୍ଦ୍ର ବିଶ୍ୱାଳ, ମେଡିସିନ୍ ବିଭାଗର ଡ. ଦିପକ କୁମାର ବେହେରା, ଡ. ହିମାଂଶୁ କୁମାର, ଡ. ସତ୍ୟଜିତ୍ ସାହୁ, ସର୍ଜରୀ ବିଭାଗର ଡ. ଜିତେନ୍ଦ୍ର କୁମାର ସୋରେନ୍, ଇ.ଏନ୍.ଟି. ବିଭାଗର ଡ. ସନ୍ତୋଷ କୁମାର ପତି, ଓଏଣ୍ଡଜି. ବିଭାଗର ଡ. ନିହାରରଞ୍ଜନ ରାଉତ, ୟୁରୋଲୋଜି ବିଭାଗର ଡ. ଦିବ୍ୟଜ୍ୟୋତି ଦାସ, ଶିଶୁ ରୋଗ ବିଭାଗର ଡ. ଗୌତମ କୁମାର ସାହୁ ଓ ଡ. ଲର୍ଡ ବିକ୍ରମଜିତ୍ ରାଉତରାୟ, ଚର୍ମରୋଗ ବିଭାଗର ଡ. ରିଷଭ ମହାପାତ୍ର, ଚକ୍ଷୁ ରୋଗ ବିଭାଗର ଡ. ଅନନ୍ୟା ବେହେରା, ଦାନ୍ତ ବିଭାଗର ଡ. ବିଶ୍ୱଜିତ୍ ବେହେରା, ଏଣ୍ଡୋକ୍ରାଇନ୍‌ଲୋଜି ବିଭାଗର ଡ. ବିକାଶ ପଣ୍ଡା, ନିହାର ରଞ୍ଜନ ମିଶ୍ରଙ୍କ ଭଳି ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ବ୍ୟାସନଗର ପ୍ରଶାନ୍ତ କୁମାର



ପୁହାଣ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଦିପ୍ତିମୟୀ କୁଅଁର, ଜିଲ୍ଲା ସହସଂପାଦକ ଅଯୋଧ୍ୟା ଜେନା, କୋରେଇ ବିଧାୟକଙ୍କ ପ୍ରତିନିଧି ଧନେଶ୍ୱର ବାରିକ, ରସୁଲପୁର ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, କୋରେଇ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ କୁମାର ଧଳ, ଏସ୍.କେ. ଜହର ଅଲ୍ଲୀ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଶାନ୍ତ ନାଥ, ନିରଞ୍ଜନ ନାୟକ, ଜଗଦିଶ୍ୱର ମଲ୍ଲିକ, ଉପେନ୍ଦ୍ର ପାତ୍ର, ଦେବେନ୍ଦ୍ର ସ୍ୱାଇଁ, ବିନୋଦ ଜେନା, ବିକାଶ ଜେନା, ଅଜିତ ରାଉତ, ଆଲୋକ ପରିଡା, ଅକ୍ଷୟ ସାହୁ, ସୁଶାନ୍ତ ମଲ୍ଲିକ, ମୋନାଲିସା ବେହେରା, ବୀଣାପାଣି ଜେନା, ମନୋଜ ପାଢ଼ୀ, ପ୍ରୀତିରଞ୍ଜନ ସାହୁ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ପ୍ରିୟବ୍ରତ ସାହୁ, ସନ୍ଦୀପ ପରିଡା, ଚନ୍ଦନ ପରିଡା, ରାଜେଶ ରାଉତ, ପ୍ରକାଶ କୁମାର ଜେନା, ଶୁଭୋଜିତ୍ ରାୟ, ସତ୍ୟବ୍ରତ ଜେନା, ସାଦକପୁର ସରପଞ୍ଚ ରବିନ୍ଦ୍ର ବେହେରା, ପାଟରଙ୍ଗା ସରପଞ୍ଚ ରଞ୍ଜନ କୁମାର ଦାସ, ଅଶୋକ କୁମାର ବାରିକ, ଚିନ୍ତାମଣି ରାଉତ, ମୁଳାପାଳ ସରପଞ୍ଚ ଜୟନ୍ତ କୁମାର ନାୟକ, ଅଦ୍ୱୈତ ଦାସ, ରଞ୍ଜନ କୁମାର ଦେଓ, ବରୁଣ୍ଡେଇ ସମିତିସଭ୍ୟ ରଶ୍ମିରଞ୍ଜନ ପରିଡା, ହଳଦୀଗଡିଆ ସମିତିସଭ୍ୟ ଉଦୟ ନାୟକ, ଦୀପକ ଦାସ, ଆଲୋକ ଦାସ, ଲକ୍ଷ୍ମୀଧର କରଣ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁବ୍ରତ ସ୍ୱାଇଁ, ସୁବ୍ରତ ପଣ୍ଡା, କାର୍ତ୍ତିକ ସାହୁ, ବନ୍ଦାଳେ ସରପଞ୍ଚ ବିଷ୍ଣୁ ଚରଣ ରଥ, ଉଦୟନାଥ ପରିଡା, ସନ୍ତୋଷ ବେହେରା, ଅଜୟ ସାହୁ, ପଦ୍ମନାଭ ମଲ୍ଲିକ, କାର୍ତ୍ତିକ ସାହୁ, ସଞ୍ଜିବ ନାୟକ, ବିମ୍ବାଧର ସାହୁ, ପ୍ରଫୁଲ୍ଲ ମାଝୀ, ଗୋଳେଇପୁର ସରପଞ୍ଚ ସସ୍ମିତା ମାଝୀ, ଭାନୁପ୍ରଭା କରଣ, ପ୍ରେମେଶ ମହାକୁଡ, ପ୍ୟାରିମୋହନ ବାରିକ, ପ୍ରେମାନନ୍ଦ ବାରିକ, ସୌମ୍ୟରଞ୍ଜନ ସାହୁ, ତାପସ କୁମାର ଦାସ, ନେପାଳ ଚନ୍ଦ୍ର ପୁରୀ, କୁନା ମହାରଣା, ଗୟାଧର ସେନାପତି, ଅନିରୁଦ୍ଧ ବାରିକ, ଅଞ୍ଜନ ଦାସ, ଯଶୋବନ୍ତ ଦାସ, ପ୍ରକାଶ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବରିଷ୍ଠ ନାଗରିକ ସଂଘ ବାର୍ଷିକୋତ୍ସବ:ସାଇବର ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ଶ୍ରୀ ଗୋପାଳଜୀ ଯୋଗାଳୟ ଠାରେ ସୁବର୍ଣ୍ଣପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଏସ୍‌ପି ନାରାୟଣ ନାଏକ, ଏଡିଏମ୍ ଅଞ୍ଜଳିନା ପଧାନ, ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାଏକ୍, ସାଇବର ସବ୍ ଇନ୍ସପେକ୍ଟର ରବୀନ୍ଦ୍ର ସାହୁ, ଏଲଡିଏମ୍‌ଏଫ୍‌ଏଲ ସି ଘନଶ୍ୟାମ ମେହେର ଅତିଥି ଭାବରେ ଯୋଗଦେଇ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରାକ୍ତନ ନିର୍ଦ୍ଦେଶକ ଡା. ପ୍ରଦୀପ ଗୁରୁ ସ୍ୱାସ୍ଥ୍ୟ ଉପରେ, ଜିଲ୍ଲା ପୋଲିସର ରବୀନ୍ଦ୍ର ସାହୁ ଓ ଷ୍ଟେଟ୍ ବ୍ୟାଙ୍କ୍ ଚିଫ୍ ମ୍ୟାନେଜର ଲକ୍ଷ୍ମଣ ମାଝୀ ସାଇବର୍ ଅପରାଧ ଉପରେ ସଚେତନତା କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ଡଃ ଜ୍ୟୋତି ରଞ୍ଜନ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଡ. ଆର୍ତ୍ତତ୍ରାଣ ବାବୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବରିଷ୍ଠ ନାଗରିକ ବ୍ରଜ ମୋହନ ଦାନୀ, ଚମରା ରାମ ତ୍ରିପାଠୀ, ବ୍ୟୋମକେଶ ଦାଶଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସଂଘର ପ୍ରତିଷ୍ଠାତା ସଦସ୍ୟ ଡା. ରାଜେନ୍ଦ୍ର ମିଶ୍ର, ମୃତ୍ୟୁଞ୍ଜୟ ଦାଶ, ନାରାୟଣ ପ୍ରସାଦ ରାୟ ଗୁରୁ, ଇନ୍ଦ୍ରମଣି ଦାଶ, ଡ. ସନ୍ତୋଷ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁବର୍ଣ୍ଣପୁରର ଐତିହ ସଂସ୍କୃତି ଉପରେ କୁଇଜ୍ ପ୍ରତିଯୋଗିତା ଓ ଆଲୋଚନା ହୋଇଥିଲା । ଶ୍ରୀବତ୍ସ ମଲ୍ଲିକ, ସଚିଦା ନନ୍ଦ ନାଏକ, ରାଧେଶ୍ୟାମ ମିଶ୍ର, ଜଗଦୀଶ ମେହେର, ଦୟାନିଧି ସେଠି, ଦିଲୀପ ରଥ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବରଗଡ଼ରେ ପ୍ରୋମୋ ରନ୍:୨୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୧୩ ଡିସେମ୍ବର ୨୦୨୬ ଦିନ ଓଡ଼ିଶାର ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ପୁରୀ ଠାରେ ଅନୁଷ୍ଠିତ ହେବାକୁଥିବା 'ଓଏମ୍‌ସି ପୁରୀ କୋଷ୍ଟାଲ୍ ମାରାଥନ୍ ୨୦୨୬' ର ବ୍ୟାପକ ପ୍ରଚାର ପ୍ରସାର ପାଇଁ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବରଗଡ଼ ସହରରେ ଏକ ବିଶାଳ 'ପ୍ରୋମୋ ରନ୍' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସର୍ବସାଧାରଣଙ୍କ ମଧ୍ୟରେ କ୍ରୀଡ଼ା ଭାବନା ଜାଗ୍ରତ କରିବା, ଜନ ଭାଗିଦାରୀ ବୃଦ୍ଧି କରିବା ଏବଂ ମୁଖ୍ୟ ମାରାଥନ୍ ପାଇଁ ପଞ୍ଜିକରଣକୁ ତ୍ୱରାନ୍ୱିତ କରିବା। ସକାଳ ଠିକ୍ ୬:୩୦ଟାରେ ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ଠାରୁ ଏହି ୫ କିଲୋମିଟର ଦୀର୍ଘ ପ୍ରୋମୋ ରନ୍‌ର ଶୁଭାରମ୍ଭ ହୋଇଥିଲା। ବରଗଡ଼ର ଅତିରିକ୍ତ ଜିଲ୍ଲାପାଳ (ADM) ଜେନେରାଲ ମଧୁଛନ୍ଦା ସାହୁ ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନେ ନୀଳ ରଙ୍ଗର ଆକର୍ଷଣୀୟ 'ପୁରୀ କୋଷ୍ଟାଲ ମାରାଥନ୍' ଟି-ସାର୍ଟ ପିନ୍ଧି ଷ୍ଟାଡିୟମ୍‌ରୁ ବାହାରି ସହର ପରିକ୍ରମା କରିଥିଲେ। ଦୌଡ଼ଟି ସହରର ଗାନ୍ଧୀ ଛକ ଠାରେ 'ୟୁ-ଟର୍ଣ୍ଣ' ନେଇ ପୁନର୍ବାର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌କୁ ଫେରିଆସି ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ସହର ଏବଂ ଆଖପାଖ ଅଞ୍ଚଳରୁ ୨୦୦ରୁ ଅଧିକ ଛାତ୍ରଛାତ୍ରୀ, ଖେଳାଳି ଏବଂ ସାଧାରଣ ଜନତା ଉତ୍ସାହର ସହ ଅଂଶଗ୍ରହଣ କରି ସଫଳ କରାଇଥିଲେ। ସ୍ୱତଃସ୍ଫୂର୍ତ୍ତ ଅଂଶଗ୍ରହଣ ସହରର କ୍ରୀଡ଼ା ପ୍ରେମ ଏବଂ ପୁରୀ ମାରାଥନ୍ ପ୍ରତି ଥିବା ଆଗ୍ରହକୁ ସୂଚାଉଛି।

# ସେବା ସଂକଳ୍ପ ଅଭିଯାନରେ ୨୬ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମ ଭାରତୀୟ ଜନତା ଯୁବମୋର୍ଚ୍ଚା ଗଞ୍ଜାମ ଓ ସେବା ଭାରତୀର ସଂଯୋଜନାରେ ଏକ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି ମହତ୍ କାର୍ଯ୍ୟରେ ଅନେକ ଯୁବ କାର୍ଯ୍ୟକର୍ତ୍ତା ଓ ସ୍ୱେଚ୍ଛାସେବୀ ଉତ୍ସାହର ସହ ଯୋଗଦାନ କରିଥିଲେ । ଏହି ଶିବିର ସଂଯୋଜକ କମଳ ପାତ୍ରଙ୍କ ତତ୍ତ୍ୱାବଧାନରେ ହେବା ସହ ରକ୍ତଭଣ୍ଡାର ଓ ଏଲ୍‌ଭି ପ୍ରସାଦ ଚକ୍ଷୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଭାପତି ବି. ସୋମନାଥ ପାତ୍ର, ସଂଯୋଜକ ସୁରେଶ କୁମାର ବିଷୋୟୀ, ଓକିଲ ସଂଘ ସଭାପତି ସୀତାଂଶୁ ଶେଖର ପଣ୍ଡା, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ ଏବଂ କର୍ପୋରେଟର ସବିତା କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଉପସଭାପତି ବି. ରବି ରାଓ, ଆଲୋକ ସାହୁ, ସାଧାରଣ ସମ୍ପାଦକ କୃଷ୍ଣ ପୋଲାଇ, ସମ୍ପାଦକ ଅମର ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତି ପଟ୍ଟନାୟକ, ସିରିଡ଼ି ବିକ୍ରମ, ଶ୍ରୀଧର ପାଳ, ମନୋଜ ପାଣିଗ୍ରାହୀ, ଶଙ୍କର୍ଷଣ ଜେନା, ଜଗନ୍ ମହାପାତ୍ର, ଅର୍ଜୁନ ଦାସ, ନାଇଡୁଦିବାକର, ଲିଙ୍ଗରାଜ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ଯୁବ ସମାଜସେବୀ ଉପସ୍ଥିତ ଥିଲେ ।

### ସ୍ୱାମୀ ମୌନାନନ୍ଦ ସରସ୍ୱତୀଙ୍କ ବ୍ରହ୍ମଲୀନ ମହୋତ୍ସବ

# ଜଗତ କଲ୍ୟାଣ ପାଇଁ ପ୍ରତ୍ୟେକ ଆଧ୍ୟାତ୍ମିକତାକୁ ଗ୍ରହଣ କରନ୍ତୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଏକ ଅନନ୍ୟ ଓ ପ୍ରସିଦ୍ଧ ଆଧ୍ୟାତ୍ମିକ ସ୍ଥଳ ଯାଜପୁର ଜିଲ୍ଲାର ଚଡେଇଧରା ନିକଟ ମଧୁପୁର ବେଢ଼ା ପାହାଡ ଶିଖରରେ ଥିବା ଶ୍ରୀଗୁରୁ ଆଶ୍ରମ ଓ ଶିଦ୍ଧେଶ୍ୱର ପୀଠର ପ୍ରାଣପ୍ରତିଷ୍ଠାତା ସନ୍ଥ ଶିରୋମଣି ସ୍ୱାମୀ ବାବା ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ବ୍ରହ୍ମଲୀନର ୧୧ତମ ବ୍ରହ୍ମଲୀନ ମହୋତ୍ସବ ଓ ଆଶ୍ରମର ବାର୍ଷିକ ଉତ୍ସବ ପବିତ୍ର ଇନ୍ଦ୍ର ପୂର୍ଣ୍ଣିମା ଭାଗବତ ଜନ୍ମତିଥିରେ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ୨୦ ତାରିଖ ଠାରୁ ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁସନ୍ଥ ଯୋଗଦେଇ ବାବାଙ୍କ ସମାଧି ମଣ୍ଡପରେ ପୂଜାର୍ଚ୍ଚନା ପୂର୍ବକ ଆଶ୍ରମ ପ୍ରତିଷ୍ଠାତା ବ୍ରହ୍ମଲୀନ ସ୍ୱାମୀ ମୌନାନନ୍ଦଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ଆଶ୍ରମର ବାବା ଜ୍ଞାନାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତା ଓ ବାବା ପର୍ଶୁରାମ ଦାସ ମହାରାଜଙ୍କ ସଂଯୋଜନାରେ ଇତ୍ୟବସରରେ ଏକ ଆଧ୍ୟାତ୍ମିକ ଉନ୍ମେଷ ଓ ସନ୍ଥ ସମ୍ମିଳନୀ



ଆୟୋଜିତ ହୋଇଥିଲା। ଏଥିରେ ବାବା ସଚ୍ଚିଦାନନ୍ଦ ଦାସ, ବାବାଜୀ ହରିହର ଦାସ, ବାବାଜୀ କୁଞ୍ଜବିହାରୀ ଦାସ, ସ୍ୱାମୀ ସତ୍ୟ ଧର୍ମାନନ୍ଦ ସରସ୍ୱତୀ, ବାବାଜୀ ଜଗନ୍ନାଥ ଦାସ, ଫଳାହାରି ବାବା, ବାବାଜୀ ନିଳାମ୍ବର ଦାସ, ଅଧିକାରୀ ଉଦାସପନ୍ଥି, ସ୍ୱାମୀ ଦିବ୍ୟଲୋଚନ ଦାସ, ବାବା ପରମେଶ୍ୱର ଦାସ, ବାବା ଅନନ୍ତରାମ ଦାସ, ବୃନ୍ଦାବନ ଦାସ ମହାରାଜ, ସ୍ୱାମୀ ଅରୁପାନନ୍ଦ ଦାସ, ଧରମ ଦାସ ମହାରାଜ, ବାବା ଉଦ୍ଧବ ଦାସ ପ୍ରମୁଖ ଆଶୀର୍ବଚନ ପ୍ରଦାନ ପୂର୍ବକ ଜଗତକଲ୍ୟାଣ ଓ ସମାଜରେ ସଂସ୍କାରୀ ହେବାପାଇଁ ପ୍ରତ୍ୟେକ ପ୍ରାଣୀ ଆଧ୍ୟାତ୍ମିକତାକୁ ଗ୍ରହଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହି ଆଧ୍ୟାତ୍ମିକ ମହୋତ୍ସବରେ ପୂର୍ବତନ ମନ୍ତ୍ରୀ ଅମରପ୍ରସାଦ ଶତପଥୀ, ବିଜେପି ନେତା, ପ୍ରାକ୍ତନ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ ବିଜୟକୁମାର ଶତପଥୀ, ବିଶିଷ୍ଟ ଶିଳ୍ପପତି କମଲେସ ଜେନ, ସରୋଜକୁମାର ରାଉତ, ରମେଶ ଦାଶ, ବଡଚଣା ବ୍ଲକ ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ, ବରିଷ୍ଠ ସାମ୍ବାଦିକ ତଥା ଆଶ୍ରମ ଭକ୍ତ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସଂପାଦକ ବେଣୁଧର ପଣ୍ଡା, ବେଣୁଧର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ରାଉତ, ଅଜିତ ବେହେରା, ଗନ୍ଧର୍ବ ପରିଡା, ପିତବାସ ସାହୁ, ମହେନ୍ଦ୍ର କାନୁନଗୋ, ବାଙ୍କନିଧି ବେହେରା, ପ୍ରଭାକର ବେହେରା, ସହଦେବ ସାହୁ, ଗଣେଶ୍ୱର ପଣ୍ଡା, ପବିତ୍ରରଂଜନ ମହାନ୍ତି, ଅଶୋକ ପରିଡାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଶତାଧିକ ଭକ୍ତ ଯୋଗଦେଇ ଆଶ୍ରମ ପ୍ରତିଷ୍ଠାତା ବ୍ରହ୍ମଲୀନ ବାବା ମୌନାନନ୍ଦ ସରସ୍ୱତୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଶିଷ୍ଟ ବ୍ୟବସାୟୀ ବାଇଧର ସାହୁ ସସ୍ତ୍ରୀକ ମହାଯଜ୍ଞରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ପଣ୍ଡିତ ଦାମୋଦର ରଥ, ତପନ ପାଢ଼ୀ ଓ ନିଶିକାନ୍ତ ରଥ ପ୍ରମୁଖ ପୂର୍ଣ୍ଣାହୂତି ସମ୍ପର୍ଣ୍ଣ କରିଥିଲେ। କାର୍ତ୍ତିକ ବାବା, ଲିଟୁ କରଣ, ଟୁଟୁ ସାହୁ, ଅଜୟ ବେହେରା, ବୁନା ପରିଡା, ମାନସ ବିଶ୍ୱାଳଙ୍କ ସହ ଆଶ୍ରମ ସେବକମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଗତ ଏକ ସପ୍ତାହ ବ୍ୟାପୀ ଆଶ୍ରମରେ ଶ୍ରୀମଦ ଭାଗବତ ପାରାୟଣ, ଗୀତା ମହାଯଜ୍ଞ, ସମାଧି ପୂଜନ, ଅନ୍ନଯଜ୍ଞ, ସିଦ୍ଧେଶ୍ୱର ମହାଦେବଙ୍କ ମହାସ୍ନାନ ଓ ରୁଦ୍ରାଭିଷେକ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା।

# ସମବାୟ ସଂସ୍ଥାକୁ ସୁଦୃଢ଼ ଓ ସ୍ୱଚ୍ଛ ରଖିବା ନିମନ୍ତେ ପଦକ୍ଷେପ



**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟରେ ସମବାୟ ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ମହାଅଭିଯାନ 'ସମୃଦ୍ଧ'ର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଅଡିଟୋରିୟମ୍ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ବିଭିନ୍ନ ବ୍ଲକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ ପଞ୍ଚାୟତରୁ କୃଷି ଭାଇ ଓ ଭଉଣୀ ଏବଂ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଉନ୍ମୋଚନ ସହ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା । ଏହି ଅବସରରେ ଆପ୍ଲିକେସନ୍‌କୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି- 'ସମବାୟ ସଂସ୍ଥାଗୁଡ଼ିକର କମ୍ପ୍ୟୁଟରୀକରଣ କେବଳ ଫାଇଲ୍ କାମ ନୁହେଁ, ବରଂ 'ରିଏଲ୍ ଟାଇମ୍ ସେଟଲ୍‌ମେଣ୍ଟ' ଏବଂ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତିଗୁଡ଼ିକୁ କୋର୍ ବ୍ୟାଙ୍କିଂ ସହ ଯୋଡ଼ାଯିବ। ଯାହାଦ୍ୱାରା ଅଡିଟ୍ ପ୍ରକ୍ରିୟାକୁ ସୁଦୃଢ଼ କରାଯାଉଛି, ଯାହାଦ୍ୱାରା କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆସିପାରିବ।' ଗ୍ରାମୀଣ ଅର୍ଥନୀତିର ସଶକ୍ତୀକରଣ ଓ ପ୍ରତ୍ୟେକ ପରିବାରକୁ ସମବାୟ କ୍ଷେତ୍ର ସହ ଯୋଡ଼ିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାରେ ଆଗାମୀ ୨ ମାସ ପର୍ଯ୍ୟନ୍ତ ଏହି ବ୍ୟାପକ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଚାଲିବ। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ଘରୁ ଅନ୍ତତଃ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ସମିତି ସଦସ୍ୟ ଏବଂ 'ସମବାୟ ସାଥି' ଭାବେ ଅନ୍ତର୍ଭୁକ୍ତ କରାଯିବ। ଗ୍ରାମାଞ୍ଚଳର ସାଧାରଣ ନାଗରିକ ଓ ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ସୂଚନାଯୋଗ୍ୟ ଯେ ୭୦ଟି ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଲୋକାର୍ପଣ ସହ ୪ଟି ମଡେଲ୍ ମଣ୍ଡି ଓ ୩ଟି ଗୋଦାମ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧୮୫ଟି ଧାନ କ୍ରୟ କେନ୍ଦ୍ରରେ ଆବଶ୍ୟକ ସୁବିଧା ସହ ୨୫୦ଟି ପ୍ରାଥମିକ କୃଷି ସମବାୟ ସମିତିରେ ଜନସେବା କେନ୍ଦ୍ର ଏବଂ ୨୧ଟି ପ୍ରାଥମିକ କୃଷି ସମବାୟ ସମିତିରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି। ସୁଦୃଢ଼ ସମବାୟ ବ୍ୟବସ୍ଥା ସହ କୃଷକଙ୍କ ସୁବିଧା, ସେବା ଓ ଆୟ ବୃଦ୍ଧିକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ୁଛି ଓଡ଼ିଶା। ଏହାସହ ରୂପାନ୍ତରିତ ମଣ୍ଡି, ଆଦର୍ଶ ମଣ୍ଡିର ଭିତ୍ତିପ୍ରସ୍ତର, ଶସ୍ୟ ଗୋଦାମ୍ ଓ କଷ୍ଟମ୍ ହାୟାରିଂ ସେଣ୍ଟର ଭଳି ବ୍ୟାପକ ଭିତ୍ତିଭୂମିର ଲୋକାର୍ପଣ ସହିତ ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚାଷୀଭାଇମାନଙ୍କ ସ୍ୱାର୍ଥରକ୍ଷା ଓ ଆୟ ବୃଦ୍ଧି ପାଇଁ ଆଖୁ ଚାଷୀଙ୍କ ନିମନ୍ତେ ଏକ ନୂତନ 'ଇନ୍‌ପୁଟ୍ ସବ୍‌ସିଡି ପ୍ରୋତ୍ସାହନ ଯୋଜନା'ର ଶୁଭାରମ୍ଭ ହେବା ସହ ନବନିଯୁକ୍ତ ସମବାୟ ନିରୀକ୍ଷକ ତଥା ପଣ୍ୟାଗାର କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି। 'ସହକାର୍ ସେ ସମୃଦ୍ଧି' ମନ୍ତ୍ରକୁ ପାଥେୟ କରି ତୃଣମୂଳ ସ୍ତରରେ ସମବାୟ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ରାଜ୍ୟର ପ୍ରତ୍ୟେକ ଯୋଗ୍ୟ କୃଷକ ପରିବାର ଏହି ମହାଅଭିଯାନରେ ସାମିଲ୍ ହୋଇ ସମବାୟକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ସହ ଏକ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ଆହ୍ୱାନ ଦିଆଯାଇଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୬


# ଡେକାଥଲନ୍‌ରେ ତେଜସ୍ୱିନ ଶଙ୍କରଙ୍କୁ କାଂସ୍ୟ



**ନାଗୋୟା**

ଜାତୀୟ ରେକର୍ଡଧାରୀ ଡେକାଥଲନ୍ ଖେଳାଳି ତେଜସ୍ୱିନ ଶଙ୍କର ଚଳିତ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ପ୍ରତିଯୋଗିତାରେ ସେ ମୋଟ ୭୯୩୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ତେଜସ୍ୱିନଙ୍କୁ ଏଥର କାଂସ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ଜାପାନର ୟୁମା ମୁରୁୟାମା ୮୧୨୩ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ସଂସ୍କରଣରେ ମୁରୁୟାମା କାଂସ୍ୟ ପଦକ ଜିତିଥିଲେ। ତେବେ କାଂସ୍ୟ ପଦକ ଜିତିବା ସତ୍ତ୍ୱେ ନିଜ ପ୍ରଦର୍ଶନକୁ ନେଇ ତେଜସ୍ୱିନ ଘୋର ନିରାଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ''ତୃତୀୟ ସ୍ଥାନ ହାସଲ କରିବା ମୋର ଲକ୍ଷ୍ୟ ନଥିଲା। ଏହି କାଂସ୍ୟ ପଦକର ବୋଝକୁ ମୋତେ ଦୂର କରିବାକୁ ପଡ଼ିବ। ଏବେ ମୁଁ ବହୁତ ନିରାଶ। ମୋତେ ଲାଗୁନାହିଁ ଯେ ମୁଁ କାଂସ୍ୟ ପଦକ ଜିତିଛି, ବରଂ ରୌପ୍ୟ ପଦକ ହରାଇଛି।''

ଦିଲ୍ଲୀର ୨୭ ବର୍ଷୀୟ ତେଜସ୍ୱିନ ଡେକାଥଲନ୍‌ର ଦଶମ ତଥା ଅନ୍ତିମ ଇଭେଣ୍ଟ ୧୫୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେ ୪ ମିନିଟ୍ ୩୩.୦୯ ସେକେଣ୍ଡରେ ଦୌଡ଼ ଶେଷ କରି ମୁରୁୟାମାଙ୍କୁ ପଛରେ ପକାଇଥିଲେ। ମୁରୁୟାମା ୪ ମିନିଟ୍ ୩୩.୯୨ ସେକେଣ୍ଡ ସମୟ ନେଇଥିଲେ। ତେବେ ଅନ୍ତିମ ଇଭେଣ୍ଟ ପୂର୍ବରୁ ମୁରୁୟାମା ସ୍ୱର୍ଣ୍ଣ ପଦକ ପାଇଁ ଯଥେଷ୍ଟ ପଏଣ୍ଟ ହାସଲ କରିସାରିଥିବାରୁ ୧୫୦୦ ମିଟର ଦୌଡ଼ର ଫଳାଫଳ ଚୂଡ଼ାନ୍ତ ସ୍ଥିତି ଉପରେ ବିଶେଷ ପ୍ରଭାବ ପକାଇ ନଥିଲା।

## ବର୍ଷା ଯୋଗୁଁ ଭାରତ-ଆଫଗାନିସ୍ତାନ ମ୍ୟାଚ୍ ରଦ୍ଦ

# ଏସିଆନ୍ ଗେମ୍ସ ସେମିଫାଇନାଲରେ ପହଞ୍ଚିଲା ଟିମ୍ ଇଣ୍ଡିଆ

**ନିଶିନ**

ଭାରତୀୟ କ୍ରିକେଟ୍ ଦଳ ଏସିଆନ୍ ଗେମ୍ସ ୨୦୨୬ର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ବର୍ଷା ଏବଂ ଖରାପ କ୍ରିକେଟ୍ ପଡ଼ିଆ ଯୋଗୁଁ ଟସ୍ ମଧ୍ୟ ହୋଇପାରି ନଥିଲା। ବିସିସିଆଇ ସୂଚନା ଦେଇଛି ଯେ ବର୍ଷା ଯୋଗୁଁ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ବାତିଲ୍ କରିଦିଆଯାଇଛି। ଉନ୍ନତ ରାଙ୍କିଂ ଆଧାରରେ ଟିମ୍ ଇଣ୍ଡିଆ ସେମିଫାଇନାଲ୍‌ରେ ପହଞ୍ଚିଛି। ଏହାପୂର୍ବରୁ ପାକିସ୍ତାନ ଦଳ ମଧ୍ୟ ବିନା ମ୍ୟାଚ୍ ଖେଳି ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛି। ଏହି ଦୁଇ ଦଳକୁ ବର୍ତ୍ତମାନ ପଦକ ହାସଲ କରିବା ପାଇଁ ମାତ୍ର ଗୋଟିଏ ମ୍ୟାଚ୍ ଜିତିବାକୁ ପଡ଼ିବ। ସେହିପରି ଦୁଇଟି ମ୍ୟାଚ୍ ଜିତିବା ଦଳକୁ ସ୍ୱର୍ଣ୍ଣ ପଦକ ମିଳିଯିବ।

ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାର ପ୍ରବଳ ଦାବିଦାର ମାନାଯାଉଛି। ଶେଷ ଏସିଆନ୍ ଗେମ୍ସରେ ମଧ୍ୟ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ସୂଚନାଯୋଗ୍ୟ ଯେ ଭାରତର ମହିଳା କ୍ରିକେଟ୍ ଦଳ ପୂର୍ବରୁ ହିଁ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିସାରିଛି।




ବର୍ତ୍ତମାନ ଜାପାନରେ କ୍ରମାଗତ ଭାବେ ବର୍ଷା ହେଉଛି। ଏହି କାରଣରୁ ଏସିଆନ୍ ଗେମ୍ସ ୨୦୨୬ ର ଅନେକ ଖେଳ ପ୍ରଭାବିତ ହୋଇଛି। କ୍ରିକେଟ୍ ଉପରେ ଏହାର ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି। ଓଦା ପଡ଼ିଆ ଯୋଗୁଁ ମ୍ୟାଚ୍ ଗୁଡ଼ିକ ହୋଇପାରୁ ନାହିଁ। ଭାରତର ମ୍ୟାଚ୍ ପୂର୍ବରୁ ମଧ୍ୟ ନିଶିନରେ ପ୍ରବଳ ବର୍ଷା ହୋଇଥିଲା। ମ୍ୟାଚ୍ ପୂର୍ବରୁ ଆକାଶ ମେଘାଚ୍ଛନ୍ନ ରହିଥିଲା। ଏଭଳି ପରିସ୍ଥିତିରେ ଅଧିକାରୀମାନେ ମ୍ୟାଚ୍ ନ କରାଇବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଉନ୍ନତ ର୍ୟାଙ୍କିଂ ଆଧାରରେ ଭାରତ ସେମିଫାଇନାଲ୍‌ରେ ପହଞ୍ଚିଯାଇଛି।

ସେମିଫାଇନାଲ୍‌ରେ ଭାରତୀୟ ଦଳର ମୁକାବିଲା ଶ୍ରୀଲଙ୍କା ଏବଂ ନେପାଳ ମଧ୍ୟରେ ହେବାକୁ ଥିବା ତୃତୀୟ କ୍ୱାର୍ଟରଫାଇନାଲର ବିଜେତାଙ୍କ ସହ ହେବ। ଏହାପୂର୍ବରୁ ପାକିସ୍ତାନ ଏବଂ ହଂକଂ ମଧ୍ୟରେ ହେବାକୁ ଥିବା କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁଁ ଧୋଇଯାଇଥିଲା, ଯାହାଫଳରେ ପାକିସ୍ତାନ ଦଳ ସେମିଫାଇନାଲ୍‌ରେ ପହଞ୍ଚିଥିଲା। ପାକିସ୍ତାନ ଦଳ ସେମିଫାଇନାଲ୍‌ରେ ବାଂଲାଦେଶ କିମ୍ବା ମାଲେସିଆ ସହ ଖେଳିବ।

ସୂଚନାଯୋଗ୍ୟ ଯେ ଏସିଆନ୍ ଗେମ୍ସ ୨୦୨୬ରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶକୁ ସିଧାସଳଖ କ୍ୱାର୍ଟରଫାଇନାଲ୍‌ରେ ସ୍ଥାନ ମିଳିଥିଲା। ଅନ୍ୟପଟେ ନେପାଳ, ଜାପାନ, ଆଫଗାନିସ୍ତାନ, ହଂକଂ, ମାଲେସିଆ ଏବଂ ଓମାନକୁ ଗ୍ରୁପ୍ ମ୍ୟାଚ୍ ଖେଳିବାକୁ ପଡ଼ିଥିଲା। ଗ୍ରୁପ୍-ଏ'ରୁ ନେପାଳ ଓ ଆଫଗାନିସ୍ତାନ କ୍ୱାର୍ଟର ଫାଇନାଲ୍ ପାଇଁ କ୍ୱାଲିଫାଏ କରିଥିଲେ। ସେହିପରି ଗ୍ରୁପ୍-ବି'ରୁ ମାଲେସିଆ ଏବଂ ହଂକଂ କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ପକ୍କା କରିଥିଲେ।

# ବିଶ୍ୱକପ୍ ୨୦୨୭ କ୍ରିକେଟ୍ ସୂଚୀକୁ ନେଇ ଆସିଲା ବଡ଼ ଅପଡେଟ୍

**ନୂଆଦିଲ୍ଲୀ**

ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍‌କୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହାକୁ ନେଇ ସବୁ ଦଳ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛନ୍ତି। ବିଶ୍ୱକପ୍‌ର ଆୟୋଜକ ଦେଶ ଏବଂ ଖେଳାଯିବାକୁ ଥିବା ସ୍ଥାନ ବିଷୟରେ ପୂର୍ବରୁ ହିଁ ଘୋଷଣା କରାଯାଇସାରିଛି। ଏହି ଟୁର୍ଣ୍ଣାମେଣ୍ଟ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାର ମିଳିତ ଆୟୋଜନରେ ଅନୁଷ୍ଠିତ ହେବ। ବର୍ତ୍ତମାନ ସମସ୍ତେ ଏହାର ସେଡ୍ୟୁଲକୁ ଅପେକ୍ଷା କରିଛନ୍ତି। ଏହାକୁ ନେଇ କ୍ରମାଗତ ଭାବେ କିଛି ନା କିଛି ଅପଡେଟ୍ ସାମ୍ନାକୁ ଆସୁଛି। ତେବେ କ୍ରିକେଟ୍ ପ୍ରେମୀଙ୍କ ପାଇଁ ବର୍ତ୍ତମାନ ଏକ ଭଲ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ୨୦୨୭ ବିଶ୍ୱକପ୍‌ର ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି। ଖୁବ୍ ଶୀଘ୍ର ଏହାର ସୂଚୀ ଆଧିକାରିକ ଭାବେ ଘୋଷଣା କରାଯାଇପାରେ।

ଆଇସିସି ବୈଠକଗୁଡ଼ିକରେ ଟୁର୍ଣ୍ଣାମେଣ୍ଟର ସୂଚୀକୁ ନେଇ କ୍ରମାଗତ ଭାବେ ଆଲୋଚନା ଚାଲିଛି। ବର୍ତ୍ତମାନ ଏପରି ମନେହେଉଛି ଯେ ଏହାର ଚୂଡ଼ାନ୍ତ ରୂପରେଖ ଉପରେ ମୋହର ବାଜିସାରିଛି। 'ଟାଇମ୍ସ ଅଫ୍ ଇଣ୍ଡିଆ'ର ରିପୋର୍ଟରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ ଓଡ଼ଉ ଆସନ୍ତା ୧ ଅକ୍ଟୋବରରେ ଆସନ୍ତା ବର୍ଷ ହେବାକୁ ଥିବା ଦିନିକିଆ ବିଶ୍ୱକପ୍‌ର ସୂଚୀ ଜାରି କରିପାରେ। ଏଥିରେ କୁହାଯାଇଛି ଯେ ଆସନ୍ତା ବର୍ଷ ଅକ୍ଟୋବର ଏବଂ ନଭେମ୍ବର ମାସରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇପାରେ।

୨୦୨୭ ବିଶ୍ୱକପରେ ଭାଗ ନେବେ ୧୪ଟି ଦଳ : ୨୦୨୭ ବିଶ୍ୱକପ୍‌ର ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଇଛି। ଦକ୍ଷିଣ ଆଫ୍ରିକାରେ ଶେଷ ଥର ପାଇଁ ୨୦୦୩ରେ ଦିନିକିଆ ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା। ବିଶ୍ୱକପ୍‌ର ଶେଷ ଦୁଇଟି ସଂସ୍କରଣରେ ୧୦ଟି ଦଳ ଭାଗ ନେଇଥିଲେ। ୨୦୨୭ ବିଶ୍ୱକପରେ ୧୪ଟି ଦଳ ମଇଦାନରେ ନଜର ଆସିବେ। ଆଇସିସି ଖେଳର ଶୈଳୀକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। ଟୁର୍ଣ୍ଣାମେଣ୍ଟର ଆରମ୍ଭ 'ସୁପର ସିରିଜ୍' ସହିତ ହେବ। ଏଥିରେ ସବୁଠାରୁ ତଳେ ଥିବା ତିନୋଟି ଦଳ ଗ୍ରୁପ୍ ପର୍ଯ୍ୟାୟରେ ସ୍ଥାନ ପାଇବା ପାଇଁ ପରସ୍ପର ସହ ଲଢ଼ିବେ। ଏହି ତିନିଟି ଦଳ ମଧ୍ୟରୁ କେବଳ ଗୋଟିଏ ଦଳ ହିଁ ମୁଖ୍ୟ ପର୍ଯ୍ୟାୟ ପାଇଁ କ୍ୱାଲିଫାଇ କରିପାରିବ। ଅନ୍ୟ ଦୁଇଟି ଦଳ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯିବେ। ସୁପର ସିରିଜ୍‌ରୁ କ୍ୱାଲିଫାଇ କରିଥିବା ଗୋଟିଏ ଦଳ ଏବଂ ଅନ୍ୟ ୧୧ଟି ଦଳକୁ ମିଶାଇ ମୋଟ ୧୨ଟି ଦଳ ଦ୍ୱିତୀୟ ପର୍ଯ୍ୟାୟରେ ଖେଳିବେ। ଏହି ୧୨ଟି ଦଳକୁ ୬ଟି ଲେଖାଏଁ ଦଳ କରି ଦୁଇଟି ଗ୍ରୁପରେ ବିଭକ୍ତ କରାଯିବ।

୧୨ଟି ସ୍ଥାନରେ ଖେଳାଯିବ ବିଶ୍ୱକପ୍ ମ୍ୟାଚ୍ : ୨୦୨୭ ବିଶ୍ୱକପରେ ସମୁଦାୟ ୫୪ଟି ମ୍ୟାଚ୍ ଖେଳାଯିବ। ତିନିଟି ଯାକ ଦେଶରେ ଏହି ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଦକ୍ଷିଣ ଆଫ୍ରିକାରେ ସବୁଠାରୁ ଅଧିକ ମ୍ୟାଚ୍ ଆୟୋଜନ କରାଯିବ। କିଙ୍ଗସମିଡ୍ କ୍ରିକେଟ୍ ଗ୍ରାଉଣ୍ଡ (ଡର୍ବାନ୍), ୱାଣ୍ଡରର୍ସ ଷ୍ଟାଡିୟମ୍ (ଜୋହାନେସବର୍ଗ), ସେଞ୍ଚୁରିଅନ୍ (ତ୍ଶ୍ୱାନେ), ନ୍ୟୁଲାଣ୍ଡସ କ୍ରିକେଟ୍ ଗ୍ରାଉଣ୍ଡ (କେପ୍ ଟାଉନ୍), ସେଣ୍ଟ ଜର୍ଜ ପାର୍କ (ଗକେବରହା), ମଙ୍ଗାଙ୍ଗ ଓଭାଲ (ବ୍ଲୋମଫୋଣ୍ଟେନ), ବୋଲାଣ୍ଡ ପାର୍କ (ପାର୍ଲ) ଏବଂ ବଫେଲୋ ପାର୍କରେ ମ୍ୟାଚ୍ ଆୟୋଜିତ ହେବ। ନାମିବ୍ୟା କ୍ରିକେଟ୍ ଗ୍ରାଉଣ୍ଡ (ୱିଣ୍ଡହୋକ)ରେ ମଧ୍ୟ ମ୍ୟାଚ୍ ଖେଳାଯିବ। ଏହା ବ୍ୟତୀତ ହରାରେ ସ୍ପୋର୍ଟସ କ୍ଲବ (ହରାରେ), କ୍ୱିନ୍ସ ସ୍ପୋର୍ଟସ କ୍ଲବ (ବୁଲାୱାୟୋ) ଏବଂ ମୋସି-ଓଆ-ତୁନ୍ୟା ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମ୍ (ଭିକ୍ଟୋରିଆ ଫଲ୍ସ)ରେ ମଧ୍ୟ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବାକୁ ଯାଉଛି।

# ଏସୀୟକ୍ରୀଡ଼ା : ସୁଟିଂରେ ରୌପ୍ୟ ଜିତିଲେ ଇଶା

**ନାଗୋୟା**

ଭାରତର ଇଶା ସିଂହ ୨୫ ମିଟର ଏୟାର ପିସ୍ତଲରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ସେ ମାତ୍ର ଗୋଟିଏ ପଏଣ୍ଟରେ ସ୍ୱର୍ଣ୍ଣ ହାତଛଡ଼ା କରିଥିଲେ। ଚୀନର ସିଆଓ ଜିଆରୁଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲ୍‌ରେ ଇଶା ଓ ସିଆଓଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଉଭୟ ୩୮ ହିଟ୍ ସହ ଫାଇନାଲ୍ ଶେଷ କରିଥିଲେ। କିନ୍ତୁ ସୁଟ୍‌ଆଉଟ୍‌ରେ ଇଶା ଗୋଟିଏ ପଏଣ୍ଟ ପଛରେ ପଡ଼ିଯାଇଥିଲେ। ସେ ଏହା ପୂର୍ବରୁ ଦଳଗତ ଇଭେଣ୍ଟରେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଦଳଗତ ପ୍ରତିଯୋଗିତାରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା।



ଦଳଗତ ପ୍ରତିଯୋଗିତାରେ ପଞ୍ଚମ ସ୍ଥାନରେ ଭାରତ : ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ତଥା ବିଶ୍ୱ ରେକର୍ଡଧାରୀ ଇଶା ୨୦୨୩ ହାଙ୍ଗ୍‌ଝୁ ଏସୀୟ କ୍ରୀଡ଼ା ୨୫ ମିଟର ଏୟାର ପିସ୍ତଲର ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ବେଳେ ଦଳଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ୧୦ ମିଟର ବ୍ୟକ୍ତିଗତ ଓ ଦଳଗତରେ ବି ସେ ରୌପ୍ୟ ହାସଲ କରିଥିଲେ।

# ଖାଲି ହାତରେ ଫେରିଲେ ମନୁ ଭାକର

**ନାଗୋୟା**

ଦୁଇ ଥରର ଅଲିମ୍ପିକ ପଦକ ବିଜୟିନୀ ମନୁ ଭାକର ଏଥର ଏସୀୟ କ୍ରୀଡ଼ାରେ ନିରାଶ କରିଛନ୍ତି। ସେ ଗୋଟିଏ ବି ପଦକ ଜିତିବାରେ ସକ୍ଷମ ହୋଇପାରି ନାହାନ୍ତି। ସୋମବାର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସେ ଫାଇନାଲକୁ ଯୋଗ୍ୟତା ହାସଲ କରିପାରିନଥିଲେ। ଏହି ଇଭେଣ୍ଟରେ ମନୁ ଭାକର ମୋଟ ୫୭୯ ସ୍କୋର କରି ୧୧ତମ ସ୍ଥାନରେ ରହିଥିଲେ।

ଏହା ପୂର୍ବରୁ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲେ ଏବଂ ପଞ୍ଚମ ସ୍ଥାନରେ ରହିଥିଲେ। ଦଳଗତ ଇଭେଣ୍ଟରେ ମଧ୍ୟ ଭାରତ ପଦକ ଦୌଡ଼ରେ ଥିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସମୟରେ ରାହି ସର୍ଣ୍ଣୋବତ୍‌ଙ୍କ ଏକ ଖରାପ ସଟ୍ ଭାରତର ପଦକ ଆଶାକୁ ଧକ୍କା ଦେଇଥିଲା। ପ୍ରତି ସିରିଜ୍‌ରେ ୫ଟି ଲେଖାଏଁ ସଟ୍ ଥିବା ବେଳେ ଚତୁର୍ଥ ସିରିଜ୍‌ରେ ରାହି ମାତ୍ର ୩୯ ସ୍କୋର କରିଥିଲେ। ଏହାର ପ୍ରଭାବରେ ପଦକ ଦୌଡ଼ରୁ ଭାରତ ବାଦ୍ ପଡ଼ିଥିଲା। ରାହି ବ୍ୟକ୍ତିଗତ ଭାବେ ୫୬୮ ସ୍କୋର ସହ ୩୦ତମ ସ୍ଥାନରେ ରହିଛନ୍ତି।



# ୧୩ ରନ୍‌ରେ ରାଉରକେଲାକୁ ହରାଇଲା ପୁରୀ ଟାଇଟନ୍ସ, କେନ୍ଦୁଝର ମାଇନର୍ସଠାରୁ ୨୬ ରନ୍‌ରେ ପରାସ୍ତ ହେଲା ସମ୍ବଲପୁର



**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫିରେ ସୋମବାର ପୁରୀ ଟାଇଟନ୍ସ ଓ କେନ୍ଦୁଝର ମାଇନର୍ସ ବିଜୟୀ ହୋଇଛନ୍ତି। ବର୍ଷା ଯୋଗୁଁ ମ୍ୟାଚ୍ ୧୦ ଓଭର ଲେଖାଏଁ କରାଯାଇଥିଲା। ପୁରୀ ଟାଇଟନ୍ସ ୧୩ ରନ୍‌ରେ ରାଉରକେଲା ସୁପରଷ୍ଟାର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ପୁରୀ ୬ ୱିକେଟ୍‌ରେ ୮୬ ରନ୍ କରିଥିଲା।ପ୍ରାରମ୍ଭରେ ଧିମା ବ୍ୟାଟିଂ ପରେ ସର୍ବେଶ୍ୱର ମହାନ୍ତି ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୮ ବଲ୍‌ରୁ ୫୧ ରନ୍ କରି ଦଳକୁ ଲଢୁଆ ସ୍କୋରରେ ପହଞ୍ଚାଇ ଥିଲେ।ଜବାବରେ ରାଉରକେଲା ନିୟମିତ ୱିକେଟ୍ ହରାଇ ୧୩ ରନ୍ ପଛରେ ରହିଯାଇଥିଲା। ପୁରୀର ସୁମିତ ଶର୍ମା ୫ଟି ୱିକେଟ୍ ନେବା ସହ ହ୍ୟାଟ୍ରିକ୍ ହାସଲ କରିଥିଲେ। ସର୍ବେଶ୍ୱର ମହାନ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ସୁମିତ ଶର୍ମାଙ୍କୁ ମୋମେଣ୍ଟ ଅଫ୍ ଦି ମ୍ୟାଚ୍ ପୁରସ୍କାର ମିଳିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ କେନ୍ଦୁଝର ମାଇନର୍ସ ୨୬ ରନ୍‌ରେ ସମ୍ବଲପୁର ୱାରିୟର୍ସକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ୧୦ ଓଭରରେ ୫ ୱିକେଟ୍ ହରାଇ ୧୦୯ ରନ୍ କରିଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୫ ବଲ୍‌ରୁ ୩୩ ରନ୍, ରାଜେଶ ଧୁପର ୧୧ ବଲ୍‌ରୁ ୨୧ ରନ୍, ପ୍ରୟାସ ସିଂହ ୧୪ ବଲ୍‌ରୁ ୨୩ ରନ୍ ଓ ସ୍ୱାଗତ ଶର୍ମା ୯ ବଲ୍‌ରୁ ୧୫ ରନ୍ କରିଥିଲେ। ସମ୍ବଲପୁର ପକ୍ଷରୁ ପ୍ରଦୀପ ପ୍ରଧାନ ୨ ଓଭରରେ ୧୮ ରନ୍ ଦେଇ ୩ଟି ୱିକେଟ୍ ନେଇ ଥିଲେ। ୧୧୦ ରନ୍‌ର ବିଜୟଲକ୍ଷ୍ୟ ପିଛା କରି ସମ୍ବଲପୁର ୧୦ ଓଭରରେ ୯ ୱିକେଟ୍ ହରାଇ ୮୩ ରନ୍ କରିପାରିଥିଲା। ସୌମ୍ୟ ଲେଙ୍କା ୧୮ ବଲ୍‌ରୁ ୩୩ ରନ୍ କରି ଲଢ଼େଇ କରିଥିଲେ ମଧ୍ୟ ଦଳକୁ ବିଜୟ ଦେଇପାରିନଥିଲେ। ଶୁଭ୍ରାଂଶୁ ସେନାପତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ଶୁଭମ ବିଷ୍ଟଙ୍କୁ ମୋମେଣ୍ଟ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜୟପୁରରେ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ରାଜ୍ୟସ୍ତର ପାଇଁ ଚୟନ ହେଲେ କ୍ରୀଡ଼ା ପ୍ରତିଭା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁରସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୨୦୨୬-୨୭ ଶିକ୍ଷାବର୍ଷର ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୭ ଓ ୨୮ ତାରିଖରେ ଆୟୋଜିତ ଏହି କ୍ରୀଡ଼ା ଚୟନ ପ୍ରକ୍ରିୟାରେ ଜିଲ୍ଲାର ୧୪ଟି ବ୍ଲକ୍‌ରୁ କ୍ରୀଡ଼ା ପ୍ରତିଭାମାନେ ଯୋଗଦେଇ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିବେ। ଏହି ପ୍ରତିଯୋଗିତାରେ ମୋଟ ୨୧୮ ଜଣ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୮୪ ଜଣ ବାଳକ ଓ ୧୦୫ ଜଣ ବାଳିକା ଥିବାବେଳେ ୨୮ ଜଣ କୋଚ୍ ଓ ମ୍ୟାନେଜର ଏବଂ ୩୦ ଜଣ ଅଫିସିଆଲ୍ ଯୋଗଦେଇ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ କରୁଣାକର ଭୁଏ (ଓଇଏସ୍-୧) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଚନ୍ଦନ କୁମାର ନାୟକ, ବିଇଓ, ଜୟପୁର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ଦାଶ ଅଧିକାରୀ, ପ୍ରିନ୍ସିପାଲ, ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ, ଜୟପୁର, ପ୍ରଶାନ୍ତ ଖାଲ୍ଟୋ, ପ୍ରିନ୍ସିପାଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋଟିଆ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ବାସୁଦେବ ସେନାପତି ଏବଂ ଲଲାଟେନ୍ଦୁ ପୂଜାରୀ, ଡିପିଇଓ, କୋରାପୁଟ ଯୋଗଦେଇଥିଲେ। ଗଗନ ବିହାରୀ ଦାଶ, ସ୍ପୋର୍ଟସ ସେକ୍ରେଟାରୀ, ଜୟପୁର, ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ବିନୋଦ କୁମାର ତ୍ରିପାଠୀ, ପ୍ରସନ୍ନ କୁମାର ପାଣିଗ୍ରାହୀ ଓ ରମେଶ ଚନ୍ଦ୍ର ସ୍ୱାଇଁ , ଦିବାକର ସାହୁ, ମିନତୀ ପତ୍ର, ରଞ୍ଜିତ୍ ପ୍ରଧାନ, ପି.ରାଜେଶ୍ୱରୀ ଏବଂ ଶୁଭେନ୍ଦୁ ପ୍ରଧାନଙ୍କ ସମେତ ଏବଂ ଅନ୍ୟାନ୍ୟ ଶାରୀରିକ ଶିକ୍ଷା ଶିକ୍ଷକ ଓ କ୍ରୀଡ଼ା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଦୌଡ଼କୁଦ ଇଭେଣ୍ଟ ପରିଚାଳିତ ହୋଇଥିଲା।

# କୁରାଶରେ ପିଙ୍କି ବଲହାରାଙ୍କୁ ମିଳିଲା କାଂସ୍ୟ

**ନାଗୋୟା**

ଏସୀୟ କ୍ରୀଡ଼ା କୁରାଶ ପ୍ରତିଯୋଗିତାରେ ଭାରତର ପିଙ୍କି ବଲହାରା କାଂସ୍ୟ ପଦକ ହାସଲ କରିଛନ୍ତି। ସୋମବାର ମହିଳା ୭୮ କିଲୋଗ୍ରାମ୍‌ରୁ କମ୍ ଓଜନ ବର୍ଗର ସେମିଫାଇନାଲରେ ସେ ଦକ୍ଷିଣ କୋରିଆର ସୁମିନ ମୋଙ୍କଠାରୁ ୦-୫ରେ ପରାସ୍ତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲ ମୁକାବିଲାରେ ବଲହାରାଙ୍କୁ 'ଡାକ୍ଲି' (ପେନାଲ୍ଟି) ମିଳିଥିବା ବେଳେ ସୁମିନ ମୋ 'ୟୋନବୋଶ୍' ପଏଣ୍ଟ ହାସଲ କରିଥିଲେ। ଏସୀୟ କ୍ରୀଡ଼ାରେ ଏହା ବଲହାରାଙ୍କ ଦ୍ୱିତୀୟ ପଦକ। ପୂର୍ବରୁ ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ସେ ମହିଳା ୫୨ କିଲୋଗ୍ରାମ୍‌ରୁ କମ୍ ଓଜନ ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ସେହି ସଂସ୍କରଣରେ କୁରାଶକୁ ପ୍ରଥମ ଥର ପାଇଁ ଏସୀୟ କ୍ରୀଡ଼ାରେ ସାମିଲ କରାଯାଇଥିଲା। ଏହାସହିତ କୁରାଶରେ ଏକାଧିକ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି।



କୁରାଶ ହେଉଛି ଉଜ୍‌ବେକିସ୍ତାନର ଏକ ପାରମ୍ପରିକ ସମର କଳା। ଏହି ଖେଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛିଡ଼ା ହୋଇଥିବା ଅବସ୍ଥାରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଶଳ ପ୍ରୟୋଗ କରି ପିଠି ଉପରେ ତଳେ ପକାଇବା। ଜୁଡ଼ୋ ସହ ଏହାର କେତେକ ସମାନତା ରହିଛି। କିନ୍ତୁ ଜୁଡ଼ୋ ଭଳି କୁରାଶରେ ଦୀର୍ଘ ସମୟ ଧରି ଭୂମି ଉପରେ ଲଢ଼େଇ କରିବାର ବ୍ୟବସ୍ଥା ନାହିଁ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଏହି କ୍ରୀଡ଼ାକୁ ପ୍ରଥମ ଥର ପାଇଁ ସାମିଲ କରାଯାଇଥିଲା।

# ପୁରୀ ଟାଇଟନ୍ସକୁ ୮ ୱିକେଟ୍‌ରେ ହରାଇଲା ସମ୍ବଲପୁର ୱାରିୟର୍ସ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫିରେ ସମ୍ବଲପୁର ୱାରିୟର୍ସ ୮ ୱିକେଟ୍‌ରେ ପୁରୀ ଟାଇଟନ୍ସକୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଶାନ୍ତନୁ ମିଶ୍ର ଓ ସୌମ୍ୟ ଆର ଲେଙ୍କାଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ସମ୍ବଲପୁର ୧୬୪ ରନ୍‌ର ଲକ୍ଷ୍ୟ ସଫଳତାର ସହ ପୂରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି ପୁରୀ ଟାଇଟନ୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୩ ରନ୍ କରିଥିଲା। ପ୍ରାରମ୍ଭିକ ଝଟକା ପରେ ଆଦିତ୍ୟ ରାଉତ ଓ ସ୍ୱୟମ୍ ଶ୍ରୀବାସ୍ତବ ୨ୟ ୱିକେଟ୍‌ରେ ୭୩ ରନ୍ ଯୋଡ଼ି ଦଳକୁ ସମ୍ଭାଳିଥିଲେ। ସ୍ୱୟମ୍ ୨୭ ରନ୍ କରିଥିବା ବେଳେ ଆଦିତ୍ୟ ୫୦ ବଲ୍‌ରୁ ୭୫ ରନ୍‌ର ଆକର୍ଷଣୀୟ ଇନିଂସ୍ ଖେଳିଥିଲେ। ସର୍ବେଶ୍ୱର ମହାନ୍ତି ୧୩ ବଲ୍‌ରୁ ୨୦ ରନ୍ କରି ଦଳୀୟ ସ୍କୋରକୁ ମଜଭୁତ କରିଥିଲେ। ଜବାବରେ ସମ୍ବଲପୁର ମଧ୍ୟ ଆରମ୍ଭରେ ଗୋଟିଏ ୱିକେଟ୍ ହରାଇଥିଲା। ଏହାପରେ ଶାନ୍ତନୁ ମିଶ୍ର ଓ ଓମ୍ ଟି. ମୁଣ୍ଡେ ୨ୟ ୱିକେଟ୍‌ରେ ୬୪ ରନ୍‌ର ଭାଗୀଦାରି ଗଢ଼ି ଇନିଂସ୍‌କୁ ସ୍ଥିର କରିଥିଲେ। ମୁଣ୍ଡେ ୨୧ ବଲ୍‌ରୁ ୨୮ ରନ୍ କରି ଆଉଟ୍ ହେବା ପରେ ସୌମ୍ୟ ଲେଙ୍କାଙ୍କ ସହ ମିଶି ଶାନ୍ତନୁ ଦଳକୁ ବିଜୟ ଦିଗରେ ନେଇଥିଲେ। ଶେଷ ଦୁଇ ଓଭରରେ ୧୬ ରନ୍ ଆବଶ୍ୟକ ଥିବାବେଳେ ଉଭୟ ବ୍ୟାଟର ଧୈର୍ଯ୍ୟର ସହ ଖେଳି ସମ୍ବଲପୁରକୁ ବିଜୟ ଦେଇଥିଲେ। ଶାନ୍ତନୁ ୫୯ ବଲ୍‌ରୁ ୭୮ ରନ୍ କରି ଅପରାଜିତ ଥିବାବେଳେ ସୌମ୍ୟ ୨୦ ବଲ୍‌ରୁ ୩୮ ରନ୍ କରି ନଟ୍‌ଆଉଟ୍ ରହିଥିଲେ। ଏକ ଓଭରରୁ ଅଧିକ ବଲ୍ ବାକି ଥାଇ ସମ୍ବଲପୁର ଲକ୍ଷ୍ୟ ହାସଲ କରିଥିଲା। ଶାନ୍ତନୁ ମିଶ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ସୌମ୍ୟ ଆର ଲେଙ୍କାଙ୍କୁ ମୋମେଣ୍ଟ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



E-mail ID: eerbkbj@rediffmail.com

Government of Odisha

OFFICE OF THE SUPERINTENDING ENGINEER
KANTABANJI (R&B) DIVISION

34001/896/2627

**Bid Identification No.05 / KBJ / 2026-2027**

The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate bids in Single cover system in ONLINE MODE for the works detailed in the table below from "D&C" and "B&C" Class Civil Contractor registered with the State Governments and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1) | No. of work | :- | 02 Nos. (02 Nos. Single Cover) |
| 2) | Nature of work | :- | Civil work |
| 3) | Class of contractor | :- | "D&C" and "B&C" Class Civil Contractor |
| 4) | Approximate value of work | :- | Rs.16.44 Lakhs to Rs. 34.45 Lakhs |
| 5) | Tender cost | :- | Rs.6,000/- |
| 6) | Date and time of vailability of Bid documents in online | :- | From Dt.30.09.2026, 11.00 A.M. to Dt 13.10.2026 up to 05:00 P.M. |
| 7) | Date of Opening | :- | Dt 14.10.2026 at 11:30 A.M. |
| 8) | Other details can be seen in the bidding documents from the e-procurement portal "www.tendersodisha.gov.in" | | |
| 9) | The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only. | | |

OIPR-34001/34099/1/26-27/0008

Sd/- Superintending Engineer
Kantabanji (R&B) Division

# ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଗାଇସିଲେଟରେ ଆନ୍ଦୋଳନ ଡାକରା

## ଗଠିତ ହେଲା 'ଗନ୍ଧମାର୍ଦ୍ଦନ ସୁରକ୍ଷା ଆହ୍ୱାନ କମିଟି'

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅଧୀନ ଗାଇସିଲେଟ ବ୍ଲକରେ ଗନ୍ଧମାର୍ଦ୍ଦନର ସୁରକ୍ଷା ଓ ସଂରକ୍ଷଣ ଦାବିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଚାଷୀ ଶ୍ରମିକ ନେତା ଅରବିନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଅବସରରେ 'ଗନ୍ଧମାର୍ଦ୍ଦନ ସୁରକ୍ଷା ଆହ୍ୱାନ କମିଟି, ଗାଇସିଲେଟ ବ୍ଲକ'ର କର୍ମକର୍ତ୍ତା ଗଠନ କରାଯାଇଥିବା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ସଂଗଠିତ ଭାବରେ ଜନସଚେତନତା କରାଯାଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ସଭାରେ ଗନ୍ଧମାର୍ଦ୍ଦନର ପ୍ରାକୃତିକ ପରିବେଶ, ଜୈବ ବିବିଧତା, ଜଳସମ୍ପଦ ଓ ଏହା ସହ ଜଡ଼ିତ ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଗନ୍ଧମାର୍ଦ୍ଦନ ସମ୍ପର୍କିତ ପୂର୍ବରୁ ପ୍ରକାଶିତ ବିଭିନ୍ନ ଦଲିଲ ଓ ପ୍ରଚାରପତ୍ରରେ ଉଲ୍ଲେଖିତ ଖଣି ସମ୍ପର୍କିତ ଘଟଣାବଳୀ, ପୁରୁଣା ସରକାରୀ ଆଲୋଚନା ଓ ଆଇନଗତ ପ୍ରସଙ୍ଗ ମଧ୍ୟ ସଭାରେ ଉଠିଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆବାହକ ରାଜୁ ଘିବେଲା ଉପସ୍ଥିତ ଥିଲେ ରାଜୁ ଘିବେଲା, ଅରବିନ୍ଦ ପଣ୍ଡା, ପ୍ରଣୟ କୁମାର ସାହୁ, କିଶୋର ଦେବତା, ଧବଳେଶ୍ୱର ସାହୁ, କୀର୍ତ୍ତନ୍ୟ ଦାଶ, ବାବା ଯଶଲାଲ, ସୁଶୀଲ ନାଏକ, ଗୌରହରି ମିଶ୍ର, ଶଙ୍କର ନନ୍ଦ, ଲିଙ୍ଗରାଜ ପଧାନ, କବିତା ସୁନା ମଞ୍ଚାସୀନ ଥିଲେ।



ଏଥିସହ ଗନ୍ଧମାର୍ଦ୍ଦନ ସମ୍ପର୍କରେ ସରକାରୀ ଏମଓୟୁ, ଖଣି ସମ୍ପର୍କିତ ପ୍ରସ୍ତାବ ଓ ଏମଏମଡିଆର ବିଲ୍‌କୁ ରଦ୍ଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ସଭାରେ ଯୋଗଦେଇଥିବା ଯୁବକ, ଚାଷୀ, ସାମାଜିକ କର୍ମୀ ଓ ସଚେତନ ନାଗରିକମାନେ ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରସଙ୍ଗରେ ନିଜ ମତାମତ ରଖିଥିଲେ। ଆଗାମୀ ଦିନରେ ଗାଇସିଲେଟ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ପଦକ୍ଷେପ ନେବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆହ୍ୱାନ କମିଟି, ଗାଇସିଲେଟ ବ୍ଲକର କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କମିଟିର ବ୍ଲକ ଆବାହକ ଅରବିନ୍ଦ ପଣ୍ଡା, ଉପଦେଷ୍ଟା କମିଟି ରେ ପ୍ରଣୟ କୁମାର ସାହୁ, କିଶୋର ଚନ୍ଦ୍ର ଦେବତା, କୀର୍ତ୍ତନ ଦାଶ, ମୋହନ ସିଂ ବରିହା, ପ୍ରସନ୍ନ କୁମ୍ଭାର, ଖଗେଶ୍ୱର ସା, କ୍ଷୀରୋଦ୍ର କୁମାର ସାହୁ, ଗୌରୀ ଶଙ୍କର ପ୍ରଧାନ, ପ୍ରମୋଦ ଦେବତା, ଚୈତନ୍ୟ ସାହୁ, ଡୋଲାମଣୀ ସାହୁ କାର୍ଯ୍ୟକାରୀ କମିଟିର ଯୁଗ୍ମ ଆବାହକ ଶଙ୍କର ନନ୍ଦ, ଯୁଗ୍ମ ଆବାହକ ସରୋଜ ସାହୁ, ଯୁଗ୍ମ ଆବାହକ ଗୌରହରୀ ଭୋଇ, ଯୁବ ଆବାହକ ଗଜପତି ସାହୁ, ଯୁବ ଆବାହକ ଶୋଭାକର ସାହୁ ବ୍ଲକ୍ ସ୍ତରୀୟ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗନ୍ଧମାର୍ଦ୍ଦନର ସୁରକ୍ଷା ପ୍ରସଙ୍ଗରେ ଲୋକଙ୍କ ମତାମତ ଓ ସୁରକ୍ଷା ପାଇଁ ଏକଜୁଟ୍ ହେବା ପାଇଁ ସଭାରେ ବକ୍ତାମାନେ କହିଥିଲେ ଯେ, ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ ଦୀର୍ଘମିଆଦୀ ଜନସ୍ୱାର୍ଥ ପ୍ରସଙ୍ଗ। ତେଣୁ ଦଳ, ମତ ଓ ବ୍ୟକ୍ତିଗତ ଭିନ୍ନତାକୁ ଦୂରେ ରଖି ସମସ୍ତେ ସାମିଲ ହେବାକୁ ଆହ୍ୱାନ। ଗାଇସିଲେଟ ବ୍ଲକ୍‌ର ସମସ୍ତ ଗ୍ରାମପଞ୍ଚାୟତର ଆବାହକ ହେଲେ ପ୍ରଦୀପ ସାହୁ, ଉମେଶ ଯୋଶୀ, ଲେକୁ ସାହୁ, ଭକ୍ତ ବନ୍ଧୁ ମେହେର, ସନ୍ତୋଷ ମହାପାତ୍ର, ସମାରୁ ସାହୁ, ସଦାନନ୍ଦ ସାହୁ, ଘନ ତରିଆ, ଶିବ ପ୍ରସାଦ ପଧାନ, ହୃଷିକେଶ ସାହୁ, ଗୁପ୍ତେଶ୍ୱର ସାହୁ, ଛବିଲାଲ ଦୀପ, ଦୁଃଖିରାମ ସାହୁ, ଆଦିତ୍ୟ ପ୍ରଧାନ, ଉଜଳ ସାହୁ, ଜାନକୀ ବଲ୍ଲଭ ପଧାନ, ଲୁଚେନ୍ଦ୍ର ସାହୁ, ଆନନ୍ଦ ପଧାନ, ବୀରେନ୍ଦ୍ର ସାହୁ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା।

'ଗନ୍ଧମାର୍ଦ୍ଦନ ବଞ୍ଚାଅ – ପ୍ରକୃତି ବଞ୍ଚାଅ' ବାର୍ତ୍ତା ସହ ଗାଇସିଲେଟ ବ୍ଲକ୍‌ରୁ ଗନ୍ଧମାର୍ଦ୍ଦନ ସୁରକ୍ଷା ଅଭିଯାନକୁ ଆହୁରି ସଂଗଠିତ କରିବା ପାଇଁ କମିଟି ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ନେବାକୁ ଆଲୋଚନା ହୋଇଛି। ପୂର୍ବତନ ଆବାହକ ରାଜ କୁମାର ସେଠ ମଞ୍ଚ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ଥିଲେ।





# ରାଧାରାଣୀ ଭାଗବତ ଟୁଙ୍ଗିରେ ପବିତ୍ର ଭାଗବତ ଜନ୍ମୋତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମଦ୍ ଭାଗବତର ପବିତ୍ର ଜନ୍ମତିଥି ତଥା ଭାଦ୍ରବ ପୂର୍ଣ୍ଣିମା ଅବସରରେ ବୀର ସୁରେନ୍ଦ୍ର ସାଏ ନଗର ସ୍ଥିତ ଏଇ କଲୋନୀର ଆଖଣ୍ଡଳମଣି ପରିସରରେ ଏକ ଭକ୍ତି ଓ ଆଧ୍ୟାତ୍ମିକ ଚେତନାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଧାରାଣୀ ଭାଗବତ ଟୁଙ୍ଗି ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା।



ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ପ୍ରଶାନ୍ତ କୁମାର ରଥ ମୁଖ୍ୟ ପ୍ରବକ୍ତା ଭାବେ ଯୋଗଦେଇ ମାନବ ଜୀବନ ଗଠନରେ ଶ୍ରୀମଦ୍ ଭାଗବତରେ ରାଧା ତତ୍ତ୍ୱ ଓ ଆଧ୍ୟାତ୍ମିକ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ।

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ସଭାପତି ଡ. ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ କଳ୍ପତରୁ ଭାଇ, ମନୋରମା ପାତ୍ର ଓ ପ୍ରଶାନ୍ତ ସ୍ୱାଇଁ ସଂଯୋଜନା କରିଥିଲେ। ପ୍ରଥମେ ଭାଗବତ ଟୁଙ୍ଗିର ସଦସ୍ୟ ଓ ସଦସ୍ୟାମାନଙ୍କୁ ପ୍ରବକ୍ତା ଡ. ରଥ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ଚେତନାର ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳର ତିନି ଜଣ ଭକ୍ତଙ୍କୁ ପବିତ୍ର ଭାଗବତ ଗ୍ରନ୍ଥ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ ମୋହନ ପଣ୍ଡା, ତ୍ରିଲୋଚନ ନାୟକ, ଅକ୍ଷୟ କୁମାର ସାହୁ, ଦୁଷ୍ମନ୍ତ କୁମାର ଧୀର, ଶ୍ରୀନିବାସ ରାଓ, ଲକ୍ଷ୍ମଣ ରାଓ, ଚକ୍ରଧର ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାର୍ବଣ ଋତୁରେ ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ସହ ଆଗାମୀ ପାର୍ବଣ ଋତୁରେ ବଢ଼ିବାକୁ ଥିବା ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯିବ।



ଟ୍ରେନ୍ ନମ୍ବର ୧୮୪୬୩ ଭୁବନେଶ୍ୱର–କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୩୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ଅତିରିକ୍ତ ଭାବେ ସଂଯୋଗ କରାଯିବ। ସେହିଭଳି ଟ୍ରେନ୍ ନମ୍ବର ୧୮୪୬୪ କେଏସଆର ବେଙ୍ଗାଲୁରୁ–ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସରେ ଅକ୍ଟୋବର ୨ରୁ ନଭେମ୍ବର ୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ।

ସେହିପରି, ଟ୍ରେନ୍ ନମ୍ବର ୧୨୮୧୯ ଭୁବନେଶ୍ୱର–ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ଅକ୍ଟୋବର ୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ଏବଂ ଟ୍ରେନ୍ ନମ୍ବର ୧୨୮୨୦ ଆନନ୍ଦ ବିହାର ଟର୍ମିନାଲ–ଭୁବନେଶ୍ୱର ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ଅକ୍ଟୋବର ୬ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ। ଏହାଛଡ଼ା ଟ୍ରେନ୍ ନମ୍ବର ୨୨୮୭୯ ଭୁବନେଶ୍ୱର–ତିରୁପତି ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୨୮୮୦ ତିରୁପତି–ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୪ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ।

ସେହିଭଳି ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସରେ ଅକ୍ଟୋବର ୨ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ।

ଟ୍ରେନ୍ ନମ୍ବର ୧୮୩୦୧/୧୮୩୦୨ ସମ୍ବଲପୁର–ରାୟଗଡ଼ା–ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସରେ ଉଭୟ ଦିଗରୁ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ଏହାଛଡ଼ା ଟ୍ରେନ୍ ନମ୍ବର ୧୮୪୧୭ ପୁରୀ–ଗୁଣୁପୁର ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୮୪୧୮ ଗୁଣୁପୁର–ପୁରୀ ଏକ୍ସପ୍ରେସରେ ଅକ୍ଟୋବର ୨ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନମ୍ବର ୨୦୮୩୨ ସମ୍ବଲପୁର–ଶାଳିମାର ମହିମା ଗୋସାଇଁ ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୨୯ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୦୮୩୧ ଶାଳିମାର–ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସରେ ଅକ୍ଟୋବର ୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ସ୍ଲିପର କ୍ଲାସ୍ କୋଚ୍ ସଂଯୋଗ କରାଯିବ।

ସେହିପରି ଟ୍ରେନ୍ ନମ୍ବର ୧୨୮୯୩ ଭୁବନେଶ୍ୱର–ପୁରୁଣା କଟକ ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୨୮୯୪ ପୁରୁଣାକଟକ–ଭୁବନେଶ୍ୱର ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୨ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁଇଟି ଲେଖାଏଁ ଜେନେରାଲ କୋଚ୍ ସଂଯୋଗ କରାଯିବ। ଏଥିସହିତ, ଟ୍ରେନ୍ ନମ୍ବର ୨୦୪୭୧ ଶ୍ରୀ ଗଙ୍ଗାନଗର–ପୁରୀ ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୪ରୁ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୦୪୭୨ ପୁରୀ–ଶ୍ରୀ ଗଙ୍ଗାନଗର ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ। ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢ଼ୁଥିବା ଯାତ୍ରୀ ଚାହିଦାକୁ ପୂରଣ କରିବାରେ ସହାୟକ ହେବ।

## ଖଣିଜ ବୋଝେଇ ଟ୍ରକ୍ ଜବତ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ ଖଣି ଚୋରି ରୋକିବାର ନାଁ ନେଉନି। ଜିଲ୍ଲାରେ ଏବେ ଆନ୍ତଃରାଜ୍ୟ ଲୁଟେରା ସକ୍ରିୟ ହୋଇ ଉଠିଥିବା ବେଳେ, ଖଣି ଚୋରିର ଭିନ୍ନ ଏକ ଦିଗ ସାମ୍ନାକୁ ଆସିଛି। ଏବେ ଜିଲ୍ଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରୁ ଖଣିଜ ପଦାର୍ଥ ଚୋରା ଚାଲାଣ କରୁଛନ୍ତି ଆନ୍ତଃରାଜ୍ୟ ଲୁଟେରା। ଯୋଡ଼ା ଖଣି ମଣ୍ଡଳ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରୁ ଖଣିଜ ପଦାର୍ଥ ଚୋରି କରି ଲୁଟ୍ କରୁଛନ୍ତି ଆନ୍ତଃରାଜ୍ୟ ଲୁଟେରା। ଏଥିସହିତ, ଲିଜ୍ ଥିବା କିଛି ଖଣିରେ କାମ ହେଉ ନଥିବାରୁ ସେସବୁ ଖଣିକୁ ମଧ୍ୟ ଟାର୍ଗେଟ୍ କରୁଛନ୍ତି ଏହି ଲୁଟେରା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯୋଡା ଖଣି ମଣ୍ଡଳରେ। ଯୋଡ଼ା ଖଣି ବିଭାଗ ଚଢ଼ାଉ କରି ୩୦ ମେଟ୍ରିକ୍ ଟନ୍ ଚୋରା ଖଣିଜ ପଦାର୍ଥ ବୋଝେଇ ଟ୍ରକ ଜବତ କରିଛି। କୌଣସି ସୂତ୍ରରୁ ଖବର ପାଇ ଭୋର୍ ୪ଟା ସମୟରେ ନାଲଦା ନିକଟରେ ଚଢ଼ାଉ କରିଥିଲା ଖଣି ବିଭାଗ। ଓଡ଼ିଶା ସୀମା ପାର୍ କରିବାକୁ ଚେଷ୍ଟା କରୁଥିବା ବେଳେ ନାଲଦା ନିକଟରେ ଏହି ଟ୍ରକ୍ ଅଟକାଇଥିଲା ଖଣି ବିଭାଗର ଟିମ୍ ଜବତ କରିବାରେ ସକ୍ଷମ ହୋଇଥିଲା। ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ନାଲଦା ବଡବିଲ ଠାରେ ସୋମବାର ଭୋର ପ୍ରାୟ ୪ ଟାରେ ଯୋଡା ଖଣି ସ୍କାର୍ଡ ଦ୍ୱାରା ପ୍ରାୟ ୩୦ ମେଟ୍ରିକ ଟନ୍ ଲୁହାପଥର ଗୁଣ୍ଡ ସହିତ ଲୋଡ୍ ହୋଇଥିବା ଏକ ହାଇୱାକୁ ଜବତ କରାଯାଇଛି ଓ ଜବତ ଖଣିଜର ଆନୁମାନିକ ମୂଲ୍ୟ ଏକ ଲକ୍ଷ କୋଡିଏ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଯାହା ବିନା ଟିପିରେ ବେଆଇନ ଭାବେ ଖଣିଜ ପରିବହନରେ ହେଉଥିଲା। ଗାଡ଼ିଟି ନାଲଦା ଦେଇ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ବେଳେ ସ୍କାର୍ଡ ଗାଡ଼ିଟିକୁ ଅଟକାଇଥିଲା। ପଚାର ଉଚରା ପରେ ଜେଏମଏଫସି ବଡ଼ବିଲ କୋର୍ଟ ସମ୍ମୁଖରେ ଉପସ୍ଥାପିତ କରାଯିବ ବୋଲି ଖଣି ବିଭାଗ ସୂତ୍ରରୁ ସୂଚନା ମିଳିଛି।



# ଦୈନନ୍ଦିନ ଗୀତା ଶ୍ରବଣ, ମନନ ଦ୍ୱାରା ଜୀବନ ସଫଳ ହେବ : ଗଜପତି ମହାରାଜା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସଫଳ ଜୀବନ ଓ ଭାରାକ୍ରାନ୍ତ ମନ ପାଇଁ ଗୀତାର ସୂତ୍ର ବିଷୟରେ ଏକ ସତସଙ୍ଗ ଆଭାସୀ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଆଇଏଏସ୍ ଏକାଡେମୀ ଓ ଥିଙ୍କର୍ସ କ୍ଲବ୍‌ର ୬ ବର୍ଷରେ ୧୬୩ତମ ଆଭାସୀ ମିଳିତ ଆଲୋଚନାକୁ ମୁଖ୍ୟ ଅତିଥି ଗଜପତି ମହାରାଜା ଦିବ୍ୟସିଂହଦେବ ଶୁଭାରମ୍ଭ କରି କହିଲେ ଯେ ଦୈନନ୍ଦିନ ଗୀତ ଶ୍ରବଣ, ମନନ ଓ ଅଭ୍ୟାସ ଦ୍ୱାରା ଜୀବନ ସଫଳ ହେବ, ଗୀତ ମାତାଙ୍କ ଆଶୀର୍ବାଦ ମିଳିପାରିବ ଓ ଗୁରୁକୃପା ଲାଭ କରିହେବ। ମୁଖ୍ୟ ବକ୍ତା ଭାବେ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଶ୍ରୋତାମାନଙ୍କୁ ସଫଳ ମାନବ ଜୀବନ ସାଙ୍ଗକୁ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କ ଭାରାକ୍ରାନ୍ତ ମନ ପାଇଁ ଗୀତାର ସୂତ୍ର ବିଷୟରେ ଭାବ ଗର୍ଭକୁ ଓଜସ୍ୱିନୀ ବକ୍ତବ୍ୟ ଦେଇ ମୁଗ୍ଧ କରାଇଥିଲେ। ଥିଙ୍କର୍ସ କ୍ଲବ ସଭାପତି ବରଦକ୍ଷ ଦାସ ସଭା ସୁସଂଯୋଜନା କରି ପ୍ରତିଦିନ ଗୀତା ପାଠ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଡ. ସନ୍ତୋଷ ମହାପାତ୍ର, ପ୍ରଫେସର ଉମାଶଙ୍କର ମିଶ୍ର, ବରଦା ଦାସ ପ୍ରଶ୍ନ ପଚାରି ସନ୍ଦେହ ଦୂର କରିଥିଲେ। କଳିଙ୍ଗ ଆଇଏଏସ ଏକାଡେମୀ ନିର୍ଦ୍ଦେଶକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ସ୍ୱାମୀଜୀଙ୍କ ବକ୍ତବ୍ୟକୁ ଭୂୟସୀ ପ୍ରଶଂସା କରି ନିଜ ମତ ରଖିଥିଲେ। ଶେଷରେ କ୍ଲବ ସମ୍ପାଦକ ପ୍ରଫେସର ଉମାଶଙ୍କର ମିଶ୍ର ଧନ୍ୟବାଦ ଦେଇଥିଲେ।






ମୁମ୍ବାଇ : ପୂଜ୍ୟ ଗୁରୁଦେବଶ୍ରୀ ରାକେଶ ଜୀଙ୍କ ୬୦ତମ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଆୟୋଜିତ ସମାରୋହରେ ପୂଜ୍ୟ ଗୁରୁଦେବଙ୍କ ଜୀବନାଦର୍ଶ ଓ କାର୍ଯ୍ୟାବଳୀ ସମ୍ପର୍କରେ ବିଶିଷ୍ଟ ଆଧ୍ୟାତ୍ମିକ ବ୍ୟକ୍ତିମାନେ ଉଦ୍‌ବୋଧନ ଦେଉଛନ୍ତି। ଏହି ମହାନ କାର୍ଯ୍ୟକ୍ରମରେ ବିଶ୍ୱର ୨୪ଟି ରାଷ୍ଟ୍ର ତଥା ୨୧୪ ନଗରୀର ଆଧ୍ୟାତ୍ମିକ ଗୁରୁ, ମହାନ ବ୍ୟକ୍ତିବିଶେଷ ଏବଂ ବିଶିଷ୍ଟ ଶିଳ୍ପପତିମାନେ ଯୋଗ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅନିର୍ଦ୍ଦିଷ୍ଟ କାଳ...

ଶ୍ରୀମତୀ ପାଢୀ ସ୍ୱସ୍ତି ବାଚନିକ ଅଭିଭାଷଣ (ଭାଲିଡେଟାରୀ) ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଡାକିଥିଲେ। ତଦନୁସାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ସପ୍ତଦଶ ବିଧାନସଭା ସପ୍ତମ ଅଧିବେଶନ ୨୨ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି। ଏହି ଅଧିବେଶନ କାଳରେ ମୋଟ ୫ଟି କାର୍ଯ୍ୟଦିବସ ସମ୍ପାଦିତ ହୋଇଥିବା ବେଳେ ଏଥିରେ ପ୍ରଶ୍ନୋତ୍ତର, ଅଧ୍ୟାଦେଶ, ରିପୋର୍ଟ ଓ କାଗଜ ଉପସ୍ଥାପନ ସହ ୪ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ବିଚାର ଆଲୋଚନା ଓ ପାରିତ ହୋଇଛି। ସଂପ୍ରତି ରାଜ୍ୟରେ ସୃଷ୍ଟି ହୋଇଥିବା ଅଭୂତପୂର୍ବ ବାତ୍ୟା ଓ ବନ୍ୟା ଜନିତ ପ୍ରଭାବରେ ସାରା ରାଜ୍ୟରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ଜନସାଧାରଣଙ୍କ ସୁରକ୍ଷା ଓ ସହାୟତା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏପରି ପରିସ୍ଥିତିରେ ଗୃହ କାର୍ଯ୍ୟକୁ ମୁଲତବୀ ରଖିବାକୁ ବାଧ୍ୟ ହେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ଗୃହ କାର୍ଯ୍ୟର ସୁପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାଚସ୍ପତି, ଉପବାଚସ୍ପତି, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା, ସିପିଆଇଏମ୍ ବିଧାୟକ ଦଳ ନେତା, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟମନ୍ତ୍ରୀ ମଣ୍ଡଳର ସଦ୍ୟସଗଣ, ବିଧାୟକ ଓ ବିଧାୟିକା, ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ମିଡିଆର ପ୍ରତିନିଧିଗଣ, ବିଧାନସଭା ସଚିବ, ପଦାଧିକାରୀ, କର୍ମଚାରୀ, ପୋଲିସ୍ ପଦାଧିକାରୀ ଓ କର୍ମଚାରୀ, ନିରାପତ୍ତା ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଅନୁରୂପ ଭାବେ ବାଚସ୍ପତି ଶ୍ରୀମତୀ ପାଢୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ଡିଏମଏଫ୍‌ରୁ ...

୨୦୨୪ ସୁଦ୍ଧା ସମସ୍ତ ପରିବାରକୁ ପାନୀୟ ଜଳ ସଂଯୋଗ ଦେବାରେ ସରକାର ଅସମର୍ଥ ହୋଇଥିବା ବେଳେ ରାଜ୍ୟର ୩୧% ପରିବାର ଏପର୍ଯ୍ୟନ୍ତ ଏହି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ନମୁନା ଯାଞ୍ଚ ହୋଇଥିବା ୫ଟି ଜିଲ୍ଲା ମଧ୍ୟରୁ କନ୍ଧମାଳରେ ସର୍ବାଧିକ ୬୯.୬୫% ଜଳ ଯୋଗାଣ ହୋଇଥିବା ବେଳେ ମାଲକାନଗିରିରେ ସର୍ବନିମ୍ନ ୧୧.୨୦% ରହିଛି। ରାଜ୍ୟର ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ଦେଖିଛନ୍ତି ଏଜି। ଏହି ଯୋଜନା ପରିସରଭୁକ୍ତ ନଥିବା ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଓସେପା ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଗୋଟିଏ ଇ-କଣ୍ଟେଣ୍ଟକୁ ଦୁଇ ଦୁଇ ଥର କିଣାଯାଇ କୋଟି କୋଟି ଟଙ୍କାର ଅନାବଶ୍ୟକ ବ୍ୟୟ କରାଯାଇଛି। ଅନେକ ସ୍ଥାନରେ ମୌଳିକ ସୁବିଧା ନଥିବାରୁ ରୂପାନ୍ତରିତ ଶ୍ରେଣୀଗୃହ ଓ ବିଜ୍ଞାନଗାରଗୁଡ଼ିକ ଅକାମୀ ହୋଇ ପଡ଼ିରହିଛି। ୨୦୧୫-୧୬ ରୁ ୨୦୨୩-୨୪ ମଧ୍ୟରେ ଡିଏମ୍‌ଏଫ୍ ଅଂଶଧନ ନିର୍ଦ୍ଧାରଣର ଅପ ପ୍ରୟୋଗ, ଚୂଡ଼ାନ୍ତ ରୟାଲଟି ଆକଳନ ପରେ ଅଂଶଧନର ପୁନଃ ଆକଳନ ନକରିବା ଏବଂ ବିଳମ୍ବିତ ଦେୟ ଉପରେ ସୁଧ ଆଦାୟ ନକରିବା ଯୋଗୁଁ ଡିଏମ୍‌ଏଫ ସଂଗ୍ରହରେ ୭୩.୭୧ କୋଟି ଟଙ୍କାର ବଡ଼ ଧରଣର କ୍ଷତି ହୋଇଛି।

ଉକ୍ତ ଅବଧି ମଧ୍ୟରେ ଡିଏମ୍‌ଏଫ ଅଂଶଧନ ବାବଦରେ ୨୦,୭୯୫.୫୧ କୋଟି ଟଙ୍କା ଏବଂ ସୁଧ ବାବଦରେ ୧,୭୭୨.୬୬ କୋଟି ଟଙ୍କା ପାଇଥିବା ସତ୍ତ୍ୱେ, ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସ୍ଥାୟୀ ଜୀବିକା ଯୋଗାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାରେ ଡିଏମ୍‌ଏଫ ଅଧୀନରେ 'ପରିବେଶ ସଂରକ୍ଷଣ' ଓ 'ଜୀବିକା' କାର୍ଯ୍ୟକ୍ରମ ନାମରେ ଆଦର୍ଶ ଗ୍ରାମୀଣ ଉଦ୍ୟାନ, ଗ୍ରାମ ଉଦ୍ୟାନ, ବନ ବାଟିକା ଓ ଇକୋ-ରିଟ୍ରିଟ୍ ଭଳି ୧୨୬ଟି ପ୍ରକଳ୍ପ (ଯାଜପୁର-୫୨, କେନ୍ଦୁଝର-୭୪) ପାଇଁ ୫୧.୭୧ କୋଟି ଟଙ୍କାର ଅଗ୍ରାହ୍ୟ ବ୍ୟୟ କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକ ଏବେ ଅସମ୍ପୂର୍ଣ୍ଣ ଓ ଅଚଳ ହୋଇ ପଡ଼ିରହିଛି। ଡିଏମ୍‌ଏଫ୍ ପାଣ୍ଠିରୁ ୩ଟି ଅନୁଷ୍ଠାନକୁ ୪.୩୦ କୋଟି ଟଙ୍କା ପ୍ରଦାନ କରାଯାଇ ମେଡିକାଲ କୋଚିଂ ପାଇଁ ୪୩୭ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା। ହେଲେ ଏତେ ବଡ଼ ପରିମାଣର ଅର୍ଥ ଖର୍ଚ୍ଚ ସତ୍ତ୍ୱେ ମାତ୍ର ୬ ଜଣ ଛାତ୍ରଛାତ୍ରୀ ମେଡିକାଲ କଲେଜରେ ନାମଲେଖା ପାଇଁ ଯୋଗ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲେ। କେନ୍ଦୁଝର ଜିଲ୍ଲାରେ ଡିଏମ୍‌ଏଫ୍ ଅଧୀନରେ ରୋଗୀଙ୍କ ସହ ଆସୁଥିବା ଆଟେଣ୍ଡାଣ୍ଟଙ୍କ ଖାଦ୍ୟ ବ୍ୟବସ୍ଥା ପାଇଁ ୭.୧୨ କୋଟି ଟଙ୍କା ଅନୁମୋଦନ କରାଯାଇ ୪.୫୩ କୋଟି ଟଙ୍କା ଜାରି ହୋଇଥିଲା। କିନ୍ତୁ ଓଡିଏସ୍‌ଏଫ୍ ନିୟମ ଓ ପିଏମ୍‌କେକେକେୱାଇ ନିର୍ଦ୍ଦେଶାବଳୀକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ୩.୧୯ କୋଟି ଟଙ୍କା ବେଆଇନ ଭାବେ ଖର୍ଚ୍ଚ କରାଯାଇ ଆତ୍ମସାତ କରାଯାଇଛି। ବ୍ଲୁ ଇକୋନୋମି ତଥା ଉପକୂଳବର୍ତ୍ତୀ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ପୂର୍ବ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ନେଇନଥିଲେ। ପ୍ରଶାସନିକ ଅନୁମୋଦନ ଓ ଜମି ଅଧିଗ୍ରହଣ ଭଳି ସମସ୍ୟା ପାଇଁ ୮୯୮ କୋଟି ଟଙ୍କା ପର୍ଯ୍ୟଟନ ପାଣ୍ଠିରେ ଜମା ହୋଇ ରହିଥିଲା। ଖର୍ଚ୍ଚ ହୋଇନପାରିବାରୁ ୧୦୩ କୋଟି ଟଙ୍କା ଫେରସ୍ତ କରାଯାଇଥିଲା ଏବଂ ଏହି ଅର୍ଥ ପାଞ୍ଚ ବର୍ଷ ଧରି ଓଟିଡିସି ଆକାଉଣ୍ଟରେ ପଡ଼ିରହିଥିଲା। ସରକାର ଯେଉଁ ସୀମିତ ଅର୍ଥ ଖର୍ଚ୍ଚ କରିଥିଲେ, ସେଥିରୁ ଅଧିକାଂଶ ଅନାବଶ୍ୟକ ଥିବା ଏଜି ଧରିଛନ୍ତି।

## ୟୁପିଆଇ ପେମେଣ୍ଟ...

କାରବାର ଉପରେ ୦.୪% ଏମଡିଆର ଲାଗୁ ହେବାକୁ ସ୍ଥିର ହୋଇଛି। ଏହି ଶୁଳ୍କ ବ୍ୟାଙ୍କ, ପେମେଣ୍ଟ ସେବା ପ୍ରଦାନକାରୀ ଏବଂ ତୃତୀୟ-ପକ୍ଷ ଆପ୍ସର କାର୍ଯ୍ୟ ଏବଂ ବୈଷୟିକ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ।

ଅର୍ଥ ମନ୍ତ୍ରଣାଳୟ ଏବଂ ଏନପିସିଆଇ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ ସାଧାରଣ ଗ୍ରାହକଙ୍କ ମଧ୍ୟରେ ସାଧାରଣ କାରବାର ପିଟୁଏମ ସମ୍ପୂର୍ଣ୍ଣ ମାଗଣା ରହିବ। ଏହି ୦.୪% ଚାର୍ଜ କେବଳ ବଡ଼ ବ୍ୟବସାୟୀ ପେମେଣ୍ଟ (ପିଟୁଏମ) ପାଇଁ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ। ବ୍ୟାଙ୍କ ଏବଂ ପ୍ଲାଟଫର୍ମଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ବ୍ୟବସାୟୀମାନଙ୍କୁ ଏହି ଶୁଳ୍କ ଗ୍ରାହକଙ୍କ ଉପରେ ଲଦିବାକୁ ଅନୁମତି ନ ଦିଅନ୍ତୁ, ଏବଂ ଆପ୍ ପ୍ରଦାନକାରୀମାନେ କୌଣସି ଲୁକ୍କାୟିତ ଶୁଳ୍କ କିମ୍ବା ପ୍ଲାଟଫର୍ମ ଫି ଲାଗୁ କରିପାରିବେ ନାହିଁ।

## ୟୁଏନଜିଏରେ ...

ପ୍ରତି ଏକ ନିରନ୍ତର ବିପଦ। ଏହା ରାଷ୍ଟ୍ର ପ୍ରାୟୋଜିତ ହୋଇପାରେ, ଯାହାର ସୀମାପାର ଉଦ୍ଦେଶ୍ୟ ରହିଛି, ତାହା ବିଶ୍ୱ ବ୍ୟବସ୍ଥା ପ୍ରତି ପ୍ରତ୍ୟକ୍ଷ ଆହ୍ୱାନ। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଥିବା ସରକାରଗୁଡ଼ିକୁ ଉତ୍ତରଦାୟୀ କରାଯାଉ। ଆତଙ୍କବାଦ ପ୍ରତି ଶୂନ-ସହନଶୀଳତା ଆଭିମୁଖ୍ୟରେ କୋହଳ କରା ନ ଯାଉ ବୋଲି ସେ କହିଛନ୍ତି।

## ବ୍ୟାଙ୍କ ଧର୍ମଘଟ ...

ହେଲା ମାସର ପ୍ରତ୍ୟେକ ଶନିବାରକୁ ବ୍ୟାଙ୍କ ଛୁଟିଦିବସ ଭାବେ ଘୋଷଣା କରିବା ଏବଂ ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ଲାଗୁ କରିବା। ପୁରୁଣା ପେନସନଭୋଗୀଙ୍କ ପେନସନ୍ ଅପଡେଟ୍ କରିବା ଏବଂ ପେନସନ୍ ସ୍କିମ୍‌ରେ ସୁଧାର ଆଣିବା। ବ୍ୟାଙ୍କ ଶାଖାଗୁଡ଼ିକରେ ଖାଲିପଡ଼ିଥିବା ପଦବୀଗୁଡ଼ିକରେ ଶୀଘ୍ର ସ୍ଥାୟୀ ନିଯୁକ୍ତି। କର୍ମଚାରୀଙ୍କ କାର୍ଯ୍ୟଭାର କମାଇବା ସହ ଦରମା ରିଭିଜନ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା। ତେବେ ଧର୍ମଘଟ ସ୍ଥଗିତ ହେବା ପରେ ସୋମବାରଠାରୁ ଦେଶସାରା ସମସ୍ତ ସରକାରୀ ଓ ବେସରକାରୀ ବ୍ୟାଙ୍କ ଶାଖାଗୁଡ଼ିକ ନିୟମିତ ସମୟ ଅନୁସାରେ ଖୋଲା ରହିବ ଏବଂ ସମସ୍ତ ଆର୍ଥିକ କାରବାର ସ୍ୱାଭାବିକ ଭାବେ ପରିଚାଳିତ ହେବ।

## ସାଢ଼େ ୪ କୋଟି ...

ଆମକୁ ଲଢ଼ିବାକୁ ହେବ। ଓଡିଶାର ଅଧିକାର ପାଇଁ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଲଢେଇ ହେବ। ଏ ଲଢେଇ କେବଳ ବିଜେଡିର ନୁହେଁ । ଏ ଲଢେଇ ସାଢେ ଚାରି କୋଟି ଓଡ଼ିଆଙ୍କ ଲଢେଇ' ବୋଲି ବିରୋଧୀ ଦଳ ନେତା କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ବିଷୟ ନେଇ ବିରୋଧୀ ଦଳ ନେତା କହିଛନ୍ତି, 'ଏହି ଆଇନକୁ ବିରୋଧ କରି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ତଥା ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଦୁଇଦୁଇ ଥର ପତ୍ର ଲେଖିଥିଲେ । କିନ୍ତୁ ଉତ୍ତର ମିଳିଲା ନାହିଁ। ସେହିପରି ଏହି ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ପାଇଁ ସେ ବିଜେପିର କୋଡିଏ ଜଣ ସାଂସଦଙ୍କୁ ଲେଖିଥିବା ପତ୍ରର ଉତ୍ତର ମଧ୍ୟ ମିଳିଲା ନାହିଁ। ଏ ସରକାର କେବଳ ବାକ୍ୟବୀର। ଏହି ଆଇନ ପାଇଁ ଓଡିଶା ହଜାର ହଜାର କୋଟି ଟଙ୍କା ପ୍ରତିବର୍ଷ କ୍ଷତି ସହିବ। କିନ୍ତୁ ଓଡିଶାର ସ୍ୱାର୍ଥ ପାଇଁ ସରକାର ନୀରବ କାହିଁକି ? ଏ ମାଟି ଠାରୁ ଦଳ କେବେ ବି ବଡ଼ ହୋଇ ପାରିବ ନାହିଁ । ଚୌକି ଆଜି ଅଛି କାଲି ନ ଥିବ। କିନ୍ତୁ ଏ ମାଟିକୁ ଧୋକା ଦେଲେ ସବୁ ଦିନ ପାଇଁ ନିନ୍ଦା ମିଳିବ। ଜେନ ଜି ଆପଣଙ୍କୁ କ୍ଷମା ଦେବେ ନାହିଁ । ଓଡିଶାବାସୀ କ୍ଷମା ଦେବେନାହିଁ। ଏମ ଏମ ଡି ଆର ସଂଶୋଧନ ଆଇନ କୁ ଓଡିଶାରେ କାର୍ଯ୍ୟକାରୀ କରାଇ ନ ଦେବାକୁ ସଂକଳ୍ପ ବଦ୍ଧ ହେବାକୁ ପଡ଼ିବ' ବୋଲି ସେ କହିଥିଲେ। ବିଜେଡ଼ିର ଏହି ବିଶାଳ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ରାଜ୍ୟର ବିଭନ୍ନ ଅଞ୍ଚଳରୁ ହଜାର ହଜାର ଜନତା ଯୋଗ ଦେଇଥିଲେ। ଦଳର ବରିଷ୍ଠ ନେତାମାନେ ଉଦ୍‌ବୋଧନ ଦେଇ ଏମଏମଡି ଆର ଆଇନରେ ଓଡିଶା ପ୍ରତି ହୋଇଥିବା ଅନ୍ୟାୟର ଦୃଢ଼ ବିରୋଧ କରି ଏହାର ପ୍ରତ୍ୟାହାର ଦାବି କରିଥିଲେ। ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଜେଡି ନେତ୍ରୀ ସୁଜାତା ରାଉତ ଅଭିଭାଷଣ ରଖିଥିଲେ। ଆଦିବାସୀ ନେତା ପ୍ରଦୀପ ମାଝୀ, ନିରଞ୍ଜନ ବିଶି, ମଙ୍ଗଳା କିଷାନ, ଜଗନ୍ନାଥ ସାରକା, ସାନନ୍ଦ ମାରାଣ୍ଡି, ଡ଼ ପ୍ରିୟବ୍ରତ ମାଝୀ, ଭାରତୀ ସିଂ, ଭାରତୀ ହାଁସଦା, ଦେବାଶିଷ ମାରାଣ୍ଡି, ମାନସ ମାଡ଼କାମୀ, ଜଗନ୍ନାଥ ନାୟକ, ଧନୁର୍ଜୟ ସିଦ୍ଧୁ, ବାସନ୍ତୀ ହେମ୍ବ୍ରମ୍, ଅନୁସୂୟା ମାଝୀ, ସରସ୍ୱତୀ ମାଝୀ, ଚକ୍ରଧର ହେମ୍ବ୍ରମ, ମାଧବ ସର୍ଦ୍ଦାରଙ୍କ ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ବେଶ ପୋଷାକରେ ସଜେଇ ହୋଇ ସମାବେଶରେ ସାମିଲ୍ ହୋଇଥିଲେ । ଏହି ଅବସରରେ ଆଦିବାସୀ ସେଲ୍ ସଭାପତି ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଦିବାସୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ଗନ୍ଧମାର୍ଦ୍ଦନ ପାଦ ଦେଶରେ ଜଙ୍ଗଲୀ ହାତୀ



**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ହରିଶଙ୍କର ନିକଟସ୍ଥ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶକୁ ତିନୋଟି ଜଙ୍ଗଲୀ ହାତୀ ଆସିଥିବା ଜଣାପଡ଼ିବା ପରେ ହରିଶଙ୍କର ବନବିଭାଗ ପକ୍ଷରୁ ତତ୍ପରତା ବୃଦ୍ଧି କରାଯାଇଛି। ହାତୀଙ୍କ ଗତିବିଧିକୁ ନଜରରେ ରଖିବା ସହ ନିକଟସ୍ଥ ଗାଁଗୁଡ଼ିକରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ଜଙ୍ଗଲ ବିଭାଗ ପକ୍ଷରୁ ସତର୍କ କରାଯାଉଛି। ବିଶେଷକରି ରାତି ସମୟରେ ଏକାକୀ ଘର ବାହାରକୁ ନଯିବା, ସନ୍ଧ୍ୟା ହେବା ପୂର୍ବରୁ କ୍ଷେତରୁ ଘରକୁ ଫେରିଆସିବା ଏବଂ ହାତୀ ଦେଖିଲେ ତାହାର ନିକଟକୁ ନଯିବା ପାଇଁ ବନବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ପ୍ରତିବର୍ଷ ଚାଷ ସମୟରେ ହାତୀପଲ ଜନବସତି ନିକଟକୁ ଆସିବା ଯୋଗୁଁ ମଣିଷ-ହାତୀ ସଂଘର୍ଷର ଆଶଙ୍କା ବଢ଼ିଥାଏ। ଅତୀତରେ ଏଭଳି ଘଟଣାରେ ଜୀବନ ହାନି ମଧ୍ୟ ଘଟିଥିବା ଜଣାପଡିଛି। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ବନବିଭାଗ ଆଗୁଆ ସତର୍କତାମୂଳକ ପଦକ୍ଷେପ ନେଇଛି। ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସଚେତନତା ସହ ହାତୀଙ୍କ ଗତିବିଧି ଉପରେ ବଲାଙ୍ଗୀର ବନବିଭାଗ ନଜର ରଖିଛି।

13001/1975/2627
**KATAKA MUNICIPAL CORPORATION**
"e" PROCUREMENT NOTICE
Bid Reference No. MC(KMC)KTC_EL_No.4/2026-27
Tender ID : 2026_ORULB_141401
Tender Call Notice No. 8657 (PW) Date. 24.09.2026
Name of Works : Electrical Works
No of Works : 02
Bid Value : Rs. 7.74 Lakh to Rs. 8.38 Lakh
Period of Completion : One Calendar Month
Date and Time schedule :

| Start | End | Opening |
|---|---|---|
| 12.00 PM on dt. 29.09.2026 | 5.00 PM on dt.09.10.2026 | 11.00 AM on dt. 14.10.2026 |

Tender Details : can be seen from the procurement portal : www.tendersorissa.gov.in
Executive Engineer, (Electrical)
OIPR-13001/13031/1/26-27/0066

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001
13001/1990/2627
ପତ୍ର ସଂଖ୍ୟା- ୨୦୩୫୨ / ଭୁ.ଉ.କ., ଭୁବନେଶ୍ୱର, **ସୂଚନା** ତା ୨୩.୦୯.୨୦୨୬ /ରିଖ
Misc.AL-III-2/2025
ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଲକ୍ଷ୍ମୀସାଗର ହାଉସିଂସ୍କିମ୍, Stage-IV, ଲକ୍ଷ୍ମୀସାଗର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-LP-7 କୁ ନିତ୍ୟାନନ୍ଦ ରାଉତ, ପିତା ସ୍ୱର୍ଗତ ଫକୀର ଚରଣ ରାଉତ, ଗ୍ରାମ- ତଳନଗର, ପୋଷ୍ଟ- ବାଇନଣ୍ଡା ମଙ୍ଗରାଜପୁର, ଥାନା-ସୋର, ଜିଲ୍ଲା-ବାଲେଶ୍ୱରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ନିତ୍ୟାନନ୍ଦ ରାଉତ ଗତ ତା-୨୮.୦୬.୨୦୨୩ ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate No.547/2023 dated 12.07.2023).
Legal heir certificate Misc. Case No. E-LHC/2023/217908, dated 17.12.2023 ଅନୁଯାୟୀ ନିତ୍ୟାନନ୍ଦ ରାଉତଙ୍କର ଉତ୍ତରାଧିକାରୀ (୧) ଶାନ୍ତିଲତା ରାଉତ (ସ୍ତ୍ରୀ), (୨) ନୀଳକଣ୍ଠ ରାଉତ (ପୁତ୍ର), (୩) ନୀଳମାଧବ ରାଉତ (ପୁତ୍ର), (୪) ଆମୋଦବାଳା ମହାପାତ୍ର (ବିବାହିତା କନ୍ୟା), (୫) କଳ୍ପନା ମହାପାତ୍ର (ବିବାହିତା କନ୍ୟା), (୬) ସୁଜାତା ଦାସ (ବିବାହିତା କନ୍ୟା) ଓ (୭) ରଶ୍ମୀତା ନାୟକ (ବିବାହିତା କନ୍ୟା) ଅଟନ୍ତି।
ବର୍ତ୍ତମାନ (୧) ଆମୋଦବାଳା ମହାପାତ୍ର, (୨) କଳ୍ପନା ମହାପାତ୍ର, (୩) ସୁଜାତା ଦାସ, (୪) ରଶ୍ମୀତା ନାୟକ, (୫) ଶାନ୍ତିଲତା ରାଉତ ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment No.11082408935 dated 12.09.2024) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର / ଅଂଶକୁ ନୀଳକଣ୍ଠ ରାଉତ ଓ ନୀଳମାଧବ ରାଉତଙ୍କୁ ହସ୍ତାନ୍ତର କରିଅଛନ୍ତି। ସୁତରାଂ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ତ୍ୱ ନୀଳକଣ୍ଠ ରାଉତ ଓ ନୀଳମାଧବ ରାଉତଙ୍କ ନାମରେ ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଉକ୍ତ ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା/- ଆବଣ୍ଟନ ଅଧିକାରୀ-୧,
OIPR-13001/13033/1/26-27/0147 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. eT-CRW-MCS-EL-9-2026
କାର୍ଯ୍ୟର ନାମ : 18 ମାସ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ LHB କୋଚ୍, ପାୱାର କାର ଓ ପ୍ୟାଣ୍ଟ୍ରି କାରରେ SBC ପ୍ୟାନେଲର ଡିସ୍କନେକ୍ଟିଙ୍ଗ (Disconnecting) ଏବଂ ଆର୍ଥିଙ୍ଗ ଡିଭାଇସ ତଥା HT କମ୍ପାର୍ଟମେଣ୍ଟ ନିମନ୍ତେ EPDM ମୋଡ୍ୟୁଲାର (Modular) କେବୁଲ ସିଲିଙ୍ଗ ସିଷ୍ଟମ ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ : ₹ 48,06,473.40, EMD : ₹ 96,100/-, ଶେଷ ହେବା ଅବଧି : 18 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.02.10.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.10.2026ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଂଜିନିୟର/ CRW/ମଞ୍ଚେଶ୍ୱର
PR-465/R/26-27

8001/338/2627
OFFICE OF THE DIVISIONAL FOREST OFFICER, REDHAKHOL DIVISION
Mobile No:-06644-299949, Email ID:-dfo.redhakhol@odisha.gov.in
Tender Notice No- F & E/RKL/ 026 (OFFLINE)/2026-27 /1F – Dated.25.09.2026
**TENDER CALL NOTICE**
Divisional Forest Officer, Redhakhol Forest Division invites RFP mode Single Sealed Covers tenders from eligible, experienced firms specializing in **"Design, Implementation, Clog-Resistance & Maintenance of a Solar-Based IoT Drip Irrigation System — 15 km Lemon / Lime Bio-Fencing Plantation** under Redhakhol Forest Division. The tender papers with detailed terms and conditions documents can be downloaded from website www.redhakholforest.com or https://sambalpur.odisha.gov.in or www.odishaforest.in from 13:00 Hours of 28.06.2026 (01:00 PM) to 12.10.2026 (05:00 PM). The Cost of tender paper of Rs. 1,000/- (One Thousand) only to be deposited through Demand Draft in favour of Divisional Forest Officer, Redhakhol Forest Division payable at Redhakhol. The Tender Papers can be submitted on or before 12.10.2026 till 05:00 PM by Speed Post/Registered post/Courier or by hand only to the office address. The tender will be opened in the O/o the undersigned on 13.10.2026 at 11.30 AM.
The undersigned reserves the right to accept or reject any or all the tenders without assigning any reason thereof.

| | |
|---|---|
| Date of Publication of Bids | 28.09.2026 at 01.00 PM |
| Last Date Submission of Bids | 12th October 2026 (up to 5:00 PM) |
| The Date of Opening of Tenders | 13th October 2026 at 11:30 AM |

Sd/- Divisional Forest Officer, Redhakhol Forest Division
OIPR-8001/8146/1/26-27/0037

ଭୁବନେଶ୍ୱର, ୨୯ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ଭେଜାଲ ପନିର କାରବାରର ପର୍ଦ୍ଦାଫାସ୍

# କେଏମ୍‌ସି ପକ୍ଷରୁ ମଧୁପାଟଣା ଥାନାରେ ୧୧ ଜଣଙ୍କ ବିରୋଧରେ ଅଭିଯୋଗ

କଟକ,୨୮।୯
ନ୍ୟୁଜ୍‌ବ୍ୟୁରୋ

କଟକରେ ଭେଜାଲ୍ ପନିର କାରବାର ଅଭିଯୋଗ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନିଆଳି ଅଞ୍ଚଳରୁ ଜବତ ହୋଇଥିବା ବିପୁଳ ପରିମାଣର ପନିର ଓ କଟେଜ୍ ଚିଜ୍‌ର ନମୁନା ପରୀକ୍ଷା ପରେ ଏଥିରେ ଅନୁମୋଦିତ ନଥିବା ପଦାର୍ଥ ମିଶିଥିବା ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ୧୧ ଜଣଙ୍କ ବିରୋଧରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିଆଳି ଅଞ୍ଚଳରେ ଚଢ଼ଉ



କରାଯାଇ ପ୍ରାୟ ୭୩ କ୍ୱିଣ୍ଟାଲ୍ ସନ୍ଦିଗ୍ଧ ପନିର ଓ କଟେଜ୍ ଚିଜ୍ ଜବତ କରାଯାଇଥିଲା। ଜବତ ସାମଗ୍ରୀରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ମାନ୍ୟତାପ୍ରାପ୍ତ ଲ୍ୟାବ୍‌କୁ ପଠାଯାଇଥିଲା। ପରୀକ୍ଷା ରିପୋର୍ଟରେ ପନିରରେ ଷ୍ଟାର୍ଚ୍ଚ, ମଇଦା ଓ ଡିଟରଜେଣ୍ଟ ସଦୃଶ ପଦାର୍ଥ ମିଳିଥିବା ଜଣାପଡ଼ିଛି। ଏହି ରିପୋର୍ଟ ସାମ୍ନାକୁ ଆସିବା ପରେ ଖାଦ୍ୟ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ବିଶେଷକରି ପନିର ଭଳି ଦୁଗ୍ଧଜାତ ଖାଦ୍ୟ କେଉଁଠାରୁ ଆସୁଛି ଏବଂ କିପରି ପ୍ରସ୍ତୁତ ହେଉଛି, ତାହା ଉପରେ ଯାଞ୍ଚ ଆବଶ୍ୟକ ହୋଇପଡ଼ିଛି। ଲ୍ୟାବ୍ ରିପୋର୍ଟ ମିଳିବା ପରେ କେଏମ୍‌ସି ପକ୍ଷରୁ ମଧୁପାଟଣା ଥାନାରେ ୧୧ ଜଣଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଅଭିଯୋଗରେ ଉତ୍ପାଦନ, ଯୋଗାଣ ଓ ବିକ୍ରି ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ନେଇ ତଦନ୍ତ ଚାଲିଛି। ଜବତ ପନିରକୁ ନିୟମ ଅନୁସାରେ ନଷ୍ଟ କରାଯାଇଥିବା ବେଳେ ଘଟଣାର ମୂଳ ଉତ୍ସ ଓ ଯୋଗାଣ ଶୃଙ୍ଖଳା ନେଇ ତଦନ୍ତ ଜାରି ରହିଛି। କଟକ ସହରରେ ଭେଜାଲ ଖାଦ୍ୟ ବିରୋଧରେ ଆଗାମୀ ଦିନରେ ଚଢ଼ଉ ଓ ନମୁନା ପରୀକ୍ଷାକୁ ଆହୁରି ଜୋରଦାର କରାଯିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ପନିର ଓ ଅନ୍ୟ ଦୁଗ୍ଧଜାତ ଖାଦ୍ୟର ଚାହିଦା ବଢୁଥିବା ସମୟରେ ଏଭଳି ଭେଜାଲ କାରବାର ଅଭିଯୋଗ ଗ୍ରାହକଙ୍କ ଖାଦ୍ୟ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ତେଣୁ ବଜାରରେ ବିକ୍ରି ହେଉଥିବା ପନିରର ମାନ ଯାଞ୍ଚ ଓ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଉପରେ ଏବେ ନଜର ରହିଛି।



ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନର ମୁନ୍‌ସି ହଲ୍‌ରେ ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ଲୁପ୍ତପ୍ରାୟ ଲୋକକଳା ୨୦୩ତମ ସନ୍ଧ୍ୟାରେ ଜଗନ୍ନାଥ ଲୀଳାମୃତ (ଷଷ୍ଠ ଅଧ୍ୟାୟ) ବିରବଲ ଭୋଇ, ନକୁଳ ପଟା ଏବଂ ବନମାଳୀ ସାହୁଙ୍କ ଦ୍ୱାରା 'ବାରମାସେ ତେର ଯାତ୍ରା' ପରିବେଷଣ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ମହାନଦୀରେ ବନ୍ୟା : ୧୦ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ

କଟକ,୨୮।୯
ନ୍ୟୁଜ୍‌ବ୍ୟୁରୋ

ହୀରାକୁଦ ଜଳଭଣ୍ଡାରରୁ ଅଧିକ ପାଣି ଛଡ଼ାଯିବା ପରେ ମହାନଦୀରେ ବନ୍ୟାଜଳ ବଢ଼ିବାରେ ଲାଗିଛି। କଟକ ମୁଣ୍ଡଳି ଦେଇ ପ୍ରାୟ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାରୁ ନଦୀକୂଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଛି। ମୁଣ୍ଡଳିରେ ଜଳ ପ୍ରବାହ ବଢ଼ିବା ଯୋଗୁଁ କଟକ ଜିଲ୍ଲାର ବାଙ୍କୀ ଓ ତିଗିରିଆ ବ୍ଲକ୍‌ର ୧୦ଟି ପଞ୍ଚାୟତ ବାହ୍ୟ ଅଞ୍ଚଳରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅନେକ ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେବାରୁ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହୋଇଛି। ବାଙ୍କୀ ଅଞ୍ଚଳର ହୁଲୁହୁଲା ସେତୁ ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚର



ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାଙ୍କୀର ୬ଟି ଓ ତିଗିରିଆର ୪ଟି ପଞ୍ଚାୟତ ଏହାଦ୍ୱାରା ପ୍ରଭାବିତ ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି। ମହାନଦୀରେ ଜଳସ୍ତର ଆହୁରି ବଢ଼ିଲେ ନଦୀକୂଳିଆ ଓ ତଳିଆ ଅଞ୍ଚଳରେ ପାଣି ପଶିବା ଆଶଙ୍କା ରହିଛି। ଜିଲ୍ଲା ପ୍ରଶାସନ ମଧ୍ୟ ଆବଶ୍ୟକ ସ୍ଥାନରେ ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା ପାଇଁ ପ୍ରସ୍ତୁତ ରହିଛି।

## ଏମଏମଡିଆର ବିଧେୟକକୁ ନେଇ ବିରୋଧୀଙ୍କ ହଙ୍ଗାମା

# ବିଧାନସଭାରେ ଚାଲିପାରିଲାନି ପ୍ରଶ୍ନକାଳ

ଭୁବନେଶ୍ୱର,୨୮।୯
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ପଞ୍ଚମ ଦିନରେ ସୋମବାର ଏମଏମଡିଆର ସଂଶୋଧନ ବିଧେୟକକୁ ନେଇ ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଗୃହର କାର୍ଯ୍ୟବିଧି ବାଧାପ୍ରାପ୍ତ ହୋଇଛି। ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ହଙ୍ଗାମା କାରଣରୁ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଫଳରେ ପ୍ରଶ୍ନକାଳ ସ୍ୱାଭାବିକ ଭାବେ ଚାଲିପାରିନାହିଁ।



ସୋମବାର ନିର୍ଦ୍ଧାରିତ ସମୟ ସକାଳ ୧୦ଟା ୩୦ ମିନିଟ୍‌ରେ ଗୃହର କାର୍ଯ୍ୟବିଧି ଆରମ୍ଭ ହେବା ମାତ୍ରେ ବିଜୁ ଜନତା ଦଳ (ବିଜେଡି) ଓ କଂଗ୍ରେସ ସଦସ୍ୟମାନେ ଏମଏମଡିଆର ବିଧେୟକର ବିରୋଧରେ ନାରାବାଜି କରି ବାଚସ୍ପତିଙ୍କ ଆସନ ସମ୍ମୁଖକୁ ଆସିଥିଲେ। ବିରୋଧୀ ସଦସ୍ୟମାନଙ୍କ ହଙ୍ଗାମା ଯୋଗୁଁ ଗୃହରେ ସ୍ୱାଭାବିକ କାର୍ଯ୍ୟବିଧି ଚାଲିପାରିନଥିଲା।

ପ୍ରଶ୍ନକାଳରେ ଉତ୍ତର ଦେବା ପାଇଁ ବାଚସ୍ପତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଡାକିଥିଲେ। ମନ୍ତ୍ରୀ ମହାଲିଙ୍ଗ ଉତ୍ତର ଦେବା ଆରମ୍ଭ କରିଥିଲେ ମଧ୍ୟ ବିରୋଧୀ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି ଜାରି ରଖିଥିଲେ। ଏହା ଫଳରେ ପ୍ରଶ୍ନକାଳର କାର୍ଯ୍ୟବିଧି ବାଧାପ୍ରାପ୍ତ ହୋଇଥିଲା। ଏମଏମଡିଆର ସଂଶୋଧନ ଅଧିନିୟମ ବିରୋଧରେ କଂଗ୍ରେସ ଓ ବିଜେଡି କ୍ରମାଗତ ଭାବେ ବିଧାନ ସଭାରେ ପ୍ରତିବାଦ କରିଆସୁଛନ୍ତି। ମୌସୁମୀ ଅଧିବେଶନ ଆରମ୍ଭରୁ ଏହି ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଙ୍ଗାମା ଯୋଗୁଁ ବାରମ୍ବାର ଗୃହକୁ ମୁଲତବୀ କରିବାକୁ ପଡ଼ିଛି। ଏମଏମଡିଆର ସଂଶୋଧନ ଅଧିନିୟମକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ବିଜେଡି ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନ କରୁଛି।

## କୋର୍ଟରେ ୩ ଯନ୍ତ୍ରୀଙ୍କ ଆତ୍ମସମର୍ପଣ

କେନ୍ଦୁଝର,୨୮।୯:ନ୍ୟୁଜ୍‌ବ୍ୟୁରୋ

କେନ୍ଦୁଝରର ବହୁ ଚର୍ଚ୍ଚିତ ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ଘଟଣାରେ ତିନିଜଣ ଅଭିଯୁକ୍ତ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇବା ପରେ ଏମାନେ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଏହି ତିନିଜଣ ଯନ୍ତ୍ରୀ ହେଲେ ମନୋରଞ୍ଜନ ଜେନା, ଚିତ୍ତରଂଜନ ମିସ୍ତ୍ରୀ, ମୀନକେତନ ସାମଲ। ପ୍ରକାଶ ଥାଉକି ଏହି ବହୁ ଚର୍ଚ୍ଚିତ ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ମାମଲା ପାଞ୍ଚଟି ଜିଲ୍ଲାରେ ବ୍ୟାପିଥିଲା। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ଠିକାଦାର ବିଭୂତି ଭୂଷଣ ବିଶ୍ୱାଳ ଜେଲ୍ ଯାଇଥିବା ବେଳେ ଏବେ ସେ ବେଲ୍ ପାଇ ବାହାରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୮/୦୯/୨୦୨୬
୪,୭୪,୮୦୪/- ଟଙ୍କା
ସୁନା:- ୦୨ ଗ୍ରାମ୍ ୬୫୦ ମିଲିଗ୍ରାମ୍
ରୂପା:- ୪୩ଗ୍ରାମ୍୭୦୦ ମିଲିଗ୍ରାମ୍

# ଲୋକେ ବିପଦରେ ଥିବା ବେଳେ ବିରୋଧୀ ରାଜନୀତି କରୁଛନ୍ତି

ଭୁବନେଶ୍ୱର,୨୮।୯
ନ୍ୟୁଜ୍‌ବ୍ୟୁରୋ

ସୋମବାର ବିଧାନସଭାରେ ବିରୋଧୀ ଦଳ ଉଭୟ ବିଜେଡି ଏବଂ କଂଗ୍ରେସ ବିଧାୟକମାନଙ୍କ ନାରାବାଜି ଜନିତ ହଙ୍ଗାମା ଜାରି ରହିଥିବା ବେଳେ ବାଚସ୍ପତିଙ୍କ ଅନୁମତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ଘଟିଥିବା ସାମ୍ପ୍ରତିକ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟର ସ୍ଥିତି ସମ୍ପର୍କରେ ବିବୃତ୍ତି ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଗତ ଜୁନ୍-ଜୁଲାଇ ମାସରୁ ଏଯାବତ୍ ରାଜ୍ୟରେ ୧୦ଟି ଲଘୁଚାପ ଓ ୪ଟି ଅବପାତ ସଂଗଠିତ ହୋଇଛି। ଏହି ସମୟ ମଧ୍ୟରେ ରାଜ୍ୟରେ ରେକର୍ଡ ପରିମାଣର ବର୍ଷା ମଧ୍ୟ ହୋଇଛି। ଏଥିଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲୋକେ ବିଭିନ୍ନ ନଦୀର ବନ୍ୟା ପ୍ରଭାବିତ ଅଞ୍ଚଳରେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏଭଳି ଅବସ୍ଥାରେ ଲୋକେ ବିପଦରେ ଥିବାବେଳେ ବିରୋଧୀ ଦଳ ଏଠାରେ



ସ୍ଥିତିକୁ ହୃଦୟଙ୍ଗମ କରିବା ପରିବର୍ତ୍ତେ ରାଜନୀତି କରିବାକୁ ଉଦ୍ୟମ ଚଳାଇଛନ୍ତି। ଲୋକଙ୍କ ସମସ୍ୟା ବୁଝିବା ପରିବର୍ତ୍ତେ ବନ୍ୟା ପରିସ୍ଥିତିକୁ ନେଇ ଭାଷଣବାଜି କରିବା ସହ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଇଦେଉନାହାନ୍ତି। ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଦେଖାଦେଇଥିବା ଅଭୁତପୂର୍ବ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଏବଂ ବିପନ୍ନ ଲୋକମାନଙ୍କୁ ସହାୟତା, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ବୋଲି ସେ କହିଥିଲେ। ରାଜସ୍ୱମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ରବିବାର ନବରଙ୍ଗପୁର ଓ ଅନ୍ୟାନ୍ୟ କେତେକ ବନ୍ୟା ପ୍ରଭାବିତ ଅଞ୍ଚଳ ମୁଖ୍ୟମନ୍ତ୍ରୀ ଓ ସେ ନିଜେ ପରିଦର୍ଶନ କରିବା ସହ ବିପନ୍ନ ଲୋକଙ୍କୁ ସହାୟତା ସମ୍ପର୍କରେ ପଚାରି ବୁଝିଛନ୍ତି ଏବଂ ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ପରିସ୍ଥିତିର ମୁକାବିଲା ପାଇଁ ସବୁ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ବିପନ୍ନମାନଙ୍କୁ ରନ୍ଧା ଖାଦ୍ୟ ସହ ଶୁଖିଲା ଖାଦ୍ୟ ମଧ୍ୟ ଯୋଗାଇ ଯାଉଛି। ଏଥିନିମନ୍ତେ ବିଭିନ୍ନ ସ୍ଥାନରେ ରିଲିଫ କ୍ୟାମ୍ପମାନ ଖୋଲାଯାଇଥିବା ଶ୍ରୀ ପୂଜାରୀ କହିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ସହ ୩୦ ହଜାର ଜରିମାନା

ବାରିପଦା,୨୮।୯:ନ୍ୟୁଜ୍‌ବ୍ୟୁରୋ

ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଓ ଗର୍ଭବତୀ କରିବା ମାମଲାରେ ଅଭିଯୁକ୍ତ ରତିକାନ୍ତ ଦଲେଇ ଓରଫ ବାବୁଲା (୩୨)କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଏହି ମାମଲାର ଶୁଣାଣି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷର ଜେଲ୍ ଦଣ୍ଡ ସହିତ ୩୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ରାୟ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ମାଜୁରାପୋଷି ଗ୍ରାମର ଦାଶରଥି ଦଲେଇଙ୍କ ପୁଅ ରତିକାନ୍ତ ଦଲେଇ ଏକ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖି ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଗର୍ଭବତୀ ହେବା ପରେ ଅଭିଯୁକ୍ତ ରତିକାନ୍ତ ତାଙ୍କୁ ଛାଡ଼ି ଚାଲିଯାଇଥିଲା। ୨୭ ଜୁନ ୨୦୨୧ରେ ପୀଡ଼ିତା ଗର୍ଭବେଦନା ଅନୁଭବ କରିବାରୁ ତାଙ୍କୁ ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ଦୁର୍ଭାଗ୍ୟବଶତଃ ଶିଶୁଟିର ପରବର୍ତ୍ତୀ ସମୟରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ଜଣାଯାଇଥିଲେ ବି ସେମାନେ ଧମକଚମକ ଦେଇଥିଲେ। ଏ ନେଇ ୧୭ ଜୁଲାଇ ୨୦୨୧ରେ ଠାକୁରମୁଣ୍ଡା ଥାନାରେ ଏକ ଲିଖିତ ଏତଲା କେସ ନଂ- ୮୬/୨୦୨୧ ଦାୟର କରାଯାଇଥିଲା। ପୋଲିସ ମାମଲାର ତଦନ୍ତ କରି ୨୯ ଅଗଷ୍ଟ ୨୦୨୨ରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରିଥିଲା। ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣକୁ ଆଧାର କରି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ ରତିକାନ୍ତ ଦଲେଇକୁ ଦୋଷୀ ସାବ୍ୟସ୍ତପୂର୍ବକ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଅଶ୍ୱିନୀ କୁମାର ମହାନ୍ତ ମାମଲା ପରିଚାଳନା କରୁଥିଲେ।

## ଅଫିସରମାନେ ସଠିକ ଦାୟିତ୍ୱ ତୁଲାଇଲେ ଅପମିଶ୍ରିତ ଖାଦ୍ୟ ବନ୍ଦ ହେବ

ଭୁବନେଶ୍ୱର,୨୮।୯:ନ୍ୟୁଜ୍‌ବ୍ୟୁରୋ

ଅଫିସରମାନେ ସଠିକ ଦାୟିତ୍ୱ ତୁଲାଇଲେ ଅପମିଶ୍ରିତ ଖାଦ୍ୟ ବନ୍ଦ ହେବ ବୋଲି ବିଧାୟକ ସୌଭିକ ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି ଯେ, କଟକର ନିଆଳିରେ ସବୁଠୁ ଅଧିକ ଛେନା, ଅଧିକାଂଶ ଅପମିଶ୍ରିତ ପନିର, ଯାହା ବି ଖାଉଛେ ବିଷାକ୍ତ, ପନିର, କ୍ଷୀର, ସ୍ୱଇଗି, ଜୋମାଟୋରେ ଆସୁଥିବା ପ୍ଲାଷ୍ଟିକରେ ଅଧିକାଂଶ ଖାଦ୍ୟ ସବୁ ବିଷାକ୍ତ। ଏହା ଦୁଃଖ ଦାୟକ। ଭବିଷ୍ୟ ପିଢ଼ି ସଠିକ ଭାବରେ ଜନ୍ମ ଲାଭ କରନ୍ତୁ। ମୋହନ ସରକାର ରାଜ୍ୟର ପ୍ରଗତି ପାଇଁ ସୁନ୍ଦର କାମ କରୁଛନ୍ତି ଖାଦ୍ୟ ସୁରକ୍ଷାରୁ ନେଇ ମନ୍ତ୍ରୀ ଯାହା ଉତ୍ତର ରଖିଛନ୍ତି ଖାଦ୍ୟ ସୁରକ୍ଷା ପାଇଁ ବ୍ଲକରୁ ଜିଲ୍ଲା ପର୍ଯ୍ୟନ୍ତ ଅଫିସରଙ୍କୁ ନିଯୁକ୍ତି ଦେଲେ। ଅଫିସରମାନେ ସଠିକ ଦାୟିତ୍ୱ ତୁଲାଇଲେ ଏହା ବନ୍ଦ ହେବ। ରୋଷେଇ ଘରୁ ପ୍ଲାଷ୍ଟିକ ହଟାଇବାକୁ ପଡିବ।

**ପ୍ରକାଶ ଅପେକ୍ଷାରେ ...**

**ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬**




**ଏଥର ସୂଚୀରେ କଥାକଳିକାର ଗାଳ୍ପିକ...**

**ସ୍ମରଣୀୟ କଥା :** ସୁଜାତା ମହାପାତ୍ର
**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଜୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମୀତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି।
**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ।
**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।
**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ
**ସମୀକ୍ଷା :** ମାନିନୀ ମିଶ୍ର
**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ସାମୂହିକ ପ୍ରୟାସ ଦ୍ୱାରା ହିନ୍ଦୀ ଭାଷାର ମର୍ଯ୍ୟାଦା ସମୃଦ୍ଧ ହେବ

ଭୁବନେଶ୍ୱର,୨୮।୯:ନ୍ୟୁଜ୍‌ବ୍ୟୁରୋ

'ନବୋଦୟ ସାହିତ୍ୟ-ସଂସ୍କୃତି ସମିତି' ପକ୍ଷରୁ, ରବିବାର ସନ୍ଧ୍ୟାରେ ହିନ୍ଦୀ ମାସ (ହିନ୍ଦୀ ଦିବସ-୨୦୨୬) ଉପଲକ୍ଷେ ଭର୍ଚ୍ୟୁଆଲ୍ ପ୍ଲାଟଫର୍ମରେ ଏକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ 'ନବୋଦୟ ସାହିତ୍ୟ-ସଂସ୍କୃତି ସମିତି'ର ସଭାପତି ଡକ୍ଟର ଅବଦୁଲ ଉସମାନ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଏପରି ଏକ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ତାଙ୍କର ମୂଲ୍ୟବାନ ମତାମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବରେ ବକ୍ତବ୍ୟ ରଖି ସୁଦର୍ଶନ ତରାଇ, ପୂର୍ବତନ ଉପ-ମହାପ୍ରବନ୍ଧକ (ସରକାରୀ ଭାଷା), ନାଲ୍‌କୋ, ଭୁବନେଶ୍ୱର କହିଥିଲେ ଯେ ହିନ୍ଦୀର ଭବିଷ୍ୟତ ଉଜ୍ଜ୍ୱଳ ଏବଂ ସାମୂହିକ ପ୍ରୟାସ ଦ୍ୱାରା ଭାଷାର ମର୍ଯ୍ୟାଦା ଆହୁରି ସମୃଦ୍ଧ ହୋଇପାରିବ। ଅତିଥି ବକ୍ତାମାନଙ୍କ ମଧ୍ୟରେ ପୂର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡକ୍ଟର କାମେଶ୍ୱର ପଙ୍କଜ; ବିଶ୍ୱ ହିନ୍ଦୀ ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିକ୍ରମାଦିତ୍ୟ ସିଂହ (କବି ଏବଂ ସାହିତ୍ୟିକ); ଜିଏମ୍ ବିଶ୍ୱବିଦ୍ୟାଳୟ (ସମ୍ବଲପୁର)ର ସହଯୋଗୀ ପ୍ରଫେସର ଡକ୍ଟର ଦାଶରଥି ବେହେରା ଏବଂ ଶିକ୍ଷକ ମହେଶ୍ୱର ସାହୁ ଥିଲେ, ଯେଉଁମାନେ ଭାରତରେ ଭାଷାଗତ ଏକତାର ଆବଶ୍ୟକତା ଏବଂ ହିନ୍ଦୀର ମର୍ଯ୍ୟାଦା ଉପରେ ଆଲୋଚନା କରିଥିଲେ ଏବଂ ହିନ୍ଦୀର ପ୍ରଚାର ପାଇଁ ପ୍ରେରଣାଦାୟକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ବକ୍ତାମାନେ କେବଳ ଭାରତରେ ନୁହେଁ ବରଂ ବିଦେଶରେ ମଧ୍ୟ ହିନ୍ଦୀ ଭାଷାର ବ୍ୟାପକ ଲୋକପ୍ରିୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ତେଣୁ ଭବିଷ୍ୟତରେ ଏହାର ଗୌରବକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ ଜାରି ରଖିବା ଆବଶ୍ୟକ।

ଏହି କାର୍ଯ୍ୟକ୍ରମରେ ହିନ୍ଦୀ ସାହିତ୍ୟ ବିଦ୍ୱାନ ନବୀନ ଚନ୍ଦ୍ର ସିଂହ, ଆସାନସୋଲର ବେଚନ ପ୍ରସାଦ ଏବଂ ଓଡ଼ିଶା ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକ/ଅଧ୍ୟାପକ, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କ ସମେତ ମୋଟ ୫୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। କବିତା ପାଠ କାର୍ଯ୍ୟକ୍ରମରେ ଲେହା ଖାତୁନ୍, ଇମ୍ରାନା ଇସ୍ରାଏଲ୍, ବେଚାନ୍ ପ୍ରସାଦ, ଚିତ୍ତରଂଜନ ନାହକ୍ ଇତ୍ୟାଦି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଏହି ବିକଶିତ ଭାଷା ଆନ୍ଦୋଳନକୁ ଆହୁରି ଆଗକୁ ବଢ଼ାଇବା ଲକ୍ଷ୍ୟରେ ହାଓଡ଼ା ହିନ୍ଦୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପ-କୁଳପତି ପ୍ରଫେସର ଦାମୋଦର ମିଶ୍ର ସମସ୍ତ ବକ୍ତାଙ୍କ ମତାମତକୁ ଏକୀକୃତ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର ସଚିବ ପ୍ରତିମା ନଳିନୀ ପତି ପରିଚାଳନା କରିଥିଲେ। କମିଟିର ଉପାଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ନାହାକଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଖରା-ବର୍ଷାରେ ପଡ଼ି ନଷ୍ଟ ହେଉଛି ଅନେକ ପୁଲିସ ଗାଡ଼ି

କଟକ,୨୮।୯
ନ୍ୟୁଜ୍‌ବ୍ୟୁରୋ

ପୁଲିସ ବିଭାଗର ସରକାରୀ ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣକୁ ନେଇ କଟକ ଜିଲ୍ଲାରେ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି। ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବା ଗାଡ଼ିଗୁଡ଼ିକୁ ନିୟମାନୁସାରେ ନିଲାମ କରିବାର ବ୍ୟବସ୍ଥା ଥିବା ସତ୍ତ୍ୱେ ଅନେକ ଗାଡ଼ି ଦୀର୍ଘଦିନ ଧରି ଖୋଲା ଆକାଶ ତଳେ ପଡ଼ିରହିଛି। ଫଳରେ ଖରା, ବର୍ଷା ଓ ପାଣିରେ ପଡ଼ି ଏହି ସରକାରୀ ସମ୍ପତ୍ତି ଧୀରେଧୀରେ ନଷ୍ଟ ହେଉଛି। ପୁଲିସ ବିଭାଗ ପକ୍ଷରୁ କିଣାଯାଇଥିବା ଗାଡ଼ିର ବ୍ୟବହାର ସମୟ ୧୫ ବର୍ଷ କିମ୍ବା ଅଢ଼େଇ ଲକ୍ଷ କିଲୋମିଟର ଚାଲିବା ପରେ ତାହାକୁ ଅନୁପଯୋଗୀ ବିବେଚନା କରାଯାଏ। ଏଭଳି ଗାଡ଼ିଗୁଡ଼ିକୁ ନଷ୍ଟ ନକରି ନିୟମ ଅନୁଯାୟୀ ନିଲାମ କରିବାର ବ୍ୟବସ୍ଥା ରହିଛି। ତେବେ କଟକ ଗ୍ରାମାଞ୍ଚଳ ପୁଲିସ ଜିଲ୍ଲାରେ ଏହି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ, କଟକ ଗ୍ରାମାଞ୍ଚଳ ପୁଲିସର କେତେକ ଗାଡ଼ିର ବୟସ ୧୫ ବର୍ଷରୁ କମ୍ ଥିଲେ ମଧ୍ୟ ସେଗୁଡ଼ିକ ବ୍ୟବହାରରେ ନଥାଇ ଦୀର୍ଘଦିନ ଧରି ପଡ଼ିରହିଛି। ରିଜର୍ଭ ପୁଲିସ ଅଫିସ ପରିସର, ପୁଲିସ ମୁଖ୍ୟାଳୟ ନିକଟ ଏବଂ ସେଣ୍ଟ୍ରାଲ୍ ରେଞ୍ଜ୍ ଅଫିସ ନିକଟରେ ଏଭଳି ଅନେକ ପୁରୁଣା ଗାଡ଼ି ଦେଖିବାକୁ ମିଳୁଛି। କେତେକ ଗାଡ଼ିରେ ଇଞ୍ଜିନ୍ ନଥିବା ବେଳେ ଆଉ କେତେକରୁ ମୂଲ୍ୟବାନ ଯନ୍ତ୍ରାଂଶ ଓ ସରଞ୍ଜାମ ଖୋଲି ନିଆଯାଇଥିବା ଅଭିଯୋଗ ହେଉଛି। ନିଲାମ ପ୍ରକ୍ରିୟା ବିଳମ୍ବିତ ହେବାରୁ ଗାଡ଼ିଗୁଡ଼ିକ ବର୍ଷ ବର୍ଷ ଧରି ଖରା ଓ ବର୍ଷାରେ ପଡ଼ି ରହି ଆହୁରି ଅଚଳ ହୋଇଯାଉଛି। ଏଭଳି ପରିସ୍ଥିତିରେ ସରକାରୀ ସମ୍ପତ୍ତିର ଉପଯୁକ୍ତ ସୁରକ୍ଷା ଓ ରକ୍ଷଣାବେକ୍ଷଣ ନେଇ ପ୍ରଶ୍ନ ଉଠିଛି। ଗାଡ଼ିଗୁଡ଼ିକୁ ସମୟୋଚିତ ଭାବେ ନିଲାମ ନକରି ପକାଇ ରଖିବା ପଛରେ କ'ଣ କାରଣ ରହିଛି, ତାହା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ପଡ଼ି ରହିଥିବା ଗାଡ଼ିରୁ ମୂଲ୍ୟବାନ ପାର୍ଟସ୍ ଖୋଲି ନେଇ ବିକ୍ରି କରାଯାଉଥିବା ନେଇ କେତେକ ମହଲରେ ଅଭିଯୋଗ ଓ ଚର୍ଚ୍ଚା ହେଉଛି। କଟକ ଗ୍ରାମାଞ୍ଚଳ ପୁଲିସ ଜିଲ୍ଲା ଅଧୀନରେ ୨୧ଟି ଥାନା ରହିଛି। ଅନ୍ୟ ଜିଲ୍ଲା ତୁଳନାରେ ଏଠାରେ ପୁଲିସ ଭିତ୍ତିଭୂମି ଦୁର୍ବଳ ଥିବା ଅଭିଯୋଗ ହେଉଛି। ଏହା ସତ୍ତ୍ୱେ ଉପଲବ୍ଧ ଭିତ୍ତିଭୂମି ଓ ସରକାରୀ ସମ୍ପତ୍ତିର ଠିକ୍‌ଭାବେ ରକ୍ଷଣାବେକ୍ଷଣ ହେଉନଥିବା ନେଇ ପ୍ରଶ୍ନ ଉଠିଛି। ଏପରିକି ୧୦ରୁ ୧୨ ବର୍ଷ ପୁରୁଣା ଗାଡ଼ିଗୁଡ଼ିକ ଖରାପ ହୋଇପଡ଼ିଥିଲେ ମଧ୍ୟ ଆବଶ୍ୟକ ମରାମତି କରାଯାଉନଥିବା ଅଭିଯୋଗ ହେଉଛି। ନିୟମିତ ରକ୍ଷଣାବେକ୍ଷଣ ଓ ମରାମତିର ଅଭାବରୁ ବ୍ୟବହାରଯୋଗ୍ୟ ଗାଡ଼ିଗୁଡ଼ିକ ମଧ୍ୟ ଧୀରେଧୀରେ ଅକାମୀ ହୋଇପଡୁଥିବା କୁହାଯାଉଛି। ଏହି ସମ୍ପତ୍ତିର ସୁରକ୍ଷା ସହ ଅଚଳ ଗାଡ଼ିଗୁଡ଼ିକର ନିଲାମ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।



**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com